

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ ।।।

website : wwwödhwanipratidhwaniönet

email: pratidhwaniödhwani@gmailöcom

ବାଲେଶ୍ୱର ❑ ସୋମବାର ୦୨ ନଭେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 02 November 2026

Vol No 36 ■ No 286 ■ Price :Rs. 2.00 (8 pages) ■ RNI Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ ।।।



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarikaöinönet

ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀଙ୍କ ହୁଙ୍କାର



ନୂଆଦିଲ୍ଲୀ,୧/୧୧ : ଦିଲ୍ଲୀରେ ବଳ କଷାକଷି । ରାମଲୀଳାରୁ ହୁଙ୍କାର, ଲଢ଼େଇ ଆରପାର୍ । ବିଜେପିର ପାଲଟା ପଦଯାତ୍ରା । ଗୋଟିଏ ପଟେ ଭୋଟ ଚୋରି ଏବଂ ନିର୍ବାଚନ ଅନିୟମିତତା ଅଭିଯୋଗରେ ଶକ୍ତି ପ୍ରଦର୍ଶନ କରିଛି ଇଣ୍ଡି ମେଣ୍ଟ । ଅନ୍ୟପଟେ ଦେଶରେ ଅରାଜକତା ତଥା ବଂଶବାଦ ରାଜନୀତିକୁ ଇଣ୍ଡି ମେଣ୍ଟ ପ୍ରଶୟ ଦେଉଥିବା ଅଭିଯୋଗ ଆଣି ରାସ୍ତାକୁ ଓହ୍ଲାଇଥିଲା ବିଜେପି। ଦୁଇ ମେଣ୍ଟର ପଦଯାତ୍ରା ଓ ନାରାବାଜିରେ କମ୍ପିଥିଲା ଦିଲ୍ଲୀ । ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଏସ୍ ?ଆରଆଇ ପ୍ରତ୍ୟାହାର ଦାବିରେ ପଦଯାତ୍ରା କରିବା ସହ ରାମଲୀଳା ମଇଦାନରେ ଏକାଠି ହୋଇଥିଲେ କଂଗ୍ରେସ ଓ ତାର ସହଯୋଗୀ ଦଳ। ମହାସମାବେଶ ମଂଚରୁ ଭୋଟ୍ ବଞ୍ଚାଅ ଓ ଦେଶ ବଞ୍ଚାଅ ପାଇଁ ଆହ୍ୱାନ ଦେଇଥିଲେ ଇଣ୍ଡି ମେଣ୍ଟର ଜଣଙ୍କ ପରେ ଜଣେ ନେତା। ପଦଯାତ୍ରାରେ ସାମିଲ ହୋଇଥିବା ଲକ୍ଷାଧିକ ଲୋକଙ୍କୁ ଧନ୍ୟବାଦ ଦେବା ସହ ରାହୁଲ କହିଥିଲେ, ଏ ଭିଡ଼ ସ୍ପଷ୍ଟ ସଂକେତ ଦେଉଛି ଆପଣଙ୍କ ପାଖରେ କେତେ ବି ଟଙ୍କା ବା ଶକ୍ତି ଥାଉ, ଆପଣ ସନ୍ଧିଧାନ ଠାରୁ ବଡ଼ ନୁହେଁ । ଇଣ୍ଡି ମେଣ୍ଟର ମହାସମାବେଶକୁ କାଉଣ୍ଟର କରିବା ପାଇଁ ଦିଲ୍ଲୀରେ ରାସ୍ତାକୁ ଓହ୍ଲାଇଥିଲା ବିଜେପି। 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ସ୍ଲୋଗାନ ଦେଇ କରିଛି ପଦଯାତ୍ରା। ଶିଖ ଦଂଗା ସ୍ମୃତି ଦିବସ ପାଳନ ସହ ଏଥିପାଇଁ କଂଗ୍ରେସକୁ ଦାୟୀ କରି ଗର୍ଜିଛନ୍ତି ଶାସକ ଦଳର ନେତା। ଏଥିସହ ଇଣ୍ଡି ମେଣ୍ଟର ମହାସମାବେଶ ବିଫଳ ହୋଇଥିବା କହି କଟାକ୍ଷ କରିଛି ଶାସକ ଦଳ । ବିରୋଧୀ ଓ ଶାସକ ଦଳର ଶୋଭାଯାତ୍ରା ଯୋଗୁଁ ଠପ୍ ହୋଇଯାଇଥିଲା ରାଜଧାନୀ। ସୁରକ୍ଷା ଦୃଷ୍ଟିରୁ ପ୍ରାୟ ୧୦ ହଜାର ସୁରକ୍ଷା କର୍ମୀଙ୍କୁ ମୂତୟନ କରାଯାଇଛି। ସିସିଟିଭି ନଜରରେ ରହିଥିଲା ପୂରା ଦିଲ୍ଲୀ । ତେବେ ଏହି ମହାରାଲିର କେନ୍ଦ୍ରବିନ୍ଦୁ ଥିଲା ଝଓଜ ଅର୍ଥାତ୍ ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ ପ୍ରକ୍ରିୟା । ବିରୋଧୀଙ୍କ ଅଭିଯୋଗ, ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଦ୍ୱାରା ବହୁ ଯୋଗ୍ୟ ଭୋଟରଙ୍କ ନାଁ ତାଲିକାରୁ ବାଦ୍ ପଡ଼ିବାର ଆଶଙ୍କା ରହିଛି । ଏହା କେବଳ ଭୋଟର ତାଲିକାର ସଂଶୋଧନ ନୁହେଁ, ବରଂ ସାଧାରଣ ନାଗରିକଙ୍କ ମତଦାନ ଅଧିକାର ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ଯୁକ୍ତି ବାଢ଼ିଛନ୍ତି ବିରୋଧୀ । ସେମାନଙ୍କ ଦାବି, ଭୋଟର ତାଲିକାରେ ନାଁ ଯୋଡ଼ିବା, ବାଦ୍ ଦେବା ଏବଂ ସଂଶୋଧନ କରିବାର ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବା ଆବଶ୍ୟକ । କୌଣସି ଯୋଗ୍ୟ ଭୋଟର ଯେପରି ନିଜର ମତଦାନ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯିବା ଦରକାର । ଏହି ରାଲିରେ ◆◆ପୃଷ୍ଠା ୭

ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ: ପଦରୁ ହଟାଇଲେ ସରକାର



ଭୁବନେଶ୍ୱର, ୦୧/୧୧ (ନି.ପ୍ର): ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ପାଇଁ ବଢ଼ିଛି ଅଡୁଆ। ତାଙ୍କ ବିରୋଧରେ ଆସିଛି ସଙ୍ଗିନ ଯୌନ ନିର୍ଯାତନା ଏବଂ ଧମକ ଅଭିଯୋଗ। ଚୌଦ୍ୱାର ଜେଲର ପୂର୍ବତନ ଜେଲର ସନ୍ତୋଷିନୀ ଦାସ ଏହି ଅଭିଯୋଗ ଆଣିବା ପରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ଜେଲ୍ ଡିଜି ପଦରୁ ହଟାଇ ଦେଇଛନ୍ତି। ଅନ୍ୟପଟେ ସାଂସଦ ସୁଜିତ୍ କୁମାରଙ୍କ ଅଭିଯୋଗ ଆଧାରରେ ପାର୍ଲିଆମେଣ୍ଟାରୀ କମିଟି ପକ୍ଷରୁ ସୁଶାନ୍ତ ନାଥ ଓ ଗୃହ ସଚିବଙ୍କୁ ହାଜିରା ପାଇଁ ନୋଟିସ୍ ଜାରି କରାଯାଇଛି। ସନ୍ତୋଷିନୀ ଦାସ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, କାର୍ଯ୍ୟକ୍ଷେତ୍ରରେ ତାଙ୍କୁ କ୍ରମାଗତ ଭାବେ ଯୌନ ନିର୍ଯାତନା ଦିଆଯାଉଥିଲା ଏବଂ କଥା ନମାନିଲେ କ୍ୟାରିୟର ଶେଷ କରିଦେବାକୁ ଧମକ ଦିଆଯାଉଥିଲା। ବିଭିନ୍ନ ସମୟରେ ତାଙ୍କୁ ହୋଟେଲକୁ ଆସିବା ପାଇଁ ଡକାଯାଉଥିଲା। ଯେତେବେଳେ ସେ ଏହି ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଥିଲେ, ସେତେବେଳେ ତାଙ୍କୁ ନାନା ଉପାୟରେ ମାନସିକ ଓ ପ୍ରଶାସନିକ ସ୍ତରରେ ହଇରାଣ କରାଯାଇଥିଲା। ଗତ ୭ ଓ ୮ ସେପ୍ଟେମ୍ବର ୨୦୨୬ରେ ଅନୁଷ୍ଠିତ ଏକ ବୈଠକରେ ସୁଶାନ୍ତ ନାଥ ତାଙ୍କୁ ସିଧାସଳଖ କହିଥିଲେ ଯେ, "ଯଦି ତୁମେ ମୋତେ ଭେଟିବାକୁ ଆସିଥାନ୍ତ, ତେବେ ଆଜି ଏସବୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିନଥାନ୍ତା।" ଏହି ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିବା ପରେ ପୁଲିସ୍ ତୁରନ୍ତ ଆକ୍ସନ ମୋଡ୍‌କୁ ଆସିଛି। ଚୌଦ୍ୱାର ଥାନାରେ ସୁଶାନ୍ତ ନାଥଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୭୫(୨) (ଯୌନ ନିର୍ଯାତନା), ୩୫୧(୨) (ଧମକ ଦେବା) ଏବଂ ୩(୫) (ପୂର୍ବ ଯୋଜନା ଅନୁଯାୟୀ ଅପରାଧ) ଅଧୀନରେ ମାମଲା ରୁଜୁ ହୋଇଛି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତାଙ୍କୁ ତୁରନ୍ତ ଜେଲ୍ ଡିଜି ଦାୟିତ୍ୱରୁ ଅନ୍ତର କରି ଗୃହ ବିଭାଗରେ ଅଫିସର ଅନ୍ ସ୍ପେଶାଲ୍ ଡ୍ୟୁଟି ଭାବେ ନୂତନ ନିଯୁକ୍ତି ଦେଇଛନ୍ତି। ଅନ୍ୟପକ୍ଷରେ, ରାଜ୍ୟସଭା ସାଂସଦ ସୁଜିତ୍ କୁମାରଙ୍କ ଅଭିଯୋଗ କ୍ରମେ ସଂସଦୀୟ କମିଟି ମଧ୍ୟ ଏହି ମାମଲାରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ସୁଶାନ୍ତ ନାଥଙ୍କୁ ପାର୍ଲିଆମେଣ୍ଟ କମିଟି ଆଗରେ ହାଜର ହେବା ପାଇଁ ସମନ ଜାରି କରାଯାଇଛି।

◆◆ପୃଷ୍ଠା ୭

ବାତ୍ୟା ଅର୍ଣ୍ଣବ ଓ ବନ୍ୟା କ୍ଷତିଗ୍ରସ୍ତ ପାଇଁ ଘୋଷଣା ହେଲା ପ୍ରଥମ ପର୍ଯ୍ୟାୟ ସହାୟତା ପ୍ୟାକେଜ୍

■ପ୍ରତି ପ୍ରଭାବିତ ପରିବାରକୁ ୫୦କିଗ୍ରା ଚାଉଳ, ୨୫୦୦ ଟଙ୍କା

■ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ୮୫୦୦ ଟଙ୍କା

■ସମତଳ ଅଂଚଳରେ ଘର ଭାଙ୍ଗିଥିଲେ ୧ ଲକ୍ଷ ୨୦ ହଜାର ଟଙ୍କା

■ଉଠା ଦୋକାନୀ, ଅସ୍ଥାୟୀ ଷ୍ଟଲ୍ ପାଇଁ ୧୦ ହଜାର ଟଙ୍କା



ଭୁବନେଶ୍ୱର, ୦୧/୧୧ (ନି.ପ୍ର): ଆଜି(ରବିବାର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବାତ୍ୟା ଅର୍ଣ୍ଣବ ପ୍ରଭାବରୁ ପ୍ରବଳ ବର୍ଷାରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ପ୍ରତ୍ୟେକ ପ୍ରଭାବିତ ପରିବାରକୁ ୫୦ କେଜି ଚାଉଳ, ୨୫୦୦ ଟଙ୍କା ମିଳିବ। ତେବେ କ୍ଷୟକ୍ଷତିର ଆକଳନ ହୋଇନଥିବାରୁ ସମ୍ପୂର୍ଣ୍ଣ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ସହାୟତା ପ୍ୟାକେଜ୍ ଘୋଷଣା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସହାୟତା ପ୍ୟାକେଜ୍ ଘୋଷଣା ପୂର୍ବରୁ ଆଜି ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ବାତ୍ୟା ଅର୍ଣ୍ଣବ ଓ ତା'ର ପରବର୍ତ୍ତୀ ପରିସ୍ଥିତିରେ ରିଲିଫ, ପୁନନିର୍ମାଣ ଓ କ୍ଷୟକ୍ଷତି ଆକଳନ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ ଅରବିନ୍ଦ ପାଢୀ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅର୍ଣ୍ଣବର ପ୍ରଭାବ ଓ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସେ କେନ୍ଦ୍ର ସରକାରଙ୍କ ସହିତ ନିୟମିତ ଯୋଗାଯୋଗରେ ଅଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହିତ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଆସନ୍ତା ନଭେମ୍ବର ୨ ତାରିଖ ଦିନ ଓଡିଶାରେ କ୍ଷୟକ୍ଷତି ଆକଳନ କରିବା ପାଇଁ, ବିଶେଷ କରି ଅଧିକ ପ୍ରଭାବିତ ଗଞ୍ଜାମ, ◆◆ପୃଷ୍ଠା ୭

ମାଡ଼ି ଆସୁଛି ମୁରାସୁ: ଦକ୍ଷିଣ ଓଡ଼ିଶାରେ ଛନକା



ଭୁବନେଶ୍ୱର, ୦୧/୧୧ (ନି.ପ୍ର): ମାଡ଼ି ଆସୁଛି ମୁରାସୁ । ଦକ୍ଷିଣ ଓଡ଼ିଶାରେ ଛନକା । ଗଞ୍ଜାମ, ଗଜପତିକୁ ଅଧିକ ବର୍ଷା ବିପଦ । ବାତ୍ୟା ମୁରାସୁ ଅଧିକ ଘନୀଭୂତ ହେଇ ଆସନ୍ତାକାଲି ସୁଦ୍ଧା ଭୀଷଣ ବାତ୍ୟାର ରୂପ ନେବ । ମଙ୍ଗଳବାର ସକାଳୁ ଆନ୍ଧ୍ରପ୍ରଦେଶ ର ନେଲୋର ଓ ନରସାପୁର ମଝିରେ ଲ୍ୟାଣ୍ଡଫଲ କରିବ । ପବନର ବେଗ ସର୍ବାଧିକ ଘଣ୍ଟାପ୍ରତି ୧୨୦କିଲୋମିଟର ରହିବାର ସମ୍ଭାବନା ରହିଛି । ନଭେମ୍ବର ୨ରୁ ଆରମ୍ଭ ହେବ ବର୍ଷାର ପ୍ରଭାବ। ଆଉ ୩ ଓ ୪ ତାରିଖରେ ପାଣିପାଗର ରହିବ ରୁଦ୍ର ରୂପ। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଏହି ୫ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ। ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ିର ଆଶଙ୍କା। ଦକ୍ଷିଣ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଅଞ୍ଚଳରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ୫ଟକା ପବନ ଘଣ୍ଟାପ୍ରତି ୬୦ କିଲୋମିଟର ଛୁଇଁପାରେ । ବର୍ଷା ବଢ଼ିଲେ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ। ତଳିଆ ଅଞ୍ଚଳରେ ଜଳବନ୍ଦୀର ଆଶଙ୍କା। ତେଣୁ ସତର୍କ ରହିବାକୁ ପାଣିପାଗ ବିଭାଗର ପରାମର୍ଶ । ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ତତ୍ପର ରାଜ୍ୟ ସରକାର। ରାଜସ୍ୱ ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା ବୈଠକ ପରେ ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ। ଗଜପତି ଜିଲ୍ଲାରେ ଚିହ୍ନଟ ହୋଇଛି ୧୫୦ଟି ସମ୍ବେଦନଶୀଳ ସ୍ଥାନ। ଆରମ୍ଭ ହୋଇଛି ସ୍ଥାନାନ୍ତର ପ୍ରକ୍ରିୟା। ସୋମବାର ମଧ୍ୟାହ୍ନ ସୁଦ୍ଧା ସ୍ଥାନାନ୍ତର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ। ନଭେମ୍ବର ୫ରୁ କମିପାରେ ବର୍ଷାର ପ୍ରକୋପ। ହେଲେ ତା' ପୂର୍ବରୁ ୩ ଓ ୪ ତାରିଖ ଦକ୍ଷିଣ ଓଡ଼ିଶା ପାଇଁ ଅଗ୍ନିପରୀକ୍ଷା । ଆସୁଥିବା ବାତ୍ୟା ଆନ୍ଧ୍ରରେ ମାଡ଼ ହେବ କିନ୍ତୁ ଏହାର ପ୍ରଭାବରେ ଓଡ଼ିଶାରେ ବର୍ଷାର ବିପଦକୁ ନେଇ ବଢ଼ିଛି ଚିନ୍ତା । ବିଶେଷକରି ଭୂସ୍ଖଳନପ୍ରବଣ ଅଞ୍ଚଳର ଲୋକଙ୍କୁ ସାବଧାନ ରହିବାକୁ ଦିଆଯାଇଛି ନିର୍ଦ୍ଦେଶ । ସେପଟେ ମତ୍ସ୍ୟଜୀବୀଙ୍କ ପାଇଁ ବି ସତର୍କ ସୂଚନା। ନଭେମ୍ବର ୨ରୁ ୪ ତାରିଖ ଯାଏଁ ସମୁଦ୍ର ମନା। ସମୁଦ୍ର ଭିତରେ ଥିବା ମତ୍ସ୍ୟଜୀବୀଙ୍କୁ ତୁରନ୍ତ କୂଳକୁ ଫେରିବାକୁ ପରାମର୍ଶ ।

ବାଲିଅନ୍ତା ସୌମ୍ୟ ହତ୍ୟା ମାମଲା: ବାଲେଶ୍ୱରରୁ ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ବାଲିଅନ୍ତା ସୌମ୍ୟ ରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚକୁ ଆଉ ଏକ ସଫଳତା ମିଳିଛି। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଚିନ୍ମୟ ମହାନ୍ତିଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ । ବାଲେଶ୍ୱରରୁ ତାଙ୍କୁ ଗିରଫ କରାଯାଇଛି । ଚିନ୍ମୟଙ୍କ ବିରୋଧରେ ମିଳିଥିବା ପ୍ରମାଣ ଆଧାରରେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି । ଚିନ୍ମୟଙ୍କ ଗିରଫଦାରୀକୁ ମିଶାଇ ଏହି ହତ୍ୟା ମାମଲାରେ ଏଯାଏଁ ମୋଟ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିସାରିଛି କ୍ରାଇମବ୍ରାଞ୍ଚ । ମାମଲାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ତଦନ୍ତ ଜାରି ରହିଛି । ◆◆ପୃଷ୍ଠା ୭

ସମ୍ଭାବ୍ୟ ବାତ୍ୟା ନେଇ ଗଜପତିରେ ୧୫୦ ଭୂସ୍ଖଳନ ସ୍ଥାନ ଚିହ୍ନଟ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ନେଇ ଗଜପତିରେ ୧୫୦ ଭୂସ୍ଖଳନ ସ୍ଥାନ ଚିହ୍ନଟ କରାଯାଇଛି । ଆଉ ଏକ ସମ୍ଭାବ୍ୟ ବାତ୍ୟାକୁ ନେଇ ପ୍ରସ୍ତୁତି ସଂପର୍କରେ ଏସଆରସି ରାଜେଶ ପ୍ରଭାକର ପାଟିଲ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଗଜପତିରେ ୧୫୦ ଭୂସ୍ଖଳନ ସ୍ଥାନ ଚିହ୍ନଟ କରାଯାଇଛି । ସନ୍ଧ୍ୟା ସୁଦ୍ଧା ସ୍ଥାନାନ୍ତର କାମ ଆରମ୍ଭ ହୋଇଯିବ । ବାତ୍ୟାକୁ ଦୃଷ୍ଟିରେ ରଖି ରିଲିଫ୍‌କୁ ଆହୁରି ଅଧିକ ମାତ୍ରାରେ ଷ୍ଟକ୍ କରାଯିବ ।

ରୁଷର ତୈଳ ବିଶୋଧନାଗାର ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ: ୧୦୦ରୁ ଅଧିକ ଡ୍ରୋନ୍ ଖସାଇଲା ମସ୍କୋ



ନୂଆଦିଲ୍ଲୀ,୧/୧୧ : ରୁଷ-ୟୁକ୍ରେନ୍ ଯୁଦ୍ଧ ଦିନକୁ ଦିନ ଭୟଙ୍କର ରୂପ ନେଉଥିବା ବେଳେ ରୁଷର ଏକ ପ୍ରମୁଖ ତୈଳ ବିଶୋଧନାଗାରକୁ ଟାର୍ଗେଟ୍ କରିଛି ୟୁକ୍ରେନ୍ । ରୁଷର ନିଜ୍ନି ନୋଭଗୋରୋଡ୍ ଅଞ୍ଚଳର କସଟୋଭୋ ଜିଲ୍ଲାରେ ଥିବା ଏହି ତୈଳ ବିଶୋଧନାଗାର ଉପରେ ରାତିସାରା ଡ୍ରୋନ୍ ଆକ୍ରମଣ ହୋଇଥିବା ନେଇ ରୁଷ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପଟେ, ୟୁକ୍ରେନର ଏହି ଆକ୍ରମଣକୁ ପଣ୍ଡ କରିବା ପାଇଁ ରୁଷର ବାୟୁ ପ୍ରତିରକ୍ଷା ବାହିନୀ ୧୦୦ରୁ ଅଧିକ ଡ୍ରୋନ୍ ଧ୍ୱଂସ କରିଥିବା ଦାବି କରିଛି ମସ୍କୋ । ନିଜ୍ନି ନୋଭଗୋରୋଡ୍ ଅଞ୍ଚଳର ରାଜ୍ୟପାଳ ଗ୍ଲେବ୍ ନିକିତିନ୍ କହିଛନ୍ତି ଯେ, ରାତିରେ ହୋଇଥିବା ଡ୍ରୋନ୍ ଆକ୍ରମଣରେ କସଟୋଭୋ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଛି । ତେବେ ପ୍ରାଥମିକ ରିପୋର୍ଟ ଅନୁଯାୟୀ, ଏହି ଆକ୍ରମଣରେ କୌଣସି ଜୀବନହାନି ହୋଇନାହିଁ । ରୁଷ ପକ୍ଷରୁ ଏହାକୁ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ ବୋଲି କୁହାଯାଇଥିବା ବେଳେ ୟୁକ୍ରେନ୍ ଗଣମାଧ୍ୟମ ନିଜ ସେନା ରୁଷର ଗୁରୁତ୍ୱପୂର୍ଣ୍ଣ ତୈଳ ବିଶୋଧନାଗାରକୁ ସଫଳତାର ସହ ଟାର୍ଗେଟ୍ କରିଥିବା ଦାବି କରିଛି । ରୁଷର ବରିଷ୍ଠ ଅଧିକାରୀ ଆଲେକ୍ସଜାଣ୍ଡାର୍ ନୋଭାକ୍ ମଧ୍ୟ ଏହି ଆକ୍ରମଣକୁ ନେଇ ପ୍ରତିକ୍ରିୟା ରଖିଛନ୍ତି । ସରକାରୀ ଟେଲିଭିଜନକୁ ସୂଚନା ଦେଇ ସେ କହିଛନ୍ତି ଯେ, କିଛି ଦିନର ବିରାମ ପରେ ୟୁକ୍ରେନ୍ ପୁଣି ଥରେ ରୁଷର ଶକ୍ତି ଭିତ୍ତିଭୂମିକୁ ◆◆ପୃଷ୍ଠା ୭

ଇରାନକୁ ପୁଣିଥରେ କଡ଼ା ଚେତାବନୀ: ଅତି କମ୍ ସମୟରେ ଧ୍ୱଂସ କରିଦେବି



ନୂଆଦିଲ୍ଲୀ,୧/୧୧ : ଇରାନକୁ ନେଇ ପୁଣିଥରେ କଡ଼ା ଚେତାବନୀ ଦେଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଇରାନରେ ଆଉ "ଗୋଟିଏ କିମ୍ବା ଦୁଇଟି ଟାର୍ଗେଟ୍" ରହିଛି, ଯାହାକୁ ଆମେରିକା ଆବଶ୍ୟକ ପଡ଼ିଲେ ଅତି କମ୍ ସମୟରେ ଧ୍ୱଂସ କରିପାରିବ ବୋଲି ସେ କହିଛନ୍ତି । ଟ୍ରମ୍ପଙ୍କ ଏହି ମନ୍ତବ୍ୟ ପରେ ଇରାନ ଓ ଆମେରିକା ମଧ୍ୟରେ ପୁଣି ଏକ ନୂଆ ସାମରିକ ସଂଘର୍ଷର ଆଶଙ୍କା ବଢ଼ିଛି । ଫ୍ଲୋରିଡାରେ ସାମ୍ବାଦିକଙ୍କ ସହ କଥାହେବା ସମୟରେ ଟ୍ରମ୍ପ କହିଛନ୍ତି ଯେ ଆମେରିକା ଇରାନର ସାମରିକ କ୍ଷମତା ଓ ପରମାଣୁ କାର୍ଯ୍ୟକ୍ରମକୁ ଗୁରୁତର ଭାବେ ଦୁର୍ବଳ କରିସାରିଛି । ତଥାପି କିଛି ସ୍ଥାନ ଏବେବି ଆମେରିକାର ନଜରରେ ରହିଛି । ବିଶେଷକରି ନାତାଞ୍ଜ ପରମାଣୁ କେନ୍ଦ୍ର ନିକଟରେ ଥିବା ସନ୍ଦେହଜନକ ଭୂଗର୍ଭ ପରମାଣୁ କମ୍ପ୍ଲେକ୍ସ 'ପିକ୍‌ଆକ୍ସ ମାଉଣ୍ଟେନ୍' ବିଷୟରେ ସେ ଉଲ୍ଲେଖ କରିଛନ୍ତି । ଏହି ସ୍ଥାନକୁ ମଧ୍ୟ "ସମ୍ଭାଳିବାକୁ" ପଡ଼ିବ ବୋଲି ଟ୍ରମ୍ପ କହିଛନ୍ତି । ଟ୍ରମ୍ପଙ୍କ ଏହି ଚେତାବନୀର ଠିକ୍ ପୂର୍ବରୁ ଇରାନର ସୁପ୍ରିମ୍ ଲିଡର୍ ମୋଜତବା ଖାମେନେଇ ମଧ୍ୟ ଆମେରିକା ଓ ଇସ୍ରାଏଲକୁ କଡ଼ା ସନ୍ଦେଶ ଦେଇଥିଲେ ।

◆◆ପୃଷ୍ଠା ୭

ଭବାନୀପାଟଣାଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

ଭବାନୀପାଟଣା,୧/୧୧ (ନି.ପ୍ର): ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ, ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତାରା ଜସ୍ମିନ୍ ଗୁଡ଼ିଆ, ସଭାର ଅଧକ୍ଷ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନ ଏବଂ ମୁଖ୍ୟବକ୍ତା ରୂପେ ଡଃ. ଉମେଶ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ। ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ସମସ୍ତଙ୍କୁ ସ୍ୱାଗତ କରି ଦିବସ ପାଳନ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । ଡିଏସପି ଭିଜିଲାନ୍ସ ପ୍ରଦୀପ କୁମାର ଆଇନ୍ଦ ଦୁର୍ନୀତି ନିବାରଣ କଳାହାଣ୍ଡି ଶାଖା ତରଫରୁ ଗତ ୨୬ ତାରିଖରୁ ଚାଲିଥିବା ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ ସହ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଜିଲ୍ଲାପାଳଙ୍କ ନେତୃତ୍ୱରେ ସମସ୍ତେ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରିଥିଲେ । ସଭାରେ ସମସ୍ତ କର୍ମଚାରୀମାନଙ୍କୁ ବୃତ୍ତିଗତ ଓ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା, ଅସଦ ଉପାୟରେ ଧନ ଅର୍ଜନ କରିବାକୁ ବର୍ଜନ, ଆଇନ ଶାସନକୁ ଅନୁପାଳନ, ନିଜର ଦାୟିତ୍ୱକୁ ସାଧୁତା ଓ ସ୍ୱଚ୍ଛତା ସହ ସମ୍ପାଦନା କରିବା, ଉତ୍କୋଚ ଗ୍ରହଣ ନ କରିବା ଏବଂ ନ ଦେବା, ଜନସାଧାରଣଙ୍କ ହିତ ପାଇଁ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଥିଲା। ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ଅନ୍ୟ ଅତିଥି ମାନେ ନିଜ ବକ୍ତବ୍ୟରେ ଲାଞ୍ଚ ଦେଇ ଶୀଘ୍ର କାର୍ଯ୍ୟ କରିବାର ମାନସିକତାକୁ ପରିହାର କରିବା, ନିଜ ଜୀବନରେ ସାଧୁତା ଓ ସ୍ୱଚ୍ଛତାକୁ ବଜାୟ ରଖିବା, ଯୁବସମାଜର ଚରିତ୍ର ଗଠନ ଓ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ, ଦୁର୍ନୀତି ବିଭାଗର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି ସମସ୍ତେ ସ୍ୱଚ୍ଛତା ଓ ସାଧୁତାକୁ ଆୟୁଧ କଲେ ଦୁର୍ନୀତିମୁକ୍ତ ସମାଜ ଗଠନରେ ସହାୟକ ହୋଇପାରିବା ବୋଲି କହିଥିଲେ। ଏହି ଅବସରରେ ସକାଳ ୮ଟା ୩୦ ସମୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଏକ ବିଶାଳ ଶୋଭାଯାତ୍ରା ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, 'ମାଇଁ ଭାରତ 'ଯୁବକବୃନ୍ଦ, ମିଶନ୍ ଶକ୍ତି, ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଏକ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରଓ୍ୱାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ସହର ପରିକ୍ରମା କରି ସଚେତନତା ସୃଷ୍ଟି ଏବଂ ମାଇକ ଦ୍ୱାରା ସ୍ଲୋଗାନ ଦିଆଯାଇ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ପହଞ୍ଚିଥିଲା। ସପ୍ତାହ ପାଳନ ଅବସରରେ ଗତ ୨୬ ତାରିଖରେ ଜିଲ୍ଲାର ସମସ୍ତ ବ୍ଲକ୍, ତହସିଲ, ଜିଲ୍ଲା କାର୍ଯ୍ୟାଳୟ ମାନଙ୍କରେ କର୍ମଚାରୀମାନେ ଶପଥ ପାଠ କରିଥିଲେ । ଗତ ୨୭ ତାରିଖରେ ସମସ୍ତ ଓସ୍ୱନ ହଲ୍ ଠାରେ ମୁଖ୍ୟମନ୍ତ୍ରୀଙ୍କ ସହ ଶପଥ ପାଠ ଓ ଦିବସ ପାଳନ ଉତ୍ସବରେ ଆଭାସୀ ମାଧମରେ ଯୋଗ ଦେଇଥିଲେ। ସମସ୍ତ ବ୍ଲକରେ ସପ୍ତାହ ବ୍ୟାପି ସଚେତନତା ଗ୍ରାମସଭା, ପ୍ରତିଯୋଗିତା, ସଭା କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ଗତ ୨୯ ତାରିଖ ଏବଂ ୩୦ ତାରିଖରେ କଲେଜ ଓ ହାଇସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ ଓ କାର୍ଟୁନ୍/ କାପ୍ସନ ପ୍ରତିଯୋଗିତାର ଉତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ଗଣ ପୁରସ୍କୃତ କରିଥିଲେ। ଏହି ଅବସରରେ ରାଷ୍ଟ୍ରିୟ ଏକତା ଦିବସର ଶପଥ ପାଠ କରାଯାଇଥିଲା। ଡି ଆଇ ପି ଆର୍ ଓ ମନୋଜ ବେହେରା ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଏ ଡି ଏମ ଓ ଡ଼ ନିହାରେନ୍ଦ୍ର ପଣ୍ଡା, ସହ ନିର୍ଦ୍ଦେଶକ ସଞ୍ଜୟ ଏବଂ ଆର୍ଥିକ ସେବା ବିବେକାନନ୍ଦ ମହାନନ୍ଦ, ଡି ଡି ,ପ୍ଲାନିଂ ଶ୍ରୀକାନ୍ତ ଦଳେଇ,ଡି ଏସ ଏସ ଓ ଦିନେଶ କୁମାର କହଁର, ଡି ପି ଇ ଓ ରୂପ ସିଂ ରାଉତଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସହରର ବୁଦ୍ଧିଜୀବି, ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଭିଜିଲାନ୍ସ ବିଭାଗ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ବାତ୍ୟା 'ଅର୍ଣ୍ଣବ' ମୁକାବିଲାରେ ବ୍ରହ୍ମପୁର ମହାନଗର ନିଗମର ରିଲିଫ୍ ଓ ଜଳ ନିଷ୍କାସନ କାର୍ଯ୍ୟ ଜାରି

ଗଂଜାମ,୧/୧୧ (ନି.ପ୍ର): ଲଗାଣ ବର୍ଷା ଓ ପ୍ରବଳ ପବନ ଯୋଗୁଁ ବ୍ରହ୍ମପୁର ସହରର ବିଭିନ୍ନ ଅଞ୍ଚଳରେ ସ୍ୱାଭାବିକ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଥିବା ବେଳେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ରିଲିଫ୍ ଓ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସହରର ଜଳବନ୍ଦୀ ଅଞ୍ଚଳ ଯଥା ଜଳେଶ୍ୱର ବିହାର, ବ୍ରହ୍ମାପଲ୍ଲୀ, ବୈଷ୍ଣବ ନଗର, ପୂର୍ଣ୍ଣବାସୀ କଲୋନୀ, ନୀଳାଞ୍ଚଳ ନଗର ଆଦି ବିଭିନ୍ନ ସ୍ଥାନରେ ପ୍ରାୟ ୭୦୦ଟି ପରିବାରକୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଡେପୁଟି ମେୟର ଶ୍ରୀ ଇ. ବିବେକ ରେଡ୍ଡୀ, ଆୟୁକ୍ତ ଶ୍ରୀମତୀ ଏ. ସସ୍ୟ ରେଡ୍ଡୀ ଏବଂ ମହାନଗର ନିଗମର ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରିଛନ୍ତି। ପର୍ଯ୍ୟାୟକ୍ରମେ ଅନ୍ୟ ଅଞ୍ଚଳରେ ମଧ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ କରାଯିବବୋଲି ନିଗମ ପକ୍ଷରୁ କୁହାଯାଇଛି ।ସେହିପରି ପ୍ରବଳ ବର୍ଷା ଓ ପବନ ଯୋଗୁଁ ଜାତୀୟ ରାଜପଥର ହଳଦିଆପଦରଠାରୁ ଗୋଳନ୍ଥରା ରାସ୍ତାରେ ଅଟକି ରହିଥିବା ଟ୍ରକ୍ ଚାଳକମାନଙ୍କୁ ମଧ୍ୟ ନିଗମ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା। ସେଠାରେ ଅଟକି ରହିଥିବା ଟ୍ରକ୍ ଚାଳକମାନଙ୍କୁ ପ୍ରାୟ ୧୦୦ଟି ରନ୍ଧା ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା ।ସହରର ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସମସ୍ୟାର ସମାଧାନ ନିମନ୍ତେ ନିଗମ ପକ୍ଷରୁ ସେସ୍ପୁଲ୍ ଗାଡ଼ି ଏବଂ ପମ୍ପ ନିୟୋଜିତ କରାଯାଇ ଜଳ ନିଷ୍କାସନ କାର୍ଯ୍ୟ କରାଯାଇଥିଲା। ରଘୁପତି ନଗର, ଶାନ୍ତି ନଗର, ଗଜପତି ନଗର, ଚଣ୍ଡୀମନ୍ଦିର ସାହି, ଅନ୍ଧପସରା ରୋଡ୍, ବ୍ରହ୍ମା ନଗର, ବ୍ରଜ ନଗର, ଖୋଡ଼ାସିଂହୀରୁ ଆମ୍ବପୁଆ ରାସ୍ତା ଏବଂ ଧୋବାବନ୍ଧ ହୁଡ଼ା ଆଦି ଅଞ୍ଚଳରେ ନିରନ୍ତର ଭାବେ ଜଳ ନିଷ୍କାସନ କରାଯାଇଥିଲା। ଫଳରେ ରାସ୍ତା ଓ ଘରଗୁଡ଼ିକରେ ଜମି ରହିଥିବା ବର୍ଷାଜଳ ନିଷ୍କାସନ କରି ଯାତାୟାତକୁ ସ୍ୱାଭାବିକ କରିବା ଦିଗରେ ପଦକ୍ଷେପ ନିଆଯାଇଥିଲା। ସେହିପରି ପ୍ରବଳ ବର୍ଷା ଓ ପବନ ଯୋଗୁଁ ସହରର ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ସହ ବିପଦପୂର୍ଣ୍ଣ ଭାବେ ଡାଳଗୁଡ଼ିକ ଝୁଲି ରହିଥିଲା। ଓଡ୍ରାଫ୍ ଟିମ୍, ଟିପିଏସ୍ଓଡିଏଲ୍ ଏବଂ ବ୍ରହ୍ମପୁର ମହାନଗର ନିଗମର ବିଦ୍ୟୁତ୍ ବିଭାଗର ସହଯୋଗରେ ବିଜୟ ବିହାର, ଖୋଡ଼ାସିଂହୀ, ବାସୁଦେବ ନଗର ଆଦି ଅଞ୍ଚଳରେ ରାସ୍ତା ଉପରେ ପଡ଼ିଥିବା ଗଛ ଓ ବିପଦପୂର୍ଣ୍ଣ ଡାଳଗୁଡ଼ିକୁ ତ୍ୱରିତ କାଟି ସଫା କରାଯାଇଥିଲା। ଫଳରେ ରାସ୍ତାରେ ଯାତାୟାତକୁ ସ୍ୱାଭାବିକ କରିବା ସହ ଜନସାଧାରଣଙ୍କ ସୁରକ୍ଷା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଥିଲା ।ଏଥିସହ ବିଜୟ ବିହାର ଅଞ୍ଚଳର ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ବ୍ରହ୍ମପୁର ମହାନଗର ନିଗମର ମେଡିକାଲ୍ ଟିମ୍ ପକ୍ଷରୁ ଉଦ୍ଧାର କରାଯାଇ ଆବଶ୍ୟକୀୟ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ନିଆଯାଇଥିଲା। ବିପର୍ଯ୍ୟୟ ସମୟରେ ଅସହାୟ ଓ ବିପଦସଂକୁଳ ଅବସ୍ଥାରେ ଥିବା ଲୋକଙ୍କୁ ତ୍ୱରିତ ସହାୟତା ପ୍ରଦାନ କରିବା ଉପରେ ନିଗମ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଅନ୍ୟପକ୍ଷରେ ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ଲୋକଙ୍କ ନିମନ୍ତେ ସହରର ୧୨ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରାୟ ୯୦୦ ଜଣଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ଏହି ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଆୟୁକ୍ତ ଶ୍ରୀମତୀ ଏ. ସସ୍ୟ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ନିଗମର ଅଧିକାରୀ ଓ କର୍ମଚାରୀମାନଙ୍କ ସକ୍ରିୟ ସହଯୋଗରେ ପରିଚାଳିତ ହୋଇଥିଲା। ଆଶ୍ରୟସ୍ଥଳୀଗୁଡ଼ିକରେ ରହୁଥିବା ପ୍ରଭାବିତ ଲୋକଙ୍କ ଖାଦ୍ୟପେୟ ଓ ଆବଶ୍ୟକୀୟ ସୁବିଧା ସୁଯୋଗ ପ୍ରତି ନିଗମ ପକ୍ଷରୁ ଯତ୍ନ ନିଆଯାଉଛି ।ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ପ୍ରବଳ ବର୍ଷା ଓ ପବନ ଯୋଗୁଁ ରାସ୍ତା, ଡ୍ରେନ୍ ଓ ଅନ୍ୟାନ୍ୟ ନାଗରିକ ସୁବିଧାର ହୋଇଥିବା କ୍ଷୟକ୍ଷତି ଆକଳନ କରିବାକୁ ଆୟୁକ୍ତ ଶ୍ରୀମତୀ ଏ. ସସ୍ୟ ରେଡ୍ଡୀ ଇଞ୍ଜିନିୟରିଂ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଯଥାଶୀଘ୍ର କ୍ଷୟକ୍ଷତିର ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ଆଧାରରେ ସହରର ନାଗରିକ ଭିତ୍ତିଭୂମିର ପୁନରୁଦ୍ଧାର ଓ ଆବଶ୍ୟକୀୟ ମରାମତି ନିମନ୍ତେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

ଶିକ୍ଷାମନ୍ଦିର ହେଉଛି କୃତଜ୍ଞତାର ପବିତ୍ରତମ ପୀଠ

ଜୟକୃଷ୍ଣ କୃପାସିନ୍ଧୁ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ଜରୁରିକାଳୀନ ବୈଠକ



ଭଦ୍ରକ/ବାସୁଦେବପୁର/ପଦ୍ମପୁର,୧/୧୧ (ନି.ପ୍ର): ପଦ୍ମପୁରର ସର୍ବପୁରାତନ ଶିକ୍ଷାମନ୍ଦିର ଭାବେ ଦଣ୍ଡାୟମାନ ଥିବା ଜୟକୃଷ୍ଣ କୃପାସିନ୍ଧୁ ହାଇସ୍କୁଲ ପରିସରରେ ରବିବାର ପୂର୍ବାହ୍ଣରେ ପୁରାତନ ଛାତ୍ରସଂସଦର ଏକ ଗୁରୁତ୍ୱପୂର୍ଣ୍ଣ ଜରୁରିକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ମହାମିଳନ ଉତ୍ସବକୁ ସୁଚାରୁ ରୂପେ ପରିଚାଳନା କରିବା ଏବଂ ପ୍ରାକ୍-ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସଂସଦର ସଭାପତି ରମାକାନ୍ତ ନାୟକ ପୌରୋହିତ୍ୟ କରିଥିଲେ। ମଞ୍ଚାସୀନ ବରିଷ୍ଠ ସଦସ୍ୟ ଭାବେ ନିତ୍ୟାନନ୍ଦ ଦାସ, ସୁଧାଂଶୁ ଶେଖର ନାୟକ, ରମାକାନ୍ତ ରାଉତ ଓ ରମେଶ ଚନ୍ଦ୍ର ବଳ ଯୋଗଦେଇ ଅନୁଷ୍ଠାନର ଆଗାମୀ ମହାମିଳନ ଉତ୍ସବ କେବଳ ଔପଚାରିକତା ନୁହେଁ, ବରଂ ବିଦ୍ୟାଳୟ ପ୍ରତି ପୁରାତନ ଛାତ୍ରଛାତ୍ରୀଙ୍କ ଭାବପୂର୍ଣ୍ଣ କୃତଜ୍ଞତା ଜ୍ଞାପନ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ବୈଠକରେ ଉତ୍ସବର ଆଭିମୁଖ୍ୟ ଓ ଏହାର ସଫଳତା ପାଇଁ ଆନ୍ତରିକତା ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରାଯିବା ସହିତ ସୁବ୍ୟବସ୍ଥିତ ପରିଚାଳନା, କମିଟି ସଂସ୍କାର, ସଦସ୍ୟତା ଗ୍ରହଣ, ଅର୍ଥସଂଗ୍ରହ ଓ ସ୍ମରଣିକା ପ୍ରକାଶନ ଇତ୍ୟାଦି ବିଷୟରେ ଗଠନମୂଳକ ଆଲୋଚନା କରାଯାଇଥିଲା। ବାକବିତଣ୍ଡା ଓ ଅହଂଭାବ ପରିହାର କରି ନମ୍ରତା ଓ ଭାତୃଭାବର ସହ କାର୍ଯ୍ୟ କରିବାକୁ ଉପସ୍ଥିତ ସଦସ୍ୟମାନେ ସଂକଳ୍ପ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପୀନାଥ ନାୟକ, ସଞ୍ଜୀବ କୁମାର ନାୟକ, ପ୍ରଫୁଲ୍ଲ ରାୟ, ଲକ୍ଷ୍ମୀଧର ନାୟକ, ଅଜୟ କୁମାର ଦାସ, ପୃଥ୍ୱୀରାଜ ବିଶ୍ୱାଳ, ସୁବାସ ଚନ୍ଦ୍ର ନାୟକ, ସତ୍ୟସୁନ୍ଦର ସାହୁ, ସୁବାସ ଚନ୍ଦ୍ର ଦାଶ, ବିକ୍ରମ କେଶରୀ ଦାସ, ପ୍ରତାପ ଚନ୍ଦ୍ର ନାୟକ, ରଞ୍ଜନ କୁମାର ଦାସ, ଅଧ୍ୟାପକ ତପନ କୁମାର ନାୟକ, ମନୋରଞ୍ଜନ ନାୟକ, ଅଧ୍ୟାପକ କୁସୁମ କୁମାର ନାୟକ, ଡ. ବିଶ୍ୱରଂଜନ ଦାସ, ଅରୁଣ କୁମାର ଦାଶ ପ୍ରମୁଖ ପୁରାତନ ଛାତ୍ର ଉପସ୍ଥିତ ରହି ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ସଭାପତି ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଚଳିତ ବର୍ଷ ରୂପା ତାରକସି ମେଢରେ ଝଲସିବେ ମା' ଦକ୍ଷିଣକାଳୀ

ପୁରୀ,୧/୧୧ (ନି.ପ୍ର): ଓଡ଼ିଶା ତଥା ପୁରୀ ଜିଲ୍ଲାର ପ୍ରମୁଖ ଶକ୍ତିପୀଠ ସତ୍ୟବାଦୀର ବୀରଗୋବିନ୍ଦପୁର ସ୍ଥିତ ମା' ଦକ୍ଷିଣକାଳୀଙ୍କ ପୀଠରେ କାଳୀପୂଜା ଅନୁଷ୍ଠିତ ହେବ । ଚଳିତ ବର୍ଷ ସବୁଠାରୁ ଆକର୍ଷଣୀୟ ରୂପା ତାରକସି ଚାନ୍ଦି ମେଢ଼ରେ ଝଲସିବେ ମା' ଦକ୍ଷିଣକାଳୀ । ଏଥିପାଇଁ କଟକର ପ୍ରସିଦ୍ଧ ରୂପା ତାରକସି କାରିଗର ମେଢ ନିର୍ମାଣରେ ନିମଗ୍ନ ଅଛନ୍ତି । ରୂପାର ସରୁ ତାରରେ ଛନ୍ଦା ହୋଇ ଏହି ମେଢ ପ୍ରସ୍ତୁତି ଚାଲିଛି । ମେଢ ଚାରିପଟେ ଛୋଟ ଛୋଟ କାଚ ସେଟିଙ୍ଗ କରାଯାଉଛି । ରଙ୍ଗୀନ ଆଲୋକରେ ଏହା ଝଲସିବ । ଐତିହାସିକ ଶାସନ ଗ୍ରାମ ବୀରଗୋବିନ୍ଦପୁର ମା' ଦକ୍ଷିଣକାଳୀଙ୍କ ଉତ୍ସବ ଚଳିତବର୍ଷ ଧୁମଧାମରେ ପାଳିତ ହେବ ବୋଲି ମନ୍ଦିର କମିଟି ଜଣାଇଛନ୍ତି । ଭକ୍ତ ମାନଙ୍କ ଦାନରେ ଏହି ଚାନ୍ଦି ମେଢ କରାଯାଉଛି ।

ସଡ଼କ ସୁରକ୍ଷା ସଚେତନତା ନିମନ୍ତେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା: କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା,୧/୧୧ (ନି.ପ୍ର): ଜିଲ୍ଲା ପ୍ରଶାସନ ଏବଂ ଆଂଚଳିକ ପରିବହନ ବିଭାଗ ଆନୁକୁଲ୍ୟରେ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଏକ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ। ସଡ଼କ ସୁରକ୍ଷା ନିୟମାବଳୀକୁ ନିଜ ଦୈନନ୍ଦିନ ଜୀବନରେ କଡ଼ାକଡ଼ି ଭାବେ ପାଳନ କରିବା ସହ ଅନ୍ୟମାନଙ୍କୁ ସଚେତନ କରାଇ ଏକ ସୁରକ୍ଷିତ ତଥା ଦୁର୍ଘଟଣାମୁକ୍ତ ସମାଜ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଜିଲ୍ଲାପାଳ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ ଗୌରହରି ହାଁସଦା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ସୁଶ୍ରୀ ରୀତାକାନ୍ତି ବଳିୟାରସିଂହ ଏବଂ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ତପନ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଡିଏଭି ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ବିରାଟ କୁମାର ପ୍ରଥମ ସ୍ଥାନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଝାରସୁଗୁଡ଼ାର ଅଷ୍ଟମ ଶ୍ରେଣୀ ଛାତ୍ରୀ ତ୍ରିଶା ତୁଷିତା ଭଇଁସାଲ ଦ୍ୱିତୀୟ ସ୍ଥାନ ଏବଂ ଜି.ଏଚ୍.ଭି.ଏମ୍ ସ୍କୁଲ (ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର)ର ନବମ ଶ୍ରେଣୀ ଛାତ୍ରୀ ସାଇ ଶ୍ରଦ୍ଧା ପତି ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ସ୍ଲୋଗାନ ପ୍ରତିଯୋଗିତାରେ ଡିଏଭି ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଶ୍ରଦ୍ଧା ସାହାନୀ ପ୍ରଥମ ସ୍ଥାନ, ସରବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଜିଜ୍ଞେଶ କର ଦ୍ୱିତୀୟ ସ୍ଥାନ ତଥା ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଅର୍ଚ୍ଚିତା ମେହେର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏହି ସମାରୋହରେ ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା, ଯେତେବେଳେ ଚିତ୍ରାଙ୍କନ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିବା ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିରର ନବମ ଶ୍ରେଣୀ ଛାତ୍ରୀ ସାଇ ଶ୍ରଦ୍ଧା ପତି ନିଜ ହାତରେ ଆଙ୍କିଥିବା ଜିଲ୍ଲାପାଳଙ୍କ ଏକ ପ୍ରତିକୃତି ତାଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ଜନସେବା ତଥା କାର୍ଯ୍ୟଶୈଳୀ ଦ୍ୱାରା ଅନୁପ୍ରାଣିତ ହୋଇ ସେ ଭବିଷ୍ୟତରେ ଜଣେ ସମର୍ପିତ ପ୍ରଶାସନିକ ଅଧିକାରୀ ହୋଇ ଲୋକଙ୍କ ସେବା କରିବା ନିଜର ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳ ଛାତ୍ରୀଙ୍କ ଏହି ପ୍ରତିଭା ଓ ଉଚ୍ଚ ଆଦର୍ଶର ପ୍ରଶଂସା କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆଶୀର୍ବାଦ ପ୍ରଦାନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ ସଂଯୋଜନା ଓ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଅଭିଭାବକ ତଥା ବିଭିନ୍ନ କମ୍ପାନୀ କର୍ତ୍ତୃପକ୍ଷ ପ୍ରମୁଖ ଉପସ୍ଥିତ ରହିଥିଲେ।

ବ୍ରହ୍ମପୁର ପୋଲିସ ପକ୍ଷରୁ 'ରନ ଫର ୟୁନିଟି' ଆୟୋଜନ

ଗଞ୍ଜାମ,୧/୧୧ (ନି.ପ୍ର): ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଶନିବାର ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଉପଲକ୍ଷେ ବ୍ରହ୍ମପୁର ପୋଲିସ ପକ୍ଷରୁ 'ରନ ଫର ୟୁନିଟି - ରନ ଫର ନେସନ' ମିନି ମାରାଥନ ଆୟୋଜନ କରାଯାଇଛି। ଆଜି ସକାଳ ୬ଟାରେ ଏସପି, ବ୍ରହ୍ମପୁର ଡି.ପି.ଓ. ଗେଟରୁ ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୨.୫ କି.ମି ଦୌଡ ୟୁସିପି ଇଞ୍ଜିନିୟରିଂ ସ୍କୁଲ ପଡିଆରେ ଶେଷ ହୋଇଥିଲା ।ଏଥିରେ ଅତିରିକ୍ତ ଏସପି, ଡିଏସପି, ରିଜର୍ଭ ଇନ୍ସପେକ୍ଟର, ସାର୍ଜେଣ୍ଟ ଓ ମୁଖ୍ୟାଳୟ ଷ୍ଟାଫ ଉତ୍ସାହର ସହ ଭାଗ ନେଇଥିଲେ। ଜାତୀୟ ଏକତା, ଅଖଣ୍ଡତା ଓ ସାମୂହିକ ସଦଭାବର ବାର୍ତ୍ତା ପ୍ରସାର ପାଇଁ ଏହି ଦୌଡ ଆୟୋଜନ ହୋଇଥିଲା।

କୋଟିଆରେ ନିର୍ବାଚନ କରାଇବାକୁ ଆନ୍ଧ୍ରର ଉଦ୍ୟମ ଜାରି

ଜୟପୁର,୧/୧୧ (ନି.ପ୍ର): କୋରାପୁଟ ଜିଲା କୋଟିଆ ପାଇଁ ଆନ୍ଧ୍ର ନିଜ ଜିଦ୍ ରେ ଅଟଳ ରହିଛି । ବିଜେଡି, କଂଗ୍ରେସ ନେତା କୋଟିଆ ଲୋକଙ୍କ ସହ ଆଲୋଚନା କରି ଫେରିଛନ୍ତି । କୋଟିଆରେ ଏପରି ଆନ୍ଧ୍ର ଭୋଟ କରାଇପାରିବ ନାହିଁ ସେଥି ପ୍ରତି ବିରୋଧି ସଚେତନ କରୁଛନ୍ତି । ପ୍ରଶାସନ ମଧ ଖୁବ୍ ଉଦ୍ୟମ ଜାରି ରଖିଛି । ସମାଧାନ ଆଶା କ୍ଷୀଣ। କୋଟିଆରେ ନିର୍ବାଚନ କରାଇବାକୁ ଆନ୍ଧ୍ରର ଉଦ୍ୟମ ଜାରି ରହିଛି । ଏହାକୁ ନେଇ ଓଡ଼ିଶା-ଆନ୍ଧ୍ର ବିବାଦ ପୁଣି ତୀବ୍ର ହୋଇଛି । ଆନ୍ଧ୍ରର ପ୍ରଚାର ଗାଡ଼ିକୁ ପଟାଙ୍ଗି ବ୍ଲକ୍ ପ୍ରଶାସନ ସୀମାରୁ ଫେରାଇ ଦେଇଛି । ନଭେମ୍ବର ୫ ତାରିଖରେ ଜିଲ୍ଲା ପରିଷଦ, ସମିତି ସଭ୍ୟ, ସରପଞ୍ଚ ଓ ୱାର୍ଡମେମ୍ବର ନିର୍ବାଚନ ପାଇଁ ଆନ୍ଧ୍ରର ବିଜ୍ଞପ୍ତିକୁ ନେଇ ଓଡ଼ିଶାରେ ଅସନ୍ତୋଷ ବଢ଼ିଛି । ହେଲେ ଓଡ଼ିଶା ସରକାର ଆନ୍ଧ୍ରକୁ ବିରୋଧ କରିପାରୁନାହାନ୍ତି । ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରିବା କିମ୍ବା ତୁରନ୍ତ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇ ମାମଲା ତୁଟାଇବାରେ ମୋହନ ସରକାର ପଛରେ ପଡ଼ିଯାଇଛନ୍ତି । ଫଳରେ ସମାଧାନ ଆଶା ମଉଳି ଯାଉଛି । ମୋଦୀ ସରକାରରେ ବଡ଼ ଭାଗୁଆଳି ଦଳ ଥିବା ଆନ୍ଧ୍ର କୋଟିଆରେ ଦାଦାଗିରି ଦେଖାଇବାକୁ ପଛାଉନାହିଁ ।

ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ

ଜୟପୁର,୧/୧୧ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର ପକ୍ଷରୁ ଆଜି ବିଶ୍ୱବିଦ୍ୟାଳୟ ପରିସରରେ ଏକ ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସମାଜରୁ ଦୁର୍ନୀତି ଦୂର କରିବା, ସ୍ୱଚ୍ଛତା ଓ ସାଧୁତାର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ତଥା ଏକ ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ଜନସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ କରାଯାଇଥିଲା ଓ ଏକ ରାଲି ବିଶ୍ୱବିଦ୍ୟାଳୟରୁ ରାଜା ନଗର ଛକ ପର୍ଯ୍ୟନ୍ତ ଯାଇଥିଲା ଓ ସଭା ଗୃହରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି, କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ, ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡକ୍ଟର ପ୍ରଶାନ୍ତ କୁମାର ପାତ୍ର, ମୁଖ୍ୟ ଅତିଥି ଭାବେ ଭିଜିଲାନ୍ସ ବିଭାଗର ଅତିରିକ୍ତ ଏସ୍ପି ଅନନ୍ତ ପ୍ରସାଦ ମଲ୍ଲିକ ଏବଂ ମୁଖ୍ୟ ବକ୍ତା ଭାବେ ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ସରକାରୀ ଓକିଲ ଶଶୀଧର ପଟ୍ଟନାୟକ ଯୋଗଦେଇଥିଲେ ।ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ସହିତ ଓଡ଼ିଶାର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ପରିଚୟ ପ୍ରଦାନ କରିଥିଲେ ।ମୁଖ୍ୟ ଅତିଥି ଅନନ୍ତ ପ୍ରସାଦ ମଲ୍ଲିକ ନିଜ ବକ୍ତବ୍ୟରେ ଦୁର୍ନୀତି ନିରାକରଣରେ ଭିଜିଲାନ୍ସ ବିଭାଗର ଭୂମିକା ଏବଂ ସାଧାରଣ ଜନତାଙ୍କ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସରକାରୀ ଓ ସାର୍ବଜନୀନ କାର୍ଯ୍ୟରେ ସ୍ୱଚ୍ଛତା, ଦାୟିତ୍ୱବୋଧ ଓ ସଚ୍ଚୋଟତା ବଜାୟ ରଖିବା ଦ୍ୱାରା ଦୁର୍ନୀତିକୁ ରୋକାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ ।ମୁଖ୍ୟ ବକ୍ତା ଶଶୀଧର ପଟ୍ଟନାୟକ ଦୁର୍ନୀତି ସମ୍ପର୍କିତ ଆଇନଗତ ବ୍ୟବସ୍ଥା, ଦୁର୍ନୀତି ବିରୋଧରେ ନାଗରିକଙ୍କ ଦାୟିତ୍ୱ ଏବଂ ନୈତିକ ମୂଲ୍ୟବୋଧର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଦୁର୍ନୀତି ବିରୋଧରେ ସମସ୍ତେ ସଚେତନ ହେବା ସହିତ ନିଜ ନିଜ କ୍ଷେତ୍ରରେ ସାଧୁତା ଓ ସ୍ୱଚ୍ଛତାକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡକ୍ଟର ପ୍ରଶାନ୍ତ କୁମାର ପାତ୍ର ଦୁର୍ନୀତିମୁକ୍ତ ଶିକ୍ଷାନୁଷ୍ଠାନ ଗଠନରେ ଶିକ୍ଷକ, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କୁଳପତି ପ୍ରଫେସର ହୃଷୀକେଶ ସେନାପତି ନିଜ ବକ୍ତବ୍ୟରେ ଏକ ସୁସ୍ଥ, ନୈତିକ ଓ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନେ ନିଜ ଜୀବନରେ ସତ୍ୟନିଷ୍ଠା, ନୈତିକତା ଓ ଦାୟିତ୍ୱବୋଧକୁ ଆପଣାଇ ଦେଶର ଉନ୍ନତିରେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ ।କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ କ୍ୟାପଟ୍ଟେନ୍ ଡକ୍ଟର ଲକ୍ଷ୍ମଣ ପାତ୍ର ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତ ଅତିଥି, ବକ୍ତା, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଉପସ୍ଥିତ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍' ଗାନ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା।

ଅମଳ ବେଳେ ଚାଷୀଙ୍କ ଦୁଃଖ ବଢ଼ାଇଲା ଅଦିନିଆ ବର୍ଷା

ଲଖନପୁର ବ୍ଲକରେ ବ୍ୟାପକ ଫସଲ କ୍ଷତି ଆଶଙ୍କା, ପାଣିରେ ବୁଡ଼ିଛି କଟା ଧାନ ଓ ନଡ଼ା

ଋଣ ବୋଝରେ ଥିବା ଚାଷୀଙ୍କ ଚିନ୍ତା ବଢ଼ିଲା, କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦାବି

ଝାରସୁଗୁଡା,୧/୧୧ (ନି.ପ୍ର): ମୁଣ୍ଡ ଝାଳ ତୁଣ୍ଡରେ ମାରି ବର୍ଷସାରା କ୍ଷେତରେ ପରିଶ୍ରମ କରିଥିବା ଚାଷୀଙ୍କ ଆଶା ଉପରେ ପାଣି ଢାଳିଦେଇଛି ବାତ୍ୟା ଅର୍ଣ୍ଣବର ପ୍ରଭାବରେ ହୋଇଥିବା ଅଦିନିଆ ବର୍ଷା। ଧାନ ଅମଳର ଠିକ୍ ପୂର୍ବରୁ ଲଗାଣ ବର୍ଷା ଲଖନପୁର ବ୍ଲକର କୃଷି କ୍ଷେତ୍ରକୁ ବିପର୍ଯ୍ୟସ୍ତ କରିଦେଇଛି। ବିଭିନ୍ନ ପଞ୍ଚାୟତର ଧାନ ଜମିରେ ବର୍ଷାଜଳ ଜମି ରହିଥିବା ବେଳେ କଟା ଧାନ ଓ ନଡ଼ା ପାଣିରେ ବୁଡ଼ି ରହିଛି। ଅନ୍ୟପକ୍ଷରେ ଅମଳ ଅପେକ୍ଷାରେ ଥିବା ପାଚିଲା ଧାନ ଫସଲ ମଧ୍ୟ ବର୍ଷାରେ ପ୍ରଭାବିତ ହୋଇଛି। ଫଳରେ ଚାଷୀଙ୍କ ମଧ୍ୟରେ ଫସଲ ନଷ୍ଟ ଓ ଆର୍ଥିକ କ୍ଷତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଚଳିତ ଖରିଫ ଋତୁରେ ଭଲ ଧାନ ଅମଳ ଆଶାରେ ଲଖନପୁର ବ୍ଲକର ଚାଷୀମାନେ ଧାରକରଜ କରି ବିହନ, ସାର, କୀଟନାଶକ ଓ ଚାଷ କାର୍ଯ୍ୟରେ ବିପୁଳ ଅର୍ଥ ବିନିଯୋଗ କରିଥିଲେ। ଦିନରାତି ଏକ କରି କ୍ଷେତରେ ପରିଶ୍ରମ କରିବା ପରେ ଏବେ ଫସଲ ଅମଳ କରି ଘରକୁ ଆଣିବାର ସମୟ ଆସିଥିଲା। ହେଲେ ଅଦିନିଆ ବର୍ଷା ଚାଷୀଙ୍କ ସବୁ ଆଶା ଓ ଯୋଜନାକୁ ଧୂଳିସାତ୍ କରିଦେଇଛି। ବିଭିନ୍ନ ଅଞ୍ଚଳରେ କଟା ଧାନ ବିଲରେ ପଡ଼ି ରହିଥିବା ବେଳେ ବର୍ଷାଜଳ ଜମି ରହିବାରୁ ଧାନ ଭିଜି ଯାଇଛି। ଅନେକ ସ୍ଥାନରେ ପାଚିଲା ଧାନ କାଟିବା ସମ୍ଭବ ହେଉନାହିଁ। ଏଥିଯୋଗୁଁ ଧାନ କାଟିବା, ଅମଳ କରିବା ଓ ସଂରକ୍ଷଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଦୀର୍ଘ ସମୟ ଧରି ଧାନ ପାଣିରେ ଭିଜି ରହିଲେ ଧାନ ଗଜା ହେବା, ରଙ୍ଗ ଓ ଗୁଣବତ୍ତା ନଷ୍ଟ ହେବା ସହ ଉତ୍ପାଦିତ ଧାନର ବଜାର ମୂଲ୍ୟ ହ୍ରାସ ପାଇବାର ଆଶଙ୍କା ରହିଛି। ଏହି ପରିସ୍ଥିତିରେ ସବୁଠାରୁ ଅଧିକ ଚିନ୍ତାରେ ପଡ଼ିଛନ୍ତି ଅଳ୍ପ ଜମି ଥିବା ଚାଷୀ ଓ ଋଣ କରି ଚାଷ କରିଥିବା ପରିବାର। ଫସଲ କ୍ଷତିଗ୍ରସ୍ତ ହେଲେ ବ୍ୟାଙ୍କ ଓ ସାହୁକାରଙ୍କ ଋଣ ପରିଶୋଧ କରିବା, ପରିବାର ପ୍ରତିପୋଷଣ, ପିଲାଙ୍କ ପାଠପଢ଼ା ଏବଂ ଆଗାମୀ ଚାଷ ପାଇଁ ପୁଞ୍ଜି ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିବ। ଗୋଟିଏ ପଟେ ଚାଷ ଖର୍ଚ୍ଚ ବୃଦ୍ଧି ଓ ଅନ୍ୟପଟେ ପ୍ରାକୃତିକ ବିପର୍ଯ୍ୟୟର ମାଡ଼ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏଭଳି ସ୍ଥିତିରେ କେବଳ ଆଶ୍ୱାସନା ନୁହେଁ, ଚାଷୀଙ୍କୁ ତୁରନ୍ତ ବାସ୍ତବ ସହାୟତା ଯୋଗାଇଦେବା ଜରୁରୀ ହୋଇପଡ଼ିଛି। କୃଷି ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ଟିମ୍ ଲଖନପୁର ବ୍ଲକର ସମସ୍ତ ପଞ୍ଚାୟତ ପରିଦର୍ଶନ କରି କ୍ଷତିଗ୍ରସ୍ତ ଜମିର ସଠିକ୍ ଆକଳନ କରିବା ସହ କ୍ଷୟକ୍ଷତିର ରିପୋର୍ଟ ପ୍ରସ୍ତୁତ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏଥିସହ ସରକାରୀ ନିୟମ ଅନୁଯାୟୀ ଯୋଗ୍ୟ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଫସଲ କ୍ଷତିପୂରଣ, କୃଷି ଇନ୍ପୁଟ୍ ସହାୟତା ଓ ଆବଶ୍ୟକ ଆର୍ଥିକ ସହଯୋଗ ପ୍ରଦାନ କରିବାକୁ ଚାଷୀ ମହଲରୁ ଦୃଢ଼ ଦାବି ହୋଇଛି। ଅମଳ ସମୟରେ ପ୍ରକୃତିର ଏହି ଦାଉରୁ ଚାଷୀଙ୍କୁ ରକ୍ଷା କରିବା ସହ ସେମାନଙ୍କ ବର୍ଷକର ପରିଶ୍ରମର ଉଚିତ ମୂଲ୍ୟ ସୁନିଶ୍ଚିତ କରିବା ଏବେ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ପାଲଟିଛି।

ଧନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ୦୨ ନଭେମ୍ବର ୨୦୨୬ ସୋମବାର

ମହିଳାଙ୍କ ପାଇଁ ଅତ୍ୟନ୍ତ ଲାଭକାରୀ ହୋଇଥାଏ ଶୁଖିଲା ନଡ଼ିଆ : ଆର୍ଥ୍ରାଇଟିସ ସମସ୍ୟାରୁ ମିଳିଥାଏ ମୁକ୍ତି



ଶୁଖିଲା ନଡ଼ିଆ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭକାରୀ ହୋଇଥାଏ । ଶୁଖିଲା ନଡ଼ିଆରେ ଭିଟାମିନ,ପ୍ରୋଟିନ, ଆଇରନ, ସେଲେନିଅମ ଆଦି ପୋଷକ ତତ୍ୱ ଭରପୁର ମାତ୍ରାରେ ରହିଥାଏ । ଯାହାକି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିଥାଏ । ଶୁଖିଲା ନଡ଼ିଆ ମହିଳାଙ୍କ ପାଇଁ ବହୁତ ଲାଭକାରୀ ହୋଇଥାଏ । ଏହା ରକ୍ତ ଅଭାବ ପୁରାଣ କରିଥାଏ । ତେଣୁ ମହିଳା ତାଙ୍କ ଭୋଜନ ରେ ଶୁଖିଲା ନଡ଼ିଆ ଜରୁର ସାମିଲ କରିବା ଉଚିତ । ଶୁଖିଲା ନଡ଼ିଆରେ ଆହୁରି ଅନେକ ଫାଇଦା ରହିଛି । ଆସନ୍ତୁ ଜାଣିବା ସେସବୁ କଣ । ଅଧିକାଂଶ ମହିଳାଙ୍କ ଠାରେ ଆର୍ଥ୍ରାଇଟିସ ସମସ୍ୟା ରହିଥାଏ । ଏହି ସମସ୍ୟା ପାଇଁ ଶୁଖିଲା ନଡ଼ିଆ ଖାଇବା ଫାଇଦାକାରୀ ହୋଇଥାଏ । ଅଧିକାଂଶ ମହିଳାଙ୍କ ଠାରେ ରକ୍ତ ହୀନତା ଦେଖାଯାଏ । ରକ୍ତ ହୀନତା ଦୂର କରିବା ପାଇଁ ଶୁଖିଲା ନଡ଼ିଆ ସେବନ ମହିଳାଙ୍କ ପାଇଁ ଖାଇବା ଫାଇଦାକାରୀ ହୋଇଥାଏ । ଏଥିରେ ଥିବା ଫ୍ୟାଟି ଏସିଡ ଶିଶୁ ବିକାଶରେ ସହାୟକ ହୋଇଥାଏ । ଅଧିକାଂଶ ମହିଳାଙ୍କ ଠାରେ ୟୁରିନ ସଂକ୍ରମଣ ସମସ୍ୟା ରହିଥାଏ । ଏହି ସମସ୍ୟା ପାଇଁ ଶୁଖିଲା ନଡ଼ିଆ ଖାଇବା ଫାଇଦାକାରୀ ହୋଇଥାଏ ।

ବୈବାହିକ ଜୀବନରେ ଖୁସି ଚାହୁଁଥିଲେ ଆପଣାନ୍ତୁ ଏହି ଟିପ୍ସ

ତେବେ ପୁରୁଷମାନେ ନିଜ ଯୌନଶକ୍ତି ବଢ଼ାଇବା ପାଇଁ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ ପ୍ରକାରର ମେଡ଼ିସିନ ଖାଇବାକୁ ମନସ୍ତ କରନ୍ତି ଯାହା ତାଙ୍କ ଶରୀର ଉପରେ ଖରାପ ପ୍ରଭାବ ପକାଇବା ସହିତ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ । କିନ୍ତୁ ଆଜି ଆମେ ଆପଣଙ୍କୁ କିଛି ଏଭଳି ଘରୋଇ ଟିପ୍ସ କହିବାକୁ ଯାଉଛୁ ଯାହାର ବ୍ୟବହାର ଦ୍ୱାରା ପୁରୁଷଙ୍କ ଯୌନ ଶକ୍ତି ବୃଦ୍ଧି ପାଇବା ସହିତ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପକାଇବ ନାହିଁ । ତେବେ ଆସନ୍ତୁ ଜାଣିବା କିଛି ଘରୋଇ ଟିପ୍ସ ବିଷୟରେ ।

କଦଳୀ: କଦଳୀ ହେଉଛି ଏକ ପ୍ରୋଟିନର ଉତ୍ସ । କଦଳୀରେ ପ୍ରଚୁର ପରିମାଣରେ ପୋଟାସିୟମ୍ ରହିଥାଏ । ଯେଉଁ କାରଣରୁ କଦଳୀ ଖାଇବା ଦ୍ୱାରା ନିମ୍ନ ରକ୍ତଚାପ ଠିକ୍ ରହିଥାଏ । ଆଉ ଯୌନ ଅଙ୍ଗଗୁଡ଼ିକର ସଠିକ୍ କାର୍ଯ୍ୟ ପାଇଁ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ । ଏହି କାରଣରୁ, ଜଣେ ବ୍ୟକ୍ତି ସମ୍ପର୍କ ସ୍ଥାପନ କଲାବେଳେ ଶୀଘ୍ର କ୍ଲାନ୍ତ ହୁଏ ନାହିଁ ଏବଂ ଉତ୍ସାହ ପୂର୍ବ ଅପେକ୍ଷା ଅଧିକ ବଢ଼ିଥାଏ ।

ରସୁଣ-ପିଆଜ: ଘରେ କିଛି ଖାଦ୍ୟ ପ୍ରସ୍ତୁତ ତିଆରି କରିବା ପାଇଁ ରସୁଣ-ପିଆଜ ବ୍ୟବହାର କରିବା ଏକ ସାଧାରଣ କଥା । କିନ୍ତୁ ବହୁତ କମ୍ ଲୋକ ଜାଣିଥିବେ ଯେ ଏହି ଦୁଇଟି ଜିନିଷର ଜବରଦସ୍ତ ଗୁଣ ରହିଛି । ଆଉ ସେଗୁଡିକ ଖାଇବା ଦ୍ୱାରା ପୁରୁଷମାନଙ୍କ ମଧ୍ୟରେ ଯୌନ ଶକ୍ତି ବଢିଥାଏ ।

ଗୋଲମରିଚ ଏବଂ କଞ୍ଚା ଲଙ୍କା: ଗୋଲମରିଚ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହି କଥା ସମସ୍ତଙ୍କୁ ଜଣା । କେବଳ ଏତିକି ନୁହେଁ ଯଦି ଆମେ ଖାଦ୍ୟରେ ଗୋଲମରିଚ ଓ କଞ୍ଚା ଲଙ୍କା ବ୍ୟବହାର କରିବା ତେବେ ଏହା ପୁରୁଷଙ୍କ ପାଇଁ ଫଳ ପ୍ରଦ ହେଇଥାଏ । ଏହା ଦ୍ୱାରା ପୁରୁଷଙ୍କ ଶରୀରରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ । ସେମାନଙ୍କୁ ନିୟମିତ ଖାଇବା ଦ୍ୱାରା ପୁରୁଷମାନଙ୍କର ଯୌନଶକ୍ତି ମଧ୍ୟ ବହୁତ ବୃଦ୍ଧି ପାଇଥାଏ ।

ସୂର୍ଯ୍ୟ କିରଣ: ଯୌନ ଶକ୍ତି ଟିପ୍ସ ବୃଦ୍ଧି କରିବାକୁ, ପ୍ରତିଦିନ ସୂର୍ଯ୍ୟ କିରଣ ଗ୍ରହଣ କରିବା ଭଲ ବୋଲି କୁହାଯାଇଛି । ଏହା କରିବା ଦ୍ୱାରା ଆମ ଶରୀରରେ ମେଲାଟୋନିନ୍ ନାମକ ହରମୋନ୍ କମିଯାଏ, ଯେଉଁ କାରଣରୁ ଯୌନ ସମ୍ପର୍କ ରଖିବା ସମୟରେ କୌଣସି ଅସୁବିଧା ହୁଏନାହିଁ ।

ପ୍ରେମର ମୂହୁର୍ତ୍ତରେ ବିଫଳତାକୁ ଏଡାଇବା ପାଇଁ ଟେନସନକୁ ଆପଣଙ୍କ ଜୀବନଠାରୁ ଦୂରରେ ରଖନ୍ତୁ । ଏଥିପାଇଁ ସକାଳ କିମ୍ବା ସନ୍ଧ୍ୟାରେ ଚାଲିବାର ଅଭ୍ୟାସ କରନ୍ତୁ । ବ୍ୟାୟାମ କରିବା ସହିତ ପ୍ରତିଦିନ ଯୋଗ ଧ୍ୟାନ କରନ୍ତୁ । କେବଳ ଏତିକି ନୁହେଁ ଆପଣଙ୍କ ସାଥୀଙ୍କ ସହିତ ମଧ୍ୟ ଛୋଟ ଛୋଟ ଟ୍ରିପ ଯୋଜନା କରନ୍ତୁ ଯାହା ଦ୍ୱାରା ଆପଣଙ୍କ ମାନସିକ ସ୍ଥିତି ଠିକ ରହିବ ଏବଂ ଆପଣ ଦାମ୍ପତ୍ୟ ଜୀବନରେ କୌଣସି ବିଫଳତା ଦେଖା ଯିବନାହିଁ ।



୩ ମାସରେ ଥରେ ରକ୍ତଦାନ କରିବା ଦ୍ୱାରା କମିଥାଏ କ୍ୟାନ୍ସର ରୋଗର ଆଶଙ୍କା

ରକ୍ତ ଦାନ କରି ଆପଣ ଅନେକ ଜୀବନ ରକ୍ଷା କରିପାରିବେ । କିନ୍ତୁ ଆଜି ବି ଭାରତର କିଛି ଲୋକମାନେ ରକ୍ତ ଦାନ କରିବାକୁ ଭୟ କରୁଛନ୍ତି । ସେମାନେ ଅନୁଭବ କରନ୍ତି ଯେ ରକ୍ତ ଦେବା ପରେ ଶରୀର ଦୁର୍ବଳ ହୋଇଯାଏ । ଯେତେବେଳେ ଏପରି କିଛି ହୋଇଥାଏ । ରକ୍ତ ଦାନ ଶରୀରକୁ ସୁସ୍ଥ ରଖେ ଏବଂ ଅନେକ ରୋଗ କୁ ଦୂର କରେ । ହୃଦୟ ପାଇଁ ରକ୍ତ ଦାନ କରିବା ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ ।ରକ୍ତ ଦାନ ଓଜନକୁ ନିୟନ୍ତ୍ରଣରେ ରଖେ । ଏହା କର୍କଟ ଭଳି ବିପଜ୍ଜନକ ରୋଗର ଆଶଙ୍କା ମଧ୍ୟ ହ୍ରାସ କରିଥାଏ । ରକ୍ତଦାନ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି । ସେଥିପାଇଁ ଲୋକମାନେ ରକ୍ତ ଦାନ କରିବାକୁ ଭୟ କରନ୍ତି । ଆସନ୍ତୁ ଜାଣିବା ରକ୍ତ ଦାନର ଲାଭ କ'ଣ ଏବଂ କେତେ ଦିନ ମଧ୍ୟରେ ଜଣେ ସୁସ୍ଥ ବ୍ୟକ୍ତି ରକ୍ତ ଦାନ କରିପାରିବ ।



ରକ୍ତ ଦାନ କରିବାର ଲାଭ

ହୃଦୟକୁ ସୁସ୍ଥ ରଖେ – ରକ୍ତଦାନର ସବୁଠାରୁ ବଡ ଲାଭ ହେଉଛି ଏହା ହୃଦୟକୁ ସୁସ୍ଥ ରଖେ । ଯେଉଁମାନେ ସମୟ ସମୟରେ ରକ୍ତ ଦାନ କରନ୍ତି, ସେମାନଙ୍କର ଷ୍ଟ୍ରୋକ୍ ପରି ହୃଦୟ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ବହୁତ କମିଯାଏ । ଯଦି ଆପଣଙ୍କ ରକ୍ତରେ ଆଇରନ ପରିମାଣ ଅଧିକ ବଢ଼େ, ତେବେ ଏହା ଆପଣଙ୍କ ହୃଦୟ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ ।

କର୍କଟ ରୋଗର ଆଶଙ୍କା ହ୍ରାସ ହୁଏ – ଯେଉଁମାନେ ସମୟ ସମୟରେ ରକ୍ତ ଦାନ କରନ୍ତି, ସେମାନଙ୍କ ଶରୀରରେ ଆଇରନ ସନ୍ତୁଳନ ବଜାୟ ରଖେ ।ଏହାଦ୍ୱାରା ଅନେକ ପ୍ରକାରର କର୍କଟ ରୋଗ ହେବାର ଆଶଙ୍କା କମିଯାଏ ।ରକ୍ତ ଦାନ କରିବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା ଦୂର ହୁଏ ।

ମେଦବହୁଳତା ହ୍ରାସ – ଯଦି ଆପଣ ରକ୍ତ ଦାନ କରନ୍ତି, ତେବେ ଆପଣ ଅଧିକ କ୍ୟାଲୋରୀ ଜଳାନ୍ତି, ଯାହା ଆପଣଙ୍କ ପାଇଁ ଓଜନ ହ୍ରାସ କରିବା ସହଜ କରିଥାଏ । ରକ୍ତ ଦାନ କରିବା ପରେ, କିଛି ମାସ ମଧ୍ୟରେ ଲାଲ ରକ୍ତ କଣିକାର ସ୍ତର ସମାନ ହୋଇଯାଏ । ଯଦି ଆପଣ ଏକ ସୁସ୍ଥ ଖାଦ୍ୟ ଓ ବ୍ୟାୟାମ କରନ୍ତି, ତେବେ ଆପଣଙ୍କର ଓଜନ ଦ୍ରୁତ ଗତିରେ କମିବା ଆରମ୍ଭ କରେ ।

ଲାଲ୍ କୋଷ ଉତ୍ପାଦନ ବୃଦ୍ଧି କରେ – ରକ୍ତ ଦାନ କରୁଥିବା ଲୋକଙ୍କ ଶରୀରରେ ରକ୍ତ ଅଭାବକୁ ସଂପୂର୍ଣ୍ଣ କରିବା ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ । ଯେଉଁ କାରଣରୁ ଶରୀରରେ ଲାଲ ରକ୍ତ କଣିକା ବୃଦ୍ଧି ପାଇଥାଏ । ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ ଭଲ ରଖେ ।


ସ୍ୱାସ୍ଥ୍ୟ ଭଲ ରୁହେ – ଯେଉଁମାନେ ନିୟମିତ ଭାବରେ ରକ୍ତ ଦାନ କରନ୍ତି, ସେମାନଙ୍କ ସ୍ୱାସ୍ଥ୍ୟ ଅନ୍ୟମାନଙ୍କ ଅପେକ୍ଷା ଭଲ ରୁହେ । ଏହା ସାମଗ୍ରିକ ସ୍ୱାସ୍ଥ୍ୟକୁ ଭଲ ରଖେ । ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ରକ୍ତ ଦାନ କରି, ଆପଣ କାହାର ଜୀବନ ରକ୍ଷା କାରୁଛନ୍ତି, ଏହା ମାନସିକ ସନ୍ତୁଷ୍ଟି ମଧ୍ୟ ଦେଇଥାଏ ।

କେତେ ଦିନ ମଧ୍ୟରେ ରକ୍ତ ଦାନ କରାଯିବା ଉଚିତ

ଡାକ୍ତରମାନେ କହିଛନ୍ତି ଯେ ଜଣେ ସୁସ୍ଥ ବ୍ୟକ୍ତି ପ୍ରତି ୩ ମାସରେ ରକ୍ତ ଦାନ କରିବା ଉଚିତ୍ । ଏହା ପଛର କାରଣ ହେଉଛି ଶରୀରରେ ୯୦ ରୁ ୧୨୦ ଦିନ ମଧ୍ୟରେ ଲୋହିତ ରକ୍ତ କଣିକା ସ୍ୱୟଂଚାଳିତ ଭାବରେ ମରିଯାଏ ଏବଂ ନୂତନ କୋଷ ଗଠନ ହୁଏ । ଡାକ୍ତରମାନେ ପ୍ରତି ୩ ମାସରେ ରକ୍ତ ଦାନ କରିବାକୁ ପରାମର୍ଶ ଦିଅନ୍ତି ।

କ୍ୟାନ୍ସର ରୋକିପାରେ କିସ୍‌ମିସ୍ !

ଦୈନନ୍ଦିନ ଜୀବନରେ କିସ୍‌ମିସ୍‌ର ସେବନ ସ୍ୱାସ୍ଥ୍ୟ ପ୍ରତି ହିତକର ବୋଲି କୁହାଯାଇଛି । ଅନେକ ଲୋକ କାକୁ ଓ କିସ୍‌ମିସ ଭଳି ଡ୍ରାଏଫ୍ରୁଟସ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି । କେବଳ ସେତିକି ନୁହେଁ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥରେ କିସମିସ୍‌ର ମିଶ୍ରଣ ଏହାର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ । କିସମିସ୍ ଫାଇବରର ସର୍ବୋତ୍ତମ ଉତ୍ସ ଏବଂ ଏହା ହଜମ ପ୍ରକ୍ରିୟାରେ ମଧ୍ୟ ସାହାଯ୍ୟ କରିଥାଏ । ଏଥିରେ ଟାର୍ଟାରିକ୍ ଏସିଡ୍ ମଧ୍ୟ ରହିଥାଏ ଯାହା ପେଟ ସମସ୍ୟାରୁ ମୁକ୍ତି ପାଇବାରେ ସାହାଯ୍ୟ କରିଥାଏ । ଅନୁସନ୍ଧାନରୁ ଜଣାପଡିଛି ଯେ କିସମିସରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ଅନ୍ତନଳୀ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ । ଏହା ଆପଣଙ୍କ ଅନ୍ତନଳୀରେ ବ୍ୟାକ୍ଟେରିଆର ସନ୍ତୁଳନକୁ ମଧ୍ୟ ନିୟନ୍ତ୍ରଣ କରିଥାଏ ।



କିସମିସ୍ ଆଇରନ୍ ସ୍ତରକୁ ବଢାଇଥାଏ ଏବଂ ହାଡକୁ ଶକ୍ତିଶାଳୀ ରଖିବାରେ ସାହାଯ୍ୟ କରିଥାଏ । ଗୋଟିଏ ଦିନରେ ପ୍ରାୟ ୩୦ରୁ ୪୦ ଗ୍ରାମ କିସମିସ୍ ଖାଇବା ଶରୀର ପାଇଁ ଉପଯୋଗୀ ହୋଇଥାଏ । ଅନ୍ୟପକ୍ଷରେ, ଅଧିକ ମାତ୍ରାରେ କିସମିସ୍ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଖରାପ ହୋଇପାରେ ବୋଲି ଡାକ୍ତରମାନେ ମତ ଦେଇଛନ୍ତି । ଅନ୍ୟ ପୋଷକ ତତ୍ତ୍ୱକୁ ଅବଶୋଷିତ କରିବାରେ କିସ୍‌ମିସ୍‌ର କ୍ଷମତା ଥିବାରୁ କ୍ୟାନସରଜନିତ ରୋଗ ରୋକିବାରେ ଏହା ସହାୟକ ହୋଇଥାଏ ବୋଲି ଅନୁସନ୍ଧାନକାରୀମାନେ ଜାଣିପାରିଛନ୍ତି ।

ବ୍ୟାନ୍

■ ଜାପାନରେ ନାଇଟ ଲାଇଫ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ହେଲେ ରାତିରେ ଡ୍ୟାନ୍ସ ମନା । ୧୯୪୮ ମସିହାରୁ ଜାପାନର ନାଇଟ କ୍ଲବରେ ଡ୍ୟାନ୍ସ ସମ୍ପୂର୍ଣ୍ଣ ବ୍ୟାନ୍ ।


■ କିଣ୍ଡର ଜୟ କିମ୍ବା କିଣ୍ଡର ସରପ୍ରାଇଜ ଏଗ୍ ପିଲାମାନଙ୍କୁ ଭାରି ପସନ୍ଦ । କିନ୍ତୁ ଆମେରିକାରେ କିଣ୍ଡର ଜୟ ସମ୍ପୂର୍ଣ୍ଣ ବ୍ୟାନ୍ । ଯଦି ଆମେରିକାରେ କାହାଠାରୁ କିଣ୍ଡର ଏଗ୍ ମିଳେ ତ ତାଙ୍କଠାରୁ ଜରିମାନା ବାବଦକୁ ୨,୫୦୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାର ଏକଲକ୍ଷ ୬୬ହଜାର ଟଙ୍କା ଆଦାୟ କରାଯାଏ । ଏହି ଚକୋଲେଟ୍‌ଟି ଏଗରେ ସରପ୍ରାଇଜ ଟୟ ରହିଥାଏ । ଏହା ପିଲାମାନଙ୍କ ତଣ୍ଟିରେ ଲାଗିଯିବା ଭୟରେ ଏହା ଉପରେ ବ୍ୟାନ ଲଗାଯାଇଛି ।

ରସୁଣ ଖାଆନ୍ତୁ ଶୁକ୍ରାଣୁ ବଢ଼ିବ

ରସୁଣରେ ଏଲିସିନ୍ ନାମକ ଏକ ରାସାୟନିକ ପଦାର୍ଥ ରହିଛି, ଯାହା ଜନନାଙ୍ଗକୁ ରକ୍ତ ପ୍ରବାହ ବଢ଼ାଇବା ସହ ଶୁକ୍ରାଣୁମାନଙ୍କ ଗୁରବତ୍ତା ବଢ଼ାଇଥାଏ । ରସୁଣରେ ଏମିତି କିଛି ଗୁଣ ରହିଛି, ଯାହା ରକ୍ତ ପ୍ରବାହକୁ ତୀବ୍ର କରିବା ସହ ଧମନୀକୁ ପରିଷ୍କାର କରିଥାଏ । ଅବଶ୍ୟକୀୟ ଶୁଦ୍ଧ ରକ୍ତ ପ୍ରବାହ ନ ହେବା ମଧ୍ୟ ନପୁଂସକତାର ଅନ୍ୟ ଏକ କାରର । ଏଥିରେ ଜିଙ୍କ ରହିଛି । ଜିଙ୍କ ଟେଷ୍ଟୋଷ୍ଟେରନ, ଶୁକ୍ରାଣୁର ଗତିଶୀଳତା ଓ ଶୁକ୍ରାଣୁଙ୍କ ସଂଖ୍ୟା ବଢ଼ାଇବାରେ ସହଯୋଗ କରିଥାଏ। ରସୁଣ ପୁରୁଷଙ୍କ ପ୍ରଜନନ କ୍ଷମତାକୁ ମଜଭୁତ କରୁଥିବାବେଳେ ମହିଳାମାନଙ୍କ ଗର୍ଭପାତ ସମ୍ଭାବନାକୁ ଏଡାଇଥାଏ । ସେହିପରି ମହିଳା ରସୁଣକୁ ଡାଏଟରେ ସାମିଲ କଲେ ଋତୁସ୍ରାବଜନିତ ଯନ୍ତ୍ରଣାରୁ ମୁକ୍ତି ମିଳିବା ସହ ସୁସ୍ଥ ଭାବେ ଗର୍ଭଧାରଣ ମଧ୍ୟ କରିପାରିଥାନ୍ତି ।



ଯେବେ ଆଖି ଦିଏ ଇସାରା: ଜମା କରନ୍ତୁନି ଅଣଦେଖା, ନହେଲେ ଆସିବ ବଡ଼ ବିପଦ



କିଡନି ଆମ ଶରୀରର ଏଭଳି ଅଙ୍ଗ , ଯାହା ଆମ ଶରୀରର ଅତିରିକ୍ତ ପାଣିକୁ ପରିସ୍ରା ଜରିଆରେ ବାହାର କରିଦିଏ । ଏହାସହ ରକ୍ତକୁ ସଫା କରିଦିଏ ଏବଂ ଶରୀରରେ ମିନେରାଲ୍ସ , ଜଳୀୟ ଅଂଶର ସନ୍ତୁଳନ ରକ୍ଷା କରେ । ଏଥିରେ ଯଦି କିଛି ସମସ୍ୟା ହୁଏ ଆଖି କହିଦିଏ। ଆମ ଶରୀରରେ ଏପରି ଅନେକ ଅଙ୍ଗ ଅଛି, ଯେଉଁଗୁଡ଼ିକ ପ୍ରତିଦିନ ବିନା ଅଟକି କାମ କରିଥାଏ । ଯେପରିକି ହୃଦୟ, ଫୁସଫୁସ, ମସ୍ତିଷ୍କ ଏବଂ କିଡନି । ଏଥିମଧ୍ୟରୁ କିଡନି ବା ବୃକକ୍ ଏପରି ଏକ ଅଙ୍ଗ, ଯାହା ଆମ ଶରୀରରୁ ଅପରିଷ୍କାର ପଦାର୍ଥ ଏବଂ ଅତିରିକ୍ତ ପାଣିକୁ ପରିସ୍ରା ମାଧ୍ୟମରେ ବାହାର କରିଥାଏ । ଏହା ସହିତ ଏହା ରକ୍ତକୁ ପରିଷ୍କାର କରିବା ସହ ଶରୀରରେ ମିନେରାଲ୍ସ ଏବଂ ପାଣିର ସଠିକ୍ ସନ୍ତୁଳନ ବଜାୟ ରଖେ। କିନ୍ତୁ ଯଦି କିଡନୀ ଧୀରେ ଧୀରେ ଖରାପ ହେବାକୁ ଲାଗେ, ତେବେ ଏହାର ପ୍ରଭାବ ଶରୀରର ଅନେକ ଅଙ୍ଗରେ ଦେଖାଯିବାକୁ ଲାଗେ । ଆଶ୍ଚର୍ଯ୍ୟର କଥା ହେଉଛି, ଏହାର ଆରମ୍ଭ ପ୍ରାୟତଃ ଆଖିରୁ ହୋଇଥାଏ। ଆଖିରେ ଦେଖାଦେଉଥିବା ଛୋଟ ଛୋଟ ପରିବର୍ତ୍ତନ ଆମକୁ କିଡନି ଖରାପ ହେବା ଏବଂ କିଡନି ଫେଲ୍ ହେବା ପୂର୍ବରୁ ହିଁ ସତର୍କ କରିପାରେ । ଯଦି ଆମେ ସମୟ ପୂର୍ବରୁ ଏହି ସଙ୍କେତଗୁଡ଼ିକୁ ଚିହ୍ନିପାରିବା, ତେବେ କିଡନି ଫେଲ୍ ଭଳି ଗମ୍ଭୀର ପରିସ୍ଥିତିରୁ ବଞ୍ଚିବା ସମ୍ଭବ ହୋଇପାରେ। ତେବେ ଆସନ୍ତୁ ଜାଣିବା, କିଡନି ଫେଲ୍ ହେବା ପୂର୍ବରୁ ଆପଣଙ୍କ ଆଖି କେଉଁ କେଉଁ ସଙ୍କେତ ଦେଇଥାଏ।

କେବଳ ପ୍ରୋଟିନ୍ ନୁହେଁ, ଫାଇବର ବି ଜରୁରୀ: ହାଇପ୍ରୋଟିନ୍ ଡାଏଟ୍‌ରେ ଏସବୁ ଖାଦ୍ୟ କରନ୍ତୁ ସାମିଲ

ଆଜିକାଲି ଡାଏଟ୍ ଓ ଫିଟନେସ୍‌କୁ ନେଇ ପ୍ରୋଟିନ୍ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ହେଲେ କେବଳ ପ୍ରୋଟିନ୍ ଅଧିକ ଖାଇଲେ ଖାଦ୍ୟ ସନ୍ତୁଳିତ ହୋଇଯାଏ ନାହିଁ । ଶରୀର ପାଇଁ ଫାଇବର, ଭିଟାମିନ୍, ମିନେରାଲ୍ସ ଓ ଅନ୍ୟାନ୍ୟ ପୋଷକତତ୍ତ୍ୱ ମଧ୍ୟ ଆବଶ୍ୟକ । ବିଶେଷଜ୍ଞଙ୍କ ମତରେ, ଡାଏଟ୍ ?ରେ ପ୍ରୋଟିନ୍ ବଢ଼ାଇବା ବେଳେ ଫଳ, ପନିପରିବା, ଡାଲି ଓ ଶସ୍ୟ ଜାତୀୟକୁ କମାଇବା ଠିକ୍ ନୁହେଁ । ପ୍ରୋଟିନ୍ ଓ ଫାଇବର ଦୁଇଟିକୁ ଏକାଠି ଖାଦ୍ୟରେ ସାମିଲ କରିବା ଅଧିକ ଭଲ।

ପ୍ରୋଟିନ୍ ସହ ଫାଇବର ଦେଉଥିବା ଖାଦ୍ୟ: ଡାଲି, ଛୋଲା, ରାଜମା, ମଟର, ସୋୟା, ବାଦାମ, ମଞ୍ଜି ଓ ସାରା ଶସ୍ୟ ଭଳି ଖାଦ୍ୟରୁ ଉଭୟ ପ୍ରୋଟିନ୍ ଓ ଫାଇବର ମିଳିଥାଏ । ଡାଲି ଓ ଅନ୍ୟାନ୍ୟ ପଲ୍ସ ଫାଇବର ଓ ପ୍ରୋଟିନ୍‌ର ଭଲ ସ୍ରୋତ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶିକାରେ ମଧ୍ୟ କୁହାଯାଇଛି । ବୟସ୍କଙ୍କ ପାଇଁ ଦିନକୁ ପ୍ରାୟ ୩୦ ଗ୍ରାମ୍ ଫାଇବର ନେବାକୁ ସାଧାରଣ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକାରେ ପରାମର୍ଶ ଦିଆଯାଏ । ଯଦି ବର୍ତ୍ତମାନ ଖାଦ୍ୟରେ ଫାଇବର କମ୍ ଅଛି, ତେବେ ହଠାତ୍ ପରିମାଣ ବଢ଼ାଇବା ପରିବର୍ତ୍ତେ ଧୀରେ ଧୀରେ ବଢ଼ାଇବା ଭଲ । ଫାଇବର ବଢ଼ାଇବା ସହ ପର୍ଯ୍ୟାପ୍ତ ପାଣି ପିଇବା ମଧ୍ୟ ଜରୁରୀ । ଏହା ହଜମ ପ୍ରକ୍ରିୟାକୁ ସହାୟତା କରିବା ସହ କୋଷ୍ଠକାଠିନ୍ୟରୁ ରକ୍ଷା କରିପାରେ ।



ଫାଇବର କମ୍ ଖାଇଲେ କଣ ହୁଏ ?: ଖାଦ୍ୟରେ ଫାଇବର କମ୍ ରହିଲେ କୋଷ୍ଠକାଠିନ୍ୟ ଓ ହଜମ ସମସ୍ୟା ହୋଇପାରେ । ଅନ୍ୟପକ୍ଷରେ ପର୍ଯ୍ୟାପ୍ତ ଫାଇବର ନେବା ଭଲ ହଜମ ସ୍ୱାସ୍ଥ୍ୟ ସହ ଜଡ଼ିତ ଏବଂ ହୃଦ୍‌ରୋଗ, ଟାଇପ୍-୨ ଡାଇବେଟିସ୍ ଓ କିଛି ରୋଗର ଝୁଞ୍ଚି କମ୍ ହେବା ସହ ସମ୍ପର୍କିତ ।

ଫୁଲ୍ ପ୍ଲେଟ୍ ଡାଏଟ୍‌ରେ କଣ ରହିବ ?: ସନ୍ତୁଳିତ ଖାଦ୍ୟ ପାଇଁ ଭୋଜନରେ ପନିପରିବା, ଫଳ, ଡାଲି କିମ୍ବା ଅନ୍ୟ ପ୍ରୋଟିନ୍ ସ୍ରୋତ ଏବଂ ଅଧିକ ଫାଇବରଯୁକ୍ତ ଖାଦ୍ୟ ସାମିଲ କରିବା ଜରୁରୀ । ଉଦାହରଣ ସ୍ୱରୂପ ଭାତ ସହ ଡାଲି ଓ ପନିପରିବା, କିମ୍ବା ରୁଟି ସହ ଡାଲି/ଛୋଲା ଓ ସାଲାଡ୍ ନେଇପାରିବେ । ଫାଇବରଯୁକ୍ତ ଖାଦ୍ୟ ଅଧିକ ସମୟ ପେଟ ଭରି ରହିବାର ଅନୁଭବ ଦେଇପାରେ । ତେଣୁ ଡାଏଟ୍‌ରେ କେବଳ ପ୍ରୋଟିନ୍‌କୁ ଗୁରୁତ୍ୱ ନଦେଇ ପ୍ରୋଟିନ୍, ଫାଇବର ଓ ଅନ୍ୟ ପୋଷକତତ୍ତ୍ୱର ସନ୍ତୁଳନ ରଖିବା ଜରୁରୀ ।

ଧ୍ୱନି ପ୍ରତିଧ୍ୱନି

ମୁରଲୀଧର ଆୟୋଗଙ୍କ ରିପୋର୍ଟ: ଗାଜାରେ ମାନବାଧିକାରର ଖୋଲା ଉଲ୍ଲଂଘନ

ସାମ୍ପ୍ରତିକ ବିଶ୍ୱ ରାଜନୀତି ଏବଂ ଆନ୍ତର୍ଜାତିକ ମାନବାଧିକାର ପ୍ରସଙ୍ଗରେ ଗାଜା ସଙ୍କଟ ଏକ ଅତ୍ୟନ୍ତ ସମ୍ବେଦନଶୀଳ ତଥା ଯନ୍ତ୍ରଣାଦାୟକ ଅଧ୍ୟାୟ ଭାବରେ ଉଭା ହୋଇଛି । ନିକଟରେ ଜାତିସଂଘ ଆୟୋଗ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ସମଗ୍ର ବିଶ୍ୱର ବିବେକକୁ ଦୋହଲାଇ ଦେଇଛି । ବିଚାରପତି ଶ୍ରୀନିବାସନ ମୁରଲୀଧରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଜାତିସଂଘ ଆୟୋଗ ସ୍ପଷ୍ଟ ଭାବରେ ଦର୍ଶାଇଛି ଯେ ଗାଜାରେ ଯୁଦ୍ଧବିରତି ଘୋଷଣା ହେବା ପରେ ମଧ୍ୟ ଇସ୍ରାଏଲ୍ ସେନା ପକ୍ଷରୁ ଯୁଦ୍ଧ ଅପରାଧ ଏବଂ ଗଣହତ୍ୟା ଅବ୍ୟାହତ ରହିଛି । ଏହି ରିପୋର୍ଟ କେବଳ ଏକ ପରିସଂଖ୍ୟାନର ଦସ୍ତାବିଜ ନୁହେଁ, ବରଂ ଏହା ଆନ୍ତର୍ଜାତିକ ଆଇନ ଏବଂ ମାନବିକତାର ଚରମ ଉଲ୍ଲଂଘନର ଏକ ଜୀବନ୍ତ ପ୍ରମାଣ । ଯେତେବେଳେ ଏକ ବିଧିବଦ୍ଧ ଯୁଦ୍ଧବିରତି ଚୁକ୍ତି ସ୍ୱାକ୍ଷରିତ ହୁଏ, ସେତେବେଳେ ଆଶା କରାଯାଏ ଯେ ସାଧାରଣ ନାଗରିକମାନେ ଆତଙ୍କରୁ ମୁକ୍ତି ପାଇବେ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ପଦକ୍ଷେପ ନିଆଯିବ । କିନ୍ତୁ ଇସ୍ରାଏଲ୍ କ୍ଷେତ୍ରରେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଇଛି । ରିପୋର୍ଟ ଅନୁଯାୟୀ ଇସ୍ରାଏଲ୍ ସେନା ଗାଜା ଉପରେ ନିଜର ଆଞ୍ଚଳିକ ନିୟନ୍ତ୍ରଣ ବୃଦ୍ଧି କରିବା ସହିତ ନିରୀହ ପାଲେଷ୍ଟାଇନ ନାଗରିକମାନଙ୍କୁ ଟାର୍ଗେଟ୍ କରୁଛି । ଏହି ଘଟଣା ଆନ୍ତର୍ଜାତିକ ସମ୍ପ୍ରଦାୟର ନିରବତା ଏବଂ ବିଫଳତା ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି । ଯୁଦ୍ଧବିରତି ପରେ ମଧ୍ୟ ଏଭଳି ବର୍ବରତା ଜାରି ରହିବା ପ୍ରମାଣିତ କରୁଛି ଯେ ଇସ୍ରାଏଲର ପ୍ରକୃତ ଉଦ୍ଦେଶ୍ୟ କେବଳ ସାମରିକ ବିଜୟ ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ ଭୂଖଣ୍ଡରୁ ଏହାର ମୂଳ ବାସିନ୍ଦାଙ୍କୁ ଉଚ୍ଛେଦ କରିବା । ଏହି ପରିପ୍ରେକ୍ଷୀରେ ଜାତିସଂଘର ଏହି ନୂତନ ରିପୋର୍ଟ ବିଶ୍ୱ ସମୁଦାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ ପାଲଟିଛି, ଯାହାକି ଭବିଷ୍ୟତରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ଦୃଢ଼ ଭିତ୍ତିଭୂମି ଯୋଗାଇବ ।

ଏହି ସଙ୍କଟର ଭୟାବହତାକୁ ବୁଝିବା ପାଇଁ ତଥ୍ୟ ଏବଂ ପରିସଂଖ୍ୟାନ ଉପରେ ଦୃଷ୍ଟି ନିକ୍ଷେପ କରିବା ନିତାନ୍ତ ଆବଶ୍ୟକ । ଜାତିସଂଘ ଆୟୋଗର ରିପୋର୍ଟ ଅନୁଯାୟୀ, ଏହି ସଂଘର୍ଷରେ ବର୍ତ୍ତମାନ ସୁଦ୍ଧା ୭୫,୦୦୦ ରୁ ଅଧିକ ପାଲେଷ୍ଟାଇନ ନାଗରିକଙ୍କ ପ୍ରାଣହାନି ଘଟିଲାଣି । ଏହା ପୂର୍ବରୁ ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଧ୍ୟ ସମାନ ଧରଣର ତଥ୍ୟ ପ୍ରଦାନ କରିଥିଲା, ଯେଉଁଥିରେ ମୃତକଙ୍କ ସଂଖ୍ୟା ୭୩,୦୦୦ ପାର୍ କରିଥିବା କୁହାଯାଇଥିଲା । ସବୁଠାରୁ ହୃଦୟବିଦାରକ ବିଷୟ ହେଉଛି ଯେ ମୃତକଙ୍କ ମଧ୍ୟରୁ ପ୍ରାୟ ଅଧା ହେଉଛନ୍ତି ମହିଳା ଏବଂ ଶିଶୁ । ଗାଜାର ସମୁଦାୟ ଶିଶୁ ଜନସଂଖ୍ୟାର ପ୍ରାୟ ୨ ପ୍ରତିଶତ ଇସ୍ରାଏଲ୍ ସୁରକ୍ଷା ବାହିନୀ ଦ୍ୱାରା ନିହତ ହୋଇଛନ୍ତି ବୋଲି ଜାତିସଂଘର ଅନ୍ୟ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା । ଏହି ସଂଖ୍ୟା କେବଳ ଗଣିତ ନୁହେଁ, ଏହା ହେଉଛି ବିପୁଳ ମାନବୀୟ କ୍ଷତିର ଏକ ନଗ୍ନ ଚିତ୍ର । ଯୁଦ୍ଧବିରତି ଲାଗୁ ହେବା ପରେ ଆକ୍ରମଣର ମାତ୍ରା କମିଥିବା କୁହାଯାଉଥିଲେ ମଧ୍ୟ ପ୍ରତିଦିନ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟୁଛି । ଇସ୍ରାଏଲ୍ ସେନା ଦ୍ୱାରା ନିୟନ୍ତ୍ରିତ ଅଞ୍ଚଳ ଏବଂ ପାଲେଷ୍ଟାଇନ ପ୍ରଶାସନ ଦ୍ୱାରା ପରିଚାଳିତ ଅଞ୍ଚଳକୁ ପୃଥକ କରୁଥିବା 'ୟେଲୋ ଲାଇନ୍' ବା ହଳଦିଆ ରେଖା ନିକଟରେ ସବୁଠାରୁ ଅଧିକ ରକ୍ତପାତ ଦେଖିବାକୁ ମିଳୁଛି । ଯେଉଁ ସାଧାରଣ ନାଗରିକ, ବିଶେଷ କରି ଶିଶୁମାନେ ଏହି ରେଖା ଅତିକ୍ରମ କରିବାକୁ ଚେଷ୍ଟା କରୁଛନ୍ତି କିମ୍ବା ଏହାର ନିକଟବର୍ତ୍ତୀ ହେଉଛନ୍ତି, ସେମାନଙ୍କ ଉପରେ ଆଖିବୁଜା ଗୁଳିଚାଳନା କରାଯାଉଛି । ଏହି ହଳଦିଆ ରେଖା ବର୍ତ୍ତମାନ ଏକ ମୃତ୍ୟୁର ରେଖାରେ ପରିଣତ ହୋଇଛି, ଯେଉଁଠାରେ ନିରୀହ ଲୋକଙ୍କ ଜୀବନର କୌଣସି ମୂଲ୍ୟ ନାହିଁ । ଏହା ସ୍ପଷ୍ଟ କରୁଛି ଯେ ଇସ୍ରାଏଲ୍ ସେନାର ଲକ୍ଷ୍ୟ କେବଳ ହମାସ୍ ଆତଙ୍କବାଦୀଙ୍କୁ ଦମନ କରିବା ନୁହେଁ, ବରଂ ସାଧାରଣ ନାଗରିକଙ୍କ ମନରେ ଭୟ ସୃଷ୍ଟି କରିବା ଏବଂ ସେମାନଙ୍କୁ ନିଶ୍ଚିହ୍ନ କରିବା । ଏଭଳି ପରିସଂଖ୍ୟାନ ଏବଂ ବାସ୍ତବତା ଆଧୁନିକ ମାନବ ସଭ୍ୟତା ପାଇଁ ଏକ ଲଜ୍ଜାଜନକ ବିଷୟ ।

ଆନ୍ତର୍ଜାତିକ ଆଇନ, ବିଶେଷ କରି ଜେନେଭା ସମ୍ମିଳନୀ ଏବଂ ରୋମ୍ ଷ୍ଟାଚ୍ୟୁଟ୍ ଅନୁଯାୟୀ, ଯୁଦ୍ଧ ସମୟରେ ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ କରିବା, ବେସାମରିକ ଭିତ୍ତିଭୂମି ନଷ୍ଟ କରିବା ଏବଂ ଏକ ନିର୍ଦ୍ଦିଷ୍ଟ ଜନଗୋଷ୍ଠୀକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ଧ୍ୱଂସ କରିବା ଉଦ୍ଦେଶ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଯୁଦ୍ଧ ଅପରାଧ ତଥା ଗଣହତ୍ୟା ଶ୍ରେଣୀଭୁକ୍ତ ଅଟେ । ବିଚାରପତି ଶ୍ରୀନିବାସନ ମୁରଲୀଧରଙ୍କ ନେତୃତ୍ୱାଧୀନ ଆୟୋଗ ଏହି ଆଇନଗତ ମାନଦଣ୍ଡକୁ ଆଧାର କରି ନିଜର ସିଦ୍ଧାନ୍ତରେ ପହଞ୍ଚିଛନ୍ତି । ୧୯୪୮ ମସିହାର ଜାତିସଂଘ ଗଣହତ୍ୟା ନିବାରଣ ସନନ୍ଦରେ ମଧ୍ୟ ସ୍ପଷ୍ଟ କରାଯାଇଛି ଯେ କୌଣସି ଜାତି, ଧର୍ମ କିମ୍ବା ଗୋଷ୍ଠୀର ଲୋକଙ୍କୁ ଯୋଜନାବଦ୍ଧ ଭାବରେ ହତ୍ୟା କରିବା ସର୍ବୋଚ୍ଚ ଅପରାଧ । ଯୁଦ୍ଧବିରତି ସମୟରେ ମଧ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିବା ଏବଂ ଲୋକଙ୍କୁ ନିଜ ବାସସ୍ଥାନରୁ ବିତାଡିତ କରି ଅଧିକ ଅଞ୍ଚଳ ଦଖଲ କରିବା ଏକ ସୁଚିନ୍ତିତ ଷଡ଼ଯନ୍ତ୍ରର ଅଂଶବିଶେଷ । ଇସ୍ରାଏଲ୍ ବାରମ୍ବାର ଯୁକ୍ତି ବାଢ଼ିଆସିଛି ଯେ ସେମାନେ ଆତ୍ମରକ୍ଷା ପାଇଁ ଏବଂ ହମାସ୍ ଉଗ୍ରବାଦୀଙ୍କ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଏହିସବୁ ପଦକ୍ଷେପ ନେଉଛନ୍ତି । ତେବେ ଆତ୍ମରକ୍ଷାର ଅଧିକାର କେବେବି ଗଣହତ୍ୟାର ବାହାନା ହୋଇପାରିବ ନାହିଁ । ହଜାର ହଜାର ସଂଖ୍ୟାରେ ନିରୀହ ଲୋକଙ୍କୁ ହତ୍ୟା କରିବା, ସ୍କୁଲ୍ ଏବଂ ଡାକ୍ତରଖାନା ଉପରେ ବୋମାମାଡ଼ କରିବା ଏବଂ ଲୋକଙ୍କୁ ଖାଦ୍ୟ, ପାନୀୟ ଜଳ ତଥା ଔଷଧରୁ ବଞ୍ଚିତ କରିବା ଆଦୌ ଗ୍ରହଣୀୟ ନୁହେଁ । ଏହା ଏକ ପ୍ରକାରର ସାମୂହିକ ଦଣ୍ଡବିଧାନ, ଯାହାକି ଆନ୍ତର୍ଜାତିକ ମାନବାଧିକାର ଆଇନର ଘୋର ବିରୋଧୀ । ଖାଦ୍ୟ ଏବଂ ଚିକିତ୍ସା ସୁବିଧାକୁ ଏକ ଯୁଦ୍ଧାସ୍ତ୍ର ଭାବରେ ବ୍ୟବହାର କରିବା ଆଧୁନିକ ଯୁଦ୍ଧ ନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ । ଆୟୋଗର ରିପୋର୍ଟ ସ୍ପଷ୍ଟ କରୁଛି ଯେ ଇସ୍ରାଏଲ୍ କେବଳ ସାମରିକ ଲକ୍ଷ୍ୟ ହାସଲ କରୁନାହିଁ, ବରଂ ପାଲେଷ୍ଟାଇନିଙ୍କର ଅସ୍ତିତ୍ୱକୁ ଧ୍ୱଂସ କରିବା ପାଇଁ ଏକ ବ୍ୟବସ୍ଥିତ ପ୍ରଣାଳୀ ଆପଣେଇଛି, ଯାହାକୁ ଆଇନଗତ ଭାଷାରେ ଗଣହତ୍ୟା କୁହାଯାଏ ।

ଗାଜାରେ ଘୋଷିତ ହୋଇଥିବା ଯୁଦ୍ଧବିରତିର ବିଫଳତା ଅନେକ ଗମ୍ଭୀର ପ୍ରଶ୍ନ ଉଠାଉଛି । ସାଧାରଣତଃ ଯୁଦ୍ଧବିରତିର ଅର୍ଥ ହେଉଛି ଉଭୟ ପକ୍ଷରୁ ସମସ୍ତ ପ୍ରକାରର ସାମରିକ ଆକ୍ରମଣ ବନ୍ଦ ହେବା ଏବଂ ଶାନ୍ତିପୂର୍ଣ୍ଣ ଆଲୋଚନା ତଥା ରିଲିଫ୍ କାର୍ଯ୍ୟ ପାଇଁ ବାଟ ଫିଟିବା । କିନ୍ତୁ ଏଠାରେ ଯୁଦ୍ଧବିରତି କେବଳ କାଗଜପତ୍ରରେ ସୀମିତ ରହିଛି । ଇସ୍ରାଏଲ୍ ନିଜର ସୁରକ୍ଷା ଆଳରେ ନୂତନ ସୀମା ନିର୍ଦ୍ଧାରଣ କରୁଛି ଏବଂ ଗାଜା ଉପରେ ନିଜର ଭୌଗୋଳିକ ନିୟନ୍ତ୍ରଣ ବଢ଼ାଉଛି । ପୂର୍ବରୁ ଉଲ୍ଲେଖ କରାଯାଇଥିବା 'ୟେଲୋ ଲାଇନ୍' ଏହାର ଏକ ଜ୍ୱଳନ୍ତ ଉଦାହରଣ । ଏହି ରେଖା ମାଧ୍ୟମରେ ଗାଜାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି, ଯାହା ଫଳରେ ଗାଜା ଅଧିବାସୀଙ୍କର ନିଜ ମାଟି ଉପରେ ସ୍ୱାଧୀନ ଭାବରେ ଚଳପ୍ରଚଳ କରିବାର ମୌଳିକ ଅଧିକାର କ୍ଷୁର୍ଣ୍ଣ ହୋଇଛି । ଏହି ଅଘୋଷିତ ସୀମାକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ଲୋକଙ୍କୁ ଆତଙ୍କବାଦୀ ସନ୍ଦେହରେ ଗୁଳି କରି ହତ୍ୟା କରାଯାଉଛି । ଏହା ଦ୍ୱାରା ପରିବାରଗୁଡ଼ିକ ଛିନ୍ନଭିନ୍ନ ହୋଇଯାଉଛନ୍ତି ଏବଂ ଲୋକମାନେ ନିଜ ନିଜର ଜୀବିକା ତଥା ଅତ୍ୟାବଶ୍ୟକ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଯୁଦ୍ଧବିରତି ପରେ ମଧ୍ୟ ଇସ୍ରାଏଲ୍ ସେନାର ଏଭଳି ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରମାଣିତ କରୁଛି ଯେ ସେମାନେ ଶାନ୍ତି ପ୍ରତିଷ୍ଠା ଅପେକ୍ଷା ଗାଜା ଉପରେ ନିଜର ସାମ୍ରାଜ୍ୟବାଦୀ କବଜାକୁ ସୁଦୃଢ଼ କରିବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏହା ସହିତ ହମାସ୍ ପକ୍ଷରୁ ମଧ୍ୟ ବେଳେବେଳେ ଇସ୍ରାଏଲ୍ ସେନା ଉପରେ ଆକ୍ରମଣ ହେଉଥିବାର ଖବର ଆସୁଛି, ଯାହା ପରିସ୍ଥିତିକୁ ଆହୁରି ଜଟିଳ କରୁଛି । ତଥାପି, ଏକ ଶକ୍ତିଶାଳୀ ରାଷ୍ଟ୍ରୀୟ ସେନା ଭାବରେ ଇସ୍ରାଏଲ୍ ଯେଉଁଭଳି ଭାବରେ ଅସମାନ ଏବଂ ଅତ୍ୟଧିକ ବଳ ପ୍ରୟୋଗ କରୁଛି, ତାହା କୌଣସି ପରିସ୍ଥିତିରେ ଗ୍ରହଣଯୋଗ୍ୟ ନୁହେଁ । ଏହି ପ୍ରକ୍ରିୟା ଗାଜାର ଅର୍ଥନୀତି, ସମାଜ ଏବଂ ମାନସିକତାକୁ ସମ୍ପୂର୍ଣ୍ଣ ରୂପେ ପଙ୍ଗୁ କରିଦେଇଛି ।

ଏହି ସମଗ୍ର ଘଟଣାକ୍ରମରେ ଆନ୍ତର୍ଜାତିକ ସମ୍ପ୍ରଦାୟର ଭୂମିକା ଏବଂ ନିରବତା ଅତ୍ୟନ୍ତ ନିରାଶାଜନକ ତଥା ଉଦ୍‌ବେଗଜନକ । ଜାତିସଂଘର ବିଭିନ୍ନ ଏଜେନ୍ସି ଏବଂ ସ୍ୱାଧୀନ ଆୟୋଗମାନେ ବାରମ୍ବାର ଇସ୍ରାଏଲର ଯୁଦ୍ଧ ଅପରାଧ ସମ୍ପର୍କରେ ରିପୋର୍ଟ ପ୍ରଦାନ କରୁଥିଲେ ମଧ୍ୟ ପ୍ରଭାବଶାଳୀ ରାଷ୍ଟ୍ରମାନେ ଆଖିଦୃଶିଆ ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି । ଆମେରିକା ଏବଂ କେତେକ ପାଶ୍ଚାତ୍ୟ ଦେଶ ଇସ୍ରାଏଲକୁ କ୍ରମାଗତ ଭାବରେ ଅସ୍ତ୍ରଶସ୍ତ୍ର ଏବଂ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି । ଉଦାହରଣସ୍ୱରୂପ, ସାମ୍ପ୍ରତିକ ରିପୋର୍ଟଗୁଡ଼ିକରୁ ଜଣାପଡ଼ିଛି ଯେ ଆମେରିକା ପ୍ରଶାସନ ଇସ୍ରାଏଲକୁ ବିପୁଳ ପରିମାଣର ମାରଣାସ୍ତ୍ର ଏବଂ ବୋମା ପ୍ରଦାନ କରିବାକୁ ଅନୁମୋଦନ ଦେଇଛି । ଏହା ସିଧାସଳଖ ଭାବରେ ଗାଜାରେ ହେଉଥିବା ଧ୍ୱଂସଲୀଳାକୁ ପ୍ରୋତ୍ସାହିତ କରୁଛି । ଯେଉଁ ରାଷ୍ଟ୍ରମାନେ ନିଜକୁ ବିଶ୍ୱରେ ମାନବାଧିକାର ଏବଂ ଗଣତନ୍ତ୍ରର ରକ୍ଷକ ବୋଲି ଦାବି କରନ୍ତି, ସେମାନଙ୍କର ଏହି ଦ୍ୱୈତ ନୀତି ଅତ୍ୟନ୍ତ ନିନ୍ଦନୀୟ । ଜାତିସଂଘ ନିରାପତ୍ତା ପରିଷଦରେ ମଧ୍ୟ ଭିଟୋ କ୍ଷମତାର ବାରମ୍ବାର ଅପବ୍ୟବହାର କାରଣରୁ ଇସ୍ରାଏଲ୍ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁ ନାହିଁ । ଭୌଗୋଳିକ ରାଜନୀତି ଏବଂ ରଣନୈତିକ ସ୍ୱାର୍ଥ ଆଗରେ ମାନବିକ ମୂଲ୍ୟବୋଧ ଆଜି ହାର ମାନିଛି । ଆନ୍ତର୍ଜାତିକ ନ୍ୟାୟାଳୟ (ଆଇସିଜେ) ଦ୍ୱାରା ଦିଆଯାଇଥିବା ଅସ୍ଥାୟୀ ନିର୍ଦ୍ଦେଶାବଳୀକୁ ମଧ୍ୟ ଇସ୍ରାଏଲ୍ ଖାତିର କରୁନାହିଁ, ଯାହାକି ଆନ୍ତର୍ଜାତିକ ଆଇନ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି । ଯେପର୍ଯ୍ୟନ୍ତ ଆନ୍ତର୍ଜାତିକ ସମ୍ପ୍ରଦାୟ ଏକଜୁଟ ହୋଇ ଇସ୍ରାଏଲ୍ ଉପରେ ଆର୍ଥିକ ତଥା କୂଟନୈତିକ ଚାପ ପକାଇବେ ନାହିଁ ଏବଂ ଅସ୍ତ୍ରଶସ୍ତ୍ର ଯୋଗାଣ ଉପରେ କଟକଣା ଲଗାଇବେ ନାହିଁ, ସେପର୍ଯ୍ୟନ୍ତ ଏହି ରକ୍ତପାତ ବନ୍ଦ ହେବାର କୌଣସି ସମ୍ଭାବନା ନାହିଁ । ବିଶ୍ୱ ନେତୃବୃନ୍ଦଙ୍କ ଏହି ନିଷ୍କ୍ରିୟତା ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ଭାବରେ ଲିପିବଦ୍ଧ ହୋଇ ରହିବ ।

ପରିଶେଷରେ, ଜାତିସଂଘ ଆୟୋଗର ଏହି ବିସ୍ତୃତ ରିପୋର୍ଟ ବିଶ୍ୱବିବେକ ପାଇଁ ଏକ ଚେତାବନୀ ସଦୃଶ । କେବଳ ରିପୋର୍ଟ ପ୍ରକାଶ କରିଦେଲେ କିମ୍ବା ମିଳିତ ଜାତିସଂଘର ସାଧାରଣ ସଭାରେ ନିନ୍ଦା ପ୍ରସ୍ତାବ ଗ୍ରହଣ କଲେ ଏହି ଜଟିଳ ସମସ୍ୟାର ସମାଧାନ ହେବ ନାହିଁ । ଆନ୍ତର୍ଜାତିକ ଅପରାଧିକ ନ୍ୟାୟାଳୟ (ଆଇସିସି) ଏବଂ ଆନ୍ତର୍ଜାତିକ ନ୍ୟାୟାଳୟ (ଆଇସିଜେ) ଭଳି ସଂସ୍ଥାଗୁଡ଼ିକ ଏହି ପ୍ରସଙ୍ଗରେ ତ୍ୱରିତ ତଥା ନିର୍ଣ୍ଣାୟକ ହସ୍ତକ୍ଷେପ କରିବା ଆବଶ୍ୟକ । ଯେଉଁମାନେ ଏହି ଘୃଣ୍ୟ ଯୁଦ୍ଧ ଅପରାଧ ଏବଂ ଗଣହତ୍ୟା ପାଇଁ ଦାୟୀ, ସେମାନଙ୍କୁ ବିନା ଦ୍ୱିଧାରେ ଆଇନର କାଠଗଡ଼ାକୁ ଆଣିବା ନିତାନ୍ତ ଜରୁରୀ । ଇସ୍ରାଏଲ୍ ଉପରେ କଠୋର ଆର୍ଥିକ ଏବଂ କୂଟନୈତିକ ପ୍ରତିବନ୍ଧକ ଲଗାଇବା ଦିଗରେ ବିଶ୍ୱ ସମ୍ପ୍ରଦାୟ ଗମ୍ଭୀରତାର ସହ ଚିନ୍ତା କରିବାର ସମୟ ଆସିଛି । ଗାଜାର ନିରୀହ ଜନତାଙ୍କୁ ସେମାନଙ୍କର ମୌଳିକ ଅଧିକାର, ସମ୍ମାନ ଏବଂ ଜୀବନ ଧାରଣର ସୁରକ୍ଷା ପ୍ରଦାନ କରିବା ସମଗ୍ର ବିଶ୍ୱର ନୈତିକ ଦାୟିତ୍ୱ ଅଟେ । ଯୁଦ୍ଧବିରତି କେବଳ ଏକ ସାମୟିକ ବିରତି ନହୋଇ, ଏହା ଏକ ସ୍ଥାୟୀ ଶାନ୍ତି ପ୍ରକ୍ରିୟାର ଆରମ୍ଭ ହେବା ଉଚିତ୍ । ବିଚାରପତି ମୁରଲୀଧରଙ୍କ ଆୟୋଗ ଯେଉଁ ସତ୍ୟକୁ ସାମ୍ନାକୁ ଆଣିଛନ୍ତି, ତାହାକୁ ଅଣଦେଖା କରିବା ମାନବିକତାର ପରାଜୟ ସହ ସମାନ । ଏହା କେବଳ ଗାଜାର ସମସ୍ୟା ନୁହେଁ, ବରଂ ଏହା ସମଗ୍ର ମାନବ ଜାତିର ବିବେକ, ନ୍ୟାୟବୋଧ ଏବଂ ଆନ୍ତର୍ଜାତିକ ଆଇନର ବୈଧତା ଉପରେ ଏକ କଠିନ ପରୀକ୍ଷା ।

ଦୁର୍ନୀତି: ସ୍ୱାର୍ଥ ଓ ନୈତିକତା ମଧ୍ୟରେ ଅଘୋଷିତ ବୁଝାମଣା



ବିକାଶ ରନ ସ୍ୱାଇଁ

ଦୁର୍ନୀତି କହିଲେ ଆମ ମନକୁ ଲାଞ୍ଚ ବା କ୍ଷମତାର ଅପବ୍ୟବହାର ଆସେ। ସାଧାରଣ ଅର୍ଥରେ ଏହା କ୍ଷମତା ବା ପଦର ଅପବ୍ୟବହାର କରି ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବାକୁ ବୁଝାଏ। ନିଜ ସ୍ୱାର୍ଥ ପାଇଁ ପ୍ରଦତ୍ତ କ୍ଷମତା ବା ପଦର ଅପବ୍ୟବହାର, ଯଥା-ପକ୍ଷପାତ, ସ୍ୱଜନ ପ୍ରୀତି, କାମରେ ଅବହେଳା ପରି ଆଚରଣ ମଧ୍ୟ ଦୁର୍ନୀତିକୁ ବୁଝାଇଥାଏ। ଦୁର୍ନୀତି କେବଳ ଏକ ଆଇନଗତ ଅପରାଧ ନୁହେଁ, ଏହା ମଣିଷର ବିବେକ ସହିତ କରାଯାଇଥିବା ଏକ ଅଘୋଷିତ ଚୁକ୍ତି। ଯେଉଁଠି ମଣିଷ ଜାଣିଜାଣି ନୈତିକତାକୁ ପଛରେ ପକାଇ ସ୍ୱାର୍ଥକୁ ଆଗରେ ରଖେ, ସେହିଠାରୁ ହିଁ ଦୁର୍ନୀତିର ଜନ୍ମ ହୁଏ। ଦୁର୍ନୀତି କେବଳ ଏକ ଆଇନଗତ ଅପରାଧ ନୁହେଁ, ଏହା ଏକ ଗଭୀର ନୈତିକ ସଙ୍କଟ। କିନ୍ତୁ ଏହାର ମୂଳରେ ରହିଛି ମଣିଷ ମନର ଏକ ଅଘୋଷିତ ବୁଝାମଣା - ଯେଉଁଠି ସ୍ୱାର୍ଥ ନୈତିକତା ସହିତ ଆପୋଷ ସମାଧାନ କରିନିଏ, ଅଘୋଷିତ ଚୁକ୍ତି କରେ ଏବଂ ଅନ୍ୟାୟକୁ ନ୍ୟାୟ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରେ। ଗୋଟିଏ ଧାଡ଼ିରେ କହିବାକୁ ଗଲେ ଦୁର୍ନୀତି ହେଉଛି ନୀତିର ବିପରୀତ ଆଚରଣ ଯାହାକି ଆଜିର ସମାଜରେ ଏକ ବିଚ୍ଛିନ୍ନ ଘଟଣା ନୁହେଁ, ବରଂ ଏକ ବ୍ୟବସ୍ଥାଗତ ଅଭ୍ୟାସ। ଯେତେବେଳେ ସ୍ୱାର୍ଥ ଭାରୀ ପଡ଼େ, ସେତେବେଳେ ନୈତିକତା ସହିତ କେଉଁଠି ନା କେଉଁଠି ଏକ ଚୁପ୍‌ଚାପ୍ ରାଜିନାମା ହୋଇଯାଇଥାଏ। ପ୍ରତ୍ୟେକ ମଣିଷ ଭିତରେ ଦୁଇଟି ସତ୍ତା କାମ କରେ - ଗୋଟିଏ ହେଉଛି ସ୍ୱାର୍ଥ, ଯାହା କହେ 'ମୋର ଲାଭ କ'ଣ?' ଏବଂ ଅନ୍ୟଟି ହେଉଛି ନୈତିକତା, ଯାହା କହେ 'ଏହା ଠିକ୍ କି?' ସାଧାରଣ ପରିସ୍ଥିତିରେ ନୈତିକତା ଜିତିଥାଏ। କିନ୍ତୁ ଯେତେବେଳେ ସ୍ୱାର୍ଥର ଓଜନ ଅତ୍ୟଧିକ ବଢ଼ିଯାଏ, ସେତେବେଳେ ମଣିଷ ନିଜ ମନ ସହିତ ଏକ ଅଘୋଷିତ ବୁଝାମଣା କରେ - 'ଏଥର ଚଳିଯିବ, କେହି ଜାଣିବେନି'। ଏହି ଛୋଟ ଆପୋଷ ବୁଝାମଣା ହିଁ ଧୀରେ ଧୀରେ ଏକ ବଡ଼ ଅଭ୍ୟାସରେ ପରିଣତ ହୁଏ। ସ୍ୱାର୍ଥ ଓ ନୈତିକତା ମଧ୍ୟରେ ମନ ଭିତରେ ଯୁଦ୍ଧ ହୁଏ। ଶେଷରେ ମନ ନୈତିକତାକୁ ବୁଝାଇଦିଏ- 'ସମସ୍ତେ କରୁଛନ୍ତି, ମୁଁ କଲେ କ'ଣ ହେବ?' ଏହି କଥା ନିଜକୁ ବୁଝାଇବା ହିଁ ସେହି ଅଘୋଷିତ ବୁଝାମଣା। ଏହା ଫଳରେ ମଣିଷ ଜାଣି ଜାଣି ଭୁଲ୍ କରେ ଏବଂ ତାକୁ ଠିକ୍ ବୋଲି ପ୍ରମାଣ କରିବାରେ ଲାଗିପଡ଼େ ଓ ନିଜକୁ ଅପରାଧବୋଧରୁ ବଞ୍ଚାଇବା ପାଇଁ ନୂଆ ନୂଆ ବାହାନା ତିଆରି କରେ।

ନୈତିକତା ମଣିଷକୁ ମଣିଷ କରେ। ଏହା ସମାଜ, ପରିବାର, ଶିକ୍ଷା ଓ ବିବେକ ଦ୍ୱାରା ଗଢ଼ା। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ନୈତିକତାହୀନ ନୁହନ୍ତି। ସେମାନେ ନୈତିକତାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରନ୍ତି ନାହିଁ, ବରଂ ତା' ସହିତ ଏକ ବୁଝାମଣା କରିନିଅନ୍ତି। ଏହି ବୁଝାମଣା ଅଘୋଷିତ। ମନ ଭିତରେ ସେ ନିଜକୁ କହେ, 'ମୁଁ ଖରାପ ଲୋକ ନୁହେଁ, କେବଳ ପରିସ୍ଥିତି ଖରାପ। ଥରେ କାମ ହୋଇଗଲେ ଆଉ କରିବି ନାହିଁ।' ଏହିପରି ଭାବରେ ବିବେକକୁ ସାମୟିକ ଭାବରେ ଶୁଆଇ ଦେଇ ସ୍ୱାର୍ଥ ନିଜ କାମ ହାସଲ କରେ। ଏହା ହିଁ ସବୁଠାରୁ ଭୟଙ୍କର ଦିଗ ଭାବରେ ଚିନ୍ତା, ଚେତନା, ମୂଲ୍ୟବୋଧ, ଆଦର୍ଶ, ସ୍ୱାଭିମାନ ଓ ନୈତିକତାକୁ କବଳିତ କରି ଦୁର୍ନୀତି ବାହାରେ ନୁହେଁ, ବରଂ ନିଜ ଭିତରେ ରାକ୍ଷସ ଭାବରେ ଜନ୍ମ ନିଏ। ନିଜ ସ୍ୱାର୍ଥ ପାଇଁ ସାଧାରଣ ନୈତିକତାକୁ ବଳି ପକାଇ ଲାଞ୍ଚ ନେବା ଠାରୁ ଆରମ୍ଭ କରି କୋଟି କୋଟି ଟଙ୍କାର ଘୋଟାଲା କରିବା ପର୍ଯ୍ୟନ୍ତ ଦୁର୍ନୀତିକୁ ବ୍ୟକ୍ତିଗତ ପାପରୁ ଏକ ସାମୂହିକ ସଂସ୍କୃତିରେ ପରିଣତ କରେ। ଫଳରେ ଯୋଗ୍ୟ ବ୍ୟକ୍ତି ସୁଯୋଗ ପାଏ ନାହିଁ, ଗରିବ ନ୍ୟାୟ ପାଏ ନାହିଁ ଏବଂ ଦେଶର ବିକାଶ ମନ୍ଥର ହୋଇଯାଏ। ଏହି ଅଘୋଷିତ ବୁଝାମଣାକୁ ଭାଙ୍ଗିବା ପାଇଁ କେବଳ କଠୋର ଆଇନ ଯଥେଷ୍ଟ ନୁହେଁ। ଆବଶ୍ୟକ ହେଉଛି ନୈତିକ ଶିକ୍ଷା ଏବଂ ଆତ୍ମ ସଚେତନତା। ଯେଉଁ ଦିନ ଆମେ ସ୍ୱାର୍ଥ ସହିତ ହୋଇଥିବା ସେହି ଅଘୋଷିତ ବୁଝାମଣାକୁ ବାତିଲ କରିବା, ସେହି ଦିନ ନୈତିକତା ଜିତିବ। ଦୁର୍ନୀତି ବିରୁଦ୍ଧରେ ଲଢ଼େଇ କେବଳ କଠୋର ଆଇନ କିମ୍ବା ତଦନ୍ତ ସଂସ୍ଥା ଦ୍ୱାରା ଜିତାଯାଇ ପାରିବ ନାହିଁ। ଏହା ହେଉଛି ସ୍ୱାର୍ଥ ଓ ନୈତିକତା ମଧ୍ୟରେ ଚାଲିଥିବା ସେହି ଅଘୋଷିତ ବୁଝାମଣାକୁ ଭାଙ୍ଗିବାର ଲଢ଼େଇ। ଏଥିପାଇଁ ଆବଶ୍ୟକ ହେଉଛି ବ୍ୟକ୍ତିଗତ ଚେତନା, ଶିକ୍ଷା ବ୍ୟବସ୍ଥାରେ ମୂଲ୍ୟବୋଧର ଶିକ୍ଷା ଏବଂ ସାମାଜିକ ସ୍ତରରେ ସଚ୍ଚୋଟତାର ସମ୍ମାନ। ଯେଉଁ ଦିନ ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ୱାର୍ଥ ପୂର୍ବରୁ ନୈତିକତାକୁ ସ୍ଥାନ ଦେବ, ସେହି ଦିନ ଏହି ଅଘୋଷିତ ବୁଝାମଣା ଆପେ ଆପେ ଭାଙ୍ଗିଯିବ ଏବଂ ଏକ ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ସମାଜ ଗଠନ ସମ୍ଭବ ହେବ।

+ଭାରପ୍ରାପ୍ତ ଅଧିକାରୀ,
ବାରିପଦା ଭିଜିଲାନ୍ସ ବିଭାଗ,
ମୟୂରଭଞ୍ଜ
ମୋ: ୯୪୩୭୨୪୭୦୭୮

କାହିଁକି ଜଳୁଛି ୟୁରୋପ ?



ବିନୋଦ

ସାରା ୟୁରୋପରେ ଏବେ ଅଶାନ୍ତିର ନିଆଁ। ୟୁରୋପ ଅନ୍ତର୍ଗତ ୪୪ ରାଷ୍ଟ୍ର ମଧ୍ୟରୁ ଅଧିକାଂଶ ଦେଶରେ ଅସନ୍ତୋଷର ବହ୍ନି। ଜନଗଣଙ୍କ ପ୍ରତି ବର୍ଷ ବର୍ଷର ଅବହେଳା, ସ୍ୱାର୍ଥକେନ୍ଦ୍ରିକ ସରକାର, ଜନଜୀବନର ବଞ୍ଚିବାର ମୌଳିକ ଅଧିକାରଗୁଡ଼ିକୁ କର୍ଣ୍ଣପାତ ନ କରିବା, ଯୁବବର୍ଗର ନ୍ୟାଯ୍ୟ ଦାବି ପୂରଣରେ ବିଫଳତା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ନଦେବା, ବସ-ବାସ ପ୍ରତି ଧ୍ୟାନ ନଦେବା, ବେକାରୀ ଆଦି କାରଣକୁ ନେଇ ଦିନକୁ ଦିନ ସାରା ୟୁରୋପରେ ବ୍ୟାପୁଛି ଆନ୍ଦୋଳନ। ଏପରିକି ମହାଶକ୍ତିଶାଳୀ ରାଷ୍ଟ୍ର ଫ୍ରାନ୍ସ, ଇଟାଲୀ, ଜର୍ମାନୀ, ପୋଲାଣ୍ଡ ଆଦି ରାଷ୍ଟ୍ରରେ ବି ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ପ୍ରଶ୍ନ ଉଠୁଛି ଏହାର କାରଣ କ'ଣ? କାହିଁକି ୟୁରୋପ ପରି ଧନଶାଳୀ ଭୂଖଣ୍ଡରେ ଏତେ ଅସନ୍ତୋଷ? କାହିଁକି ଅଧିକାଂଶ ସରକାର ବିରୋଧରେ ଚାଲିଛି ଆନ୍ଦୋଳନ?

ଫ୍ରାନ୍ସର ଅଧିକାଂଶ ସହରରେ ବିକ୍ଷୋଭ, ଆନ୍ଦୋଳନ ପରେ ଜର୍ମାନୀର ମ୍ୟୁନିକ, ଫ୍ରାଙ୍କଫର୍ଟ, ବର୍ଲିନ ଆଦି ସହରରେ ଏବେ ଯୁବ ଆନ୍ଦାଳନର ନିଆଁ। ସର୍ବଆରେ ବି ଦୀର୍ଘ ଦିନ ଧରି ଗାଦି ମାଡ଼ି ବସିରହିଥିବା ଶାସକମାନଙ୍କ ବିରୋଧରେ ତାତିଛନ୍ତି ଜେନ-ଜି। ଯୁଦ୍ଧବାଦୀ ବିଶ୍ୱରେ ଜନଜୀବନ ପ୍ରତି ଗୁରୁତ୍ୱ ନ ଦେଇ ସାମରିକ ପ୍ରତିଯୋଗିତାରେ ବ୍ୟସ୍ତ ଅଛନ୍ତି ଅଧିକାଂଶ ସରକାର। ବିଭିନ୍ନ ମହଲରେ ଯୁକ୍ତି ହେଉଛି ଯେ, ବାଧ୍ୟତାମୂଳକ ସାମରିକ ବିଭାଗରେ ଚାକିରି ବେକାରୀ, ଦାରିଦ୍ର୍ୟ ଆଦି ସମସ୍ୟାର ସମାଧାନ କରିପାରିବ ନାହିଁ। ବରଂ ସେଥିପ୍ରତି ଗୁରୁତ୍ୱ ନଦେଇ ଉଚ୍ଚମାନର ନିଯୁକ୍ତିକୁ ଫୋକସ କରିବା ଲାଗି ଦାବି ଉଠୁଛି।

ଜର୍ମାନୀ, କ୍ରୋଏସିଆ, ଅଷ୍ଟ୍ରିଆ, ସାଇପ୍ରସ, ଫିନଲ୍ୟାଣ୍ଡ, ଗ୍ରୀସ, ନରୱେ, ସୁଇଡେନ, ତୁର୍କୀ, ଫ୍ରାନ୍ସ, ବେଲଜିୟମ ଆଦି ଅଧିକାଂଶ ରାଷ୍ଟ୍ରରେ ଦାରିଦ୍ର୍ୟ, ବେକାରୀ, ଜୀବନମାନରେ ହ୍ରାସ ଆଦି ସମସ୍ୟା ଲାଗି ରହିଥିବା ସତ୍ତ୍ୱେ ସାମରିକ ସେବା ଲାଗି ରହିଥିବା ବାଧ୍ୟତାମୂଳକ ବ୍ୟବସ୍ଥା ବା ସମଧରଣର ଆପେକ୍ଷିକ ସର୍ତ୍ତାବଳୀ ବିରୋଧରେ ତାତୁଛନ୍ତି ଜେନ-ଜି। ଶାନ୍ତିରେ ବଞ୍ଚିବା, ବ୍ୟକ୍ତି ସ୍ୱାଧୀନତାର ସୁରକ୍ଷା, ଅର୍ଥନୈତିକ ସମାନତା ନେଇ ଏହି ଆନ୍ଦୋଳନ ଦିନକୁ ଦିନ ଘନୀଭୂତ ହେଉଛି। ଯଦିଓ ଏହି ସବୁ ଆନ୍ଦୋଳନ ପଛରେ ଉଗ୍ରବାମବାଦୀ ଓ ବିଦେଶୀ ଲିଙ୍କ୍ ରହୁଥିବା କୁହାଯାଉଛି ତଥାପି ଦେଶ ଭିତରେ ରହିଥିବା ସମସ୍ୟା ଯେ, ଏହାର ପ୍ରମୁଖ କାରଣ-ଏହା ଧରିବାକୁ ହେବ। ଜର୍ମାନୀର ଆର୍ଥିକ ଅବସ୍ଥା ଏତେ ଖରାପ ହୋଇଛି ଯେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ଦିଆଯାଇପାରୁନାହିଁ। ସେହିପରି କାମ କରିବା ବୟସର ଲୋକଙ୍କ ସଂଖ୍ୟା ହ୍ରାସ ପାଉଛି।କୁହାଯାଏ ୟୁରୋପରେ ୧୯୯୭ରୁ ୨୦୧୨ ମଧ୍ୟରେ ସୃଷ୍ଟି ହୋଇଥିଲା ଜେନ-ଜି। ଅର୍ଥାତ ସେବଠାରୁ ୟୁରୋପରେ ଏହି ଯୁବଗୋଷ୍ଠୀର ଶକ୍ତି ରହିଆସିଛି। ଏବେ ସାରା ୟୁରୋପରେ ସମସ୍ୟା ପ୍ରାୟ ଏକରକମରୁ ହେବାରୁ ଆନ୍ଦୋଳନ ବିସ୍ଫୋରକ ରୂପ ନେଇଛି। ୟୁରୋପର ଅଧିକାଂଶ ରାଷ୍ଟ୍ରରେ ବି ଦୁର୍ନୀତି ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି। ଦୁର୍ନୀତିଗ୍ରସ୍ତ ସରକାରମାନେ କୌଣସି ପ୍ରକାରେ କ୍ଷମତାରେ ରହି ଲୁଣ୍ଠନରେ ମାତିଥିବାରୁ ଏହାର ପ୍ରଭାବ ସମାଜ ଉପରେ ପଡୁଛି। ବିଶେଷ କରି ଯୁବଗୋଷ୍ଠୀ ଏସବୁର ପ୍ରଥମ ଶିକାର ହେଉଥିବାରୁ ଆନ୍ଦୋଳନ ଦିନକୁ ଦିନ ଘନୀଭୂତ ହେବାରେ ଲାଗିଛି। ସ୍ଥିତି ଏପରି ହୋଇଛି ଯେ, ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ ଲାଗି ବ୍ୟୟଭାର ସମ୍ପୂର୍ଣ୍ଣ ହ୍ରାସ କରାଯାଉଛି, ଭିତ୍ତିଭୂମିର ବିକାଶ କରାଯାଉନାହିଁ, କର୍ମଚାରୀଙ୍କ ଦରମା ବୃଦ୍ଧି କରାଯାଉନାହିଁ, ଦରଦାମ ନିୟନ୍ତ୍ରଣ କରାଯାଉନାହିଁ, ଅର୍ଥନୀତିରେ ମାନ୍ଦାବସ୍ଥା କିମ୍ବା ସ୍ଥିରତା ଦେଖାଦେଇଛି। ଏସବୁ ଅବ୍ୟବସ୍ଥା, ସଙ୍କଟ ପରିପ୍ରେକ୍ଷୀରେ ବିଭିନ୍ନ ଶ୍ରମିକ ସଂଗଠନର ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି।

ଜର୍ମାନୀ, ଫ୍ରାନ୍ସ, ପର୍ତ୍ତୁଗାଲ, ସ୍ପେନ, ଆଲବାନିଆ, ସର୍ବିଆ, ବେଲଜିୟମ ଆଦି ରାଷ୍ଟ୍ରରେ ପ୍ରାୟ ଏକ ପ୍ରକାର ସମସ୍ୟା ଲାଗିରହିଛି। ଏଥିଲାଗି ସରକାର ହଟାଇବା ପାଇଁ ଆନ୍ଦୋଳନକାରୀ ପଣ ରଖିଛନ୍ତି।

ୟୁରୋପର ୪୪ଟି ରାଷ୍ଟ୍ର ମଧ୍ୟରୁ ତଥାକଥିତ ଆଭିଜାତ୍ୟ ସଂଘ ୟୁରୋପୀୟ ୟୁନିଅନରେ ରହିଛନ୍ତି ୨୭ ରାଷ୍ଟ୍ର। ୟୁରୋପୀୟ ୟୁନିଅନର ପ୍ରାୟ ୪୫ କୋଟି ଲୋକଙ୍କ ମଧ୍ୟରୁ ଦାରିଦ୍ର୍ୟ, ସାମାଜିକ ସଂକଟରେ ରହିଛନ୍ତି ପ୍ରାୟ ୩୦ ପ୍ରତିଶତ ଯୁବବର୍ଗ। ଅଧିକାଂଶ ରାଷ୍ଟ୍ରରେ ଜନଜୀବନ ସମସ୍ୟା ତୀବ୍ର ହେବାରେ ଲାଗିଛି। ଏସବୁ କାରଣରୁ ଯେଉଁ ଉଦ୍ଦେଶ୍ୟ ରଖି ୧୯୯୩ରେ ଗଠିତ ୟୁରୋପୀୟ ୟୁନିଅନ ଆଜି ଦିଗହରା ହୋଇଛି। ଏହା ପ୍ରତ୍ୟକ୍ଷ ଭାବେ ଆମେରିକା ନିର୍ଦ୍ଦେଶରେ ପରିଚାଳିତ ହେବାରେ ଲାଗିଛି।


ବିଶେଷ କରି ସାମାଜିକ ଭିତ୍ତିଭୂମି ପ୍ରତି ଗୁରୁତ୍ୱ ନଦେବା, ସାମାଜିକ କ୍ଷେତ୍ର ପ୍ରତି ପୁଞ୍ଜିବିନେଶର ଅଭାବ, ଶ୍ରମ ଆଇନରେ ସଂସ୍କାରର ଅଭାବ, ରାଜସ୍ୱ ପରିଚାଳନାରେ ବ୍ୟର୍ଥତା ଆଦି କାରଣରୁ ସମଗ୍ର ୟୁରୋପରେ ସମଧରଣର ସମସ୍ୟା ଉପୁଜୁଛି ବୋଲି ମତ ଦେଉଛନ୍ତି ୟୁରୋପିଆନ ଇନଭେଷ୍ଟମେଣ୍ଟ ବ୍ୟାଙ୍କ ଓ ରିସର୍ଚ୍ଚ ଅନ ୟୁରୋପିଆ ଇକୋନୋମିକ ଗଭର୍ଣ୍ଣାନ୍ସ।

ଏପରି ଜନ ଉଦଗୀରଣର ଆଉ ଏକ ପ୍ରମୁଖ କାରଣ ହେଲା ବାହ୍ୟଦେଶର ଲୋକଙ୍କ ଅନୁପ୍ରବେଶ। ଜର୍ମାନୀ, ଇଟାଲୀ, ଫ୍ରାନ୍ସ, ଅଷ୍ଟ୍ରିଆ, ଡେନମାର୍କ, ସୁଇଡେନ, ଫିନଲ୍ୟାଣ୍ଡ, ପୋଲାଣ୍ଡ ଆଦି ଦେଶରେ ଅନୁପ୍ରବେଶ ସମସ୍ୟା ତୀବ୍ର ହୋଇଛି। ତେବେ ଏହାକୁ ରୋକିବା ଲାଗି ଅନେକ ପ୍ରକାର ଆଇନଗତ ପ୍ରତିବନ୍ଧକ ରହିଥିବାରୁ ଏବଂ ସରକାର-ବିରୋଧୀଙ୍କ ମଧ୍ୟରେ ସମନ୍ୱୟ ରହୁ ନଥିବାରୁ ଏହି ସମସ୍ୟା ଉତ୍କଟ ହେବାରେ ଲାଗିଛି। ଗେଟ ୱେ ନେସନ ଭାବେ ପରିଚିତ ଇଟାଲୀ ଓ ଗ୍ରୀସରେ ଏହି ସମସ୍ୟା ଅତି ସଂଗୀନ ହୋଇଛି।

ୟୁରୋପ ଓ ୟୁରୋପୀୟ ୟୁନିଅନକୁ ତୁଳନା କଲେ ଏହା ପ୍ରତୀୟମାନ ହେଉଛି ଯେ, ସେହି ଦେଶଗୁଡ଼ିକରେ ଦେଖାଯାଉଥିବା ସମସ୍ୟାଗୁଡ଼ିକ ଭାରତ କ୍ଷେତ୍ରରେ ନୂଆ ନୁହେଁ। ଭାରତର ଜନସଂଖ୍ୟା ହୁହୁ ଗତିରେ ବଢୁଥିବା ବେଳେ ତତ୍‌ସଂଲଗ୍ନ ସମସ୍ୟାଗୁଡ଼ିକ ବି ସେହି ଅନୁପାତରେ ବଢ଼ିବାରେ ଲାଗିଛି। ଦେଶରେ ଶ୍ରମିକ, ଛାତ୍ର, ଯୁବ ନିରାପତ୍ତା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଶିକ୍ଷା କ୍ଷେତ୍ରରେ ଅତ୍ୟାଧୁନିକ ଯନ୍ତ୍ରାଂଶର ବ୍ୟବହାର, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ପ୍ରଭାବ, ସାମାଜିକ ନିରାପତ୍ତା ଲାଗି ସୁସଂହତ ଯୋଜନାର ଅଭାବ, କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନଙ୍କ ସୁରକ୍ଷା ଲାଗି ବ୍ୟାଙ୍କିଙ୍ଗ ସ୍ତରରେ ଯୋଜନାର ଅଭାବ, ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ବିଫଳତା, ଶ୍ରମିକ ଓ ଦାଦନ ସମସ୍ୟା ଉତ୍କଟ ହେବାରେ ଲାଗିଛି। ପ୍ରତିଦିନ ଘରୋଇ କ୍ଷେତ୍ରରୁ ଛଟେଇ ଜାରି ରହିଛି। ଶିକ୍ଷା ଶେଷରେ ଛାତ୍ରଛାତ୍ରୀ ଅନ୍ଧାର ଭବିଷ୍ୟତରେ ରହୁଛନ୍ତି। ଏପରି ସ୍ଥଳେ କୌଣସି ମୁହୂର୍ତ୍ତରେ ଯେ, ଜେନ-ଜି ତାତିବେ ତାହା କହିବା କଷ୍ଟକର। ତେବେ ଏସଆଇଆର ପ୍ରସଙ୍ଗରେ ଜେନ-ଜି ଯେପରି ନିଜର ଶକ୍ତି ହରାଇବାରେ ଲାଗିଛି ତାହା ସର୍ବୋତ ଭାବେ ସାମଗ୍ରିକ ପ୍ରଗତିଭିତ୍ତିକ ଆନ୍ଦୋଳନକୁ ଦୁର୍ବଳ କରୁଛି। ଶୀଘ୍ର ଉତଥାନ-ଶୀଘ୍ର ପତନ ଧାରାରେ ଜେନ-ଜି ଏବେ ଗୁରୁତର ଧକ୍କାର ସମ୍ମୁଖୀନ ହୋଇଛି। ତା' ସହ ଜାତୀୟ ଓ ଆଂଚଳିକ ରାଜନୈତିକ ଦଳଗୁଡ଼ିକ ବି ସେହି ଅନୁପାତରେ ନିଜର ଗୁରୁତ୍ୱ ହରାଇଛନ୍ତି। ଏସଆଇଆର ଆନ୍ଦୋଳନ ଯଦି ଦାରିଦ୍ର୍ୟ, ବେକାରୀ, ଘରୋଇକରଣ, ଛଟେଇ, ଅର୍ଥନୈତିକ ଅସମାନତା, ଅର୍ଥନୈତିକ ମାନ୍ଦାବସ୍ଥା, ବ୍ୟାଙ୍କଗୁଡ଼ିକର ଜନମାରଣ ନୀତି ଆଦି ବିରୋଧରେ ହୋଇଥାନ୍ତା ତେବେ ଦେଶବାସୀ ବହୁଳ ଭାବେ ଉପକୃତ ହୋଇଥାନ୍ତେ। ମାତ୍ର ତାହା ଘଟିଲା ନାହିଁ। ୨୦ରୁ ଅଧିକ ବିରୋଧୀ ରାଜନୈତିକ ଦଳ ଏକ ନିଷ୍ଫଳ ଆନ୍ଦୋଳନରେ ଏକାଠି ହେବାର ମୂଲ୍ୟ କିଛି ନାହିଁ। ଜେନ-ଜିକୁ ଏକ ଶ୍ରେଣୀଭିତ୍ତିକ ଆନ୍ଦୋଳନ ଦିଗରେ ଅଭିପ୍ରେତ କରିବା ଲାଗି କୌଣସି ଦଳ ଆଭିମୁଖ୍ୟ ପୋଷଣ କଲେ ନାହିଁ। ସୀମିତ ରାଜନୈତିକ ଫାଇଦା ଲାଗି ସମସ୍ତେ ବ୍ୟଗ୍ର ହେଉଛନ୍ତି। ଆଦର୍ଶଗତ ଭାବେ ବହୁଧା ବିଭକ୍ତ ରାଜନୈତିକ ଦଳଗୁଡ଼ିକ ଏସଆଇଆର ପ୍ରସଙ୍ଗରେ କେବଳ ନିଜ ଦଳର କର୍ମୀମାନଙ୍କ ସମର୍ଥନ ଲାଭ କରୁଛନ୍ତି ସିନା ଦେଶବାସୀଙ୍କ ସମର୍ଥନ ଲାଭ କରୁନାହାନ୍ତି। ଏହା ସେମାନଙ୍କ ଆଗାମୀ ରଣନୀତି ଲାଗି ନିଷ୍ଫଳ ସାବ୍ୟସ୍ତ ହେବ।


+ଭୁବନେଶ୍ୱର
ମୋ: ୯୪୩୭୧୬୪୭୬୪

ନାହିଁ ନାହିଁରେ ଚାଲିଛି ଆମ ସରକାର




ସୁବ୍ରତ କର

ନୂଆ ସରକାର ଆଉ ନୂଆ ନାହିଁ କାରଣ ଏହା ଅଢ଼େଇ ବର୍ଷ ଶେଷ କରି ୩ ବର୍ଷରେ ପହଞ୍ଚିଛି । ଏହା ପରେ ମଧ୍ୟ ମନ୍ତ୍ରୀ ପଦଠୁ ଆରମ୍ଭ କରି ହାଇକୋର୍ଟରେ ମଧ୍ୟ ମଧାରୁ ଅଧିକ ବିଚାରପତି ପଦ ଖାଲି ପଡ଼ିଛି । ଏବେ ଆମ ହାଇକୋର୍ଟରେ ମଞ୍ଜୁରିପ୍ରାପ୍ତ ବିଚାରପତିଙ୍କ ପଦ ୩୩ । ସେଥିରୁ ମୁଖ୍ୟ ବିଚାରପତିଙ୍କ ସମେତ ୧୫ ଜଣ ବିଚାରପତି କାର୍ଯ୍ୟରତ । ଏବେକାର ରିପୋର୍ଟ ଅନୁସାରେ ୧୭୭୨୦୭ଟି ମାମଲା ବିଚାରଧୀନ ରହିଛି । ଅଗଷ୍ଟ ୧୭ ତାରିଖରେ ହାଇକୋର୍ଟ ବାର ଆସୋସିଏସନ୍ ପକ୍ଷରୁ ଏ ପ୍ରକାରର ଅବସ୍ଥାକୁ ଦେଖି ତୁରନ୍ତ ଖାଲି ପଡ଼ିଥିବା ବିଚାରପତି ପଦ ପୂରଣ ପାଇଁ ଦାବୀ କରାଯାଇଥିଲା । ଅଗଷ୍ଟ ୧୮ ତାରିଖରେ ଚାରିଜଣ ଆଇନଜୀବୀଙ୍କୁ ଓଡ଼ିଆ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପାରିସ କରିଥିଲେ କିନ୍ତୁ ଏପର୍ଯ୍ୟନ୍ତ କୌଣସି ନିଯୁକ୍ତିକୁ ଅନୁମୋଦନ କରାହୋଇନାହିଁ । ବୋଝ ଉପରେ ନଳିତାବିଡ଼ା । ଏବେ ଏବେ ପୁଣି ଆଉ ଦୁଇଜଣ ବିଚାରପତି ଅବସର ଗ୍ରହଣ କରିବାକୁ ଯାଉଛନ୍ତି । ଏହା ଦ୍ୱାରା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୫ରୁ ୧୭ରୁ ଖସି ଆସିବ । ଏ ଫଟୋ ପ୍ରତି ଦିନ କେସ୍ ସଂଖ୍ୟା ବଢ଼ି ଚାଲିଛି । ୧୭୭୨୭ଟି ମାମଲାକୁ ଏହି ୧୩ ଜଣ ବିଚାରପତି ମାନେ କେବେ ଏହାର ଠିକ୍ ସେ ବିଚାର କରି ଲୋକଙ୍କ ସମସ୍ୟାକୁ ସମାଧାନ କରି ପାରିବେ ସେ ବିଷୟରେ କେହି ଜାଣି ନାହାନ୍ତି । ନ୍ୟାୟଳୟର କାମ ହେଉଛି ଲୋକଙ୍କୁ ନ୍ୟାୟ ଦେବା । ଏ ବିଷୟରେ ଆଇନ ମନ୍ତ୍ରୀ ବା ବିଭାଗ ତତ୍‌ପର ହେବାର ଦେଖା ଯାଉନାହିଁ। ଯଦି ରାଜ୍ୟର ସର୍ବୋଚ୍ଚ ନ୍ୟାୟାଳୟରେ ଏଭଳି ଅବସ୍ଥା ତେବେ ଜିଲ୍ଲାସ୍ତରରେ ଥିବା ବିଚାର ବିଭାଗର ଅବସ୍ଥା କଣ ହୋଇଥିବା ଆମେ ଅନୁମାନ କରିବାର ଅଛି । ଯେତେ ଡେରି ହେବ ନ୍ୟାୟ ପାଇଁ ବାର ସେତେ ଅଶାନ୍ତି ଏବଂ ଅରାଜକତା ବଢ଼ିବାର ସମ୍ଭାବନା ରହିଛି । ନ୍ୟାୟ ପାଇବା ଏବଂ ସରକାରଙ୍କ ତରଫରୁ ନ୍ୟାୟ ପାଇବା ଏହା ସାଧାରଣ ଜନତାଙ୍କ ମୌଳିକ ଅଧିକାରୀ ଭିତରେ ଆସୁଛି । ବିନା ବିଚାରପତିରେ ନ୍ୟାୟଳୟ ପଙ୍ଗୁ ହୋଇଯିବା ଏବଂ ଲୋକଙ୍କର ଶୀଘ୍ର ନ୍ୟାୟ ପାଇବାର ଆଶା ମଉଳି ଯିବ। ସରକାରଙ୍କୁ ଅନୁରୋଧ ଏହାକୁ ଅଗ୍ରାଧିକାର ଭିତ୍ତିରେ ନେଇ ଖାଲି ପଡ଼ିଥିବା ସମସ୍ତ ପଦ ପଦବୀକୁ ଶୀଘ୍ର ପୂରଣ କରିବାରେ ଚେଷ୍ଟା କରିବା ଉଚିତ ଏହା ହାଇକୋର୍ଟର ବିଚାରପତି ହୋଇପାରେ, ରାଜ୍ୟର ମନ୍ତ୍ରୀ ହୋଇପାରେ ବା ଅଫିସର ପିଅନ ପଦ।



ଅର୍କକ୍ଷେତ୍ର ନାମେ ପ୍ରସିଦ୍ଧ ଅଟଇ

ପ୍ରଶାନ୍ତ କୁମାର ନାୟକ



ଅର୍କକ୍ଷେତ୍ର ନାମେ ପ୍ରସିଦ୍ଧ ଅଟଇ
କୋଣାର୍କ ତାହାର ନାମ,
ଓଡ଼ିଶାରେ ଥିବା କ୍ଷେତ୍ର ମଧ୍ୟରେ ତ
ଏହା ଏକ ଅନ୍ୟତମ ।

ସୂର୍ଯ୍ୟ ମନ୍ଦିର ତା ଅନ୍ୟ ଏକ ନାମ
ଅପୂର୍ବ ତାହାର କୀର୍ତ୍ତି,
ଚୂନ ପଥରରେ ଗଢା ହୋଇଅଛି
କଥା କହୁଥିବା ମୂର୍ତ୍ତି ।

ସପ୍ତାଶ୍ଚର୍ଯ୍ୟ ମଧ୍ୟେ ଉଲ୍ଲେଖନୀୟ ସେ
ସୂକ୍ଷ୍ମତାର କାରୁକାର୍ଯ୍ୟ,
ଉତ୍କଳ ଭୂଖଣ୍ଡ ଆଜିବି ଗର୍ବିତ
ପାଇଅଛି ତା'ର ନ୍ୟାଯ୍ୟ ।

ଗଙ୍ଗବଂଶୀ ରାଜା ନରସିଂହ ଦେବ
ତାଙ୍କଦ୍ୱାରା ଏ ନିର୍ମିତ,
ବିମୋହିତ ହୋଇ ସୌନ୍ଦର୍ଯ୍ୟରେ ତା'ର
ଆପେ ଯୋଡିହୁଏ ହାତ ।

ନେତୃତ୍ୱ ବହନେ ବିଶୁ ମହାରଣା
କରିଥିଲେ କାର୍ଯ୍ୟାରମ୍ଭ,
ବାରଶ ବଢେଇ ବଳିଦାନ ପାଇଁ
ହୋଇପାରିଛି ସମ୍ଭବ ।

ବାରଶ ବଢେଇ ନପାରିଲେ ଗଢି
ଗଢିଥିଲା ଧର୍ମପଦ,
ମୁଣ୍ଡିମାରି ସିଏ ରକ୍ଷା କରିଥିଲା
ବଢେଇ ଜାତିର ଟେକ ।


କଳା ପାହାଡ ତ ଧ୍ୱଂସ କରିଥିଲା
କୋଣାର୍କର କିଛି ଅଂଶ,
ଦୁଃଖେ ଜର୍ଜରିତ ଆଜିବି ଉତ୍କଳ
ବିଶୁ ମହାରଣା ବଂଶ ।

ଦେଶ ବିଦେଶର କେତେ ପର୍ଯ୍ୟଟକ
ହୋଇ ସେଠି ସମାଗମ,
ଆମ ସଂସ୍କୃତିକୁ ସମ୍ମାନ ଜଣାଇ
କରିଥାଆନ୍ତି ପ୍ରଣାମ ।

+ୟୁନିଟ୍-୦୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

ଲଘୁଚାପ ଆମ ପାଇଁ ଅଭିଶାପ

ଦିଲ୍ଲୀପ କୁମାର ସାହୁ



ଆମ ପାଇଁ ଅଭିଶାପ ସମୁଦ୍ରର କୋପ
ମହାବତ୍ୟା ଅବପାତ ଝଡ ଲଘୁଚାପ ।
ସମୁଦ୍ରରେ ଲଘୁଚାପ ଯେବେ ହୁଏ ସୃଷ୍ଟି
ସ୍ଥଳଭାଗ ଛୁଇଁ ସିଏ କରେ ମେଘ ବୃଷ୍ଟି ।
ଲଘୁଚାପ ନିଏ ଯଦି ଅବପାତ ରୂପ
ଡରିଯାଉ ଆମେ ଶୁଣି
ବାତ୍ୟାର ପ୍ରକୋପ ।
ଅଶାନ୍ତ ସମୁଦ୍ର ହୁଏ ଝଡ ଆସେ ମାଡି
ପ୍ରବଳ ବରଷା ସାଥେ ପବନର ରଡି ।
ଯୁଆରୀଆ ସମୁଦ୍ରର ଉତ୍ତାଳ ତରଙ୍ଗ
ଧୋଇନିଏ ଉପକୂଳ ଗାଁ ଗଣ୍ଡା ରଙ୍ଗ ।
ସୁଜଳା ସୁଫଳା କ୍ଷେତେ
ଚରିଯାଏ ବାଲି
ଭାସିଯାଏ ଘରଦ୍ୱାର ଗାଁ ଖାଲିଖାଲି ।
ଧନୀ କି ଗରିବ ସବୁ
ବେସାହାରା ହୋଇ
ସରକାରୀ ସାହାଯ୍ୟକୁ ରୁହନ୍ତି ଅନାଇ ।
ଏମିତି ସମୁଦ୍ର ଆସି ଉପକୂଳେ ମାଡି
ଚାଷବାସ ହସଖୁସି ଦେଉଛି ଉଜାଡି ।
ସମୁଦ୍ରର କୂଳେକୂଳେ ଗଛଦେଲେ ଭରି
ଆସନ୍ତାନି ଝଡବତ୍ୟା ଉଗ୍ରରୂପ ଧରି ।
ରାଇଜର ହୁଅନ୍ତାନି ଏତେ କ୍ଷୟକ୍ଷତି
ଝଡବତ୍ୟା ପାଇଁ ଆଉ ରୁହନ୍ତାନି ଭିତି ।

+ଶଙ୍କରପୁର, ଚାରବାଟିଆ
ମୋ:-୭୦୭୭୨୦୬୯୭୭

ଲଢ଼େଇର ସ୍ୱର

ଡକ୍ଟର ଲକ୍ଷ୍ମଣ ସାହୁ





ଓଢଣୀରେ ମୁହଁ ଘୋଡ଼ାଇ ହୋଇଥିବା ଜଣେ ମହିଳା ତାଙ୍କର ତିନି ପିଲାଙ୍କ ସହ ମୋ ସମ୍ମୁଖରେ ଆସି ଠିଆ ହେଲେ । ସେ ତାଙ୍କ ମୁହଁରୁ ଘୋଡ଼ା ହୋଇଥିବା ଓଢଣୀ ହଟାଇ ଖୁବ୍ ନମ୍ର ଗଳାରେ କହିଲେ, 'ମୁଁ ରସିମା ବେଗମ୍ । ସବୁ ପିଲାମାନେ ପାଠ ପଢୁଛନ୍ତି, କିନ୍ତୁ ମୋ ପିଲାମାନେ ପାଠ ପଢ଼ି ପାରୁନାହାଁନ୍ତି । ମୋ ସ୍ୱାମୀ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ମୋତେ ଟଙ୍କା ଦେଉନାହାନ୍ତି ।'

ମୁଁ ସେହି ମହିଳାଙ୍କୁ ମୁହୂର୍ତ୍ତେ ଚାହିଁଲି, ତାଙ୍କୁ ପ୍ରାୟ ତିରିଶ ବର୍ଷ ବୟସର ହୋଇଥିବ। ବଡ଼ ଝିଅ ଦଶ ବର୍ଷ ବୟସର, ଦ୍ୱିତୀୟ ଝିଅ ଆଠ ବର୍ଷ ବୟସର ଓ ପୁଅ ପାଞ୍ଚ ବର୍ଷ ବୟସର । ମହିଳା ଜଣକ ଦେଖିବାକୁ ଅତି ସୁନ୍ଦରୀ ଥିଲେ, କିନ୍ତୁ ତାଙ୍କ ଆଖିରେ କୋହ ଥିଲା। ଧୀରେ ତାଙ୍କୁ ପିଲାମାନଙ୍କ ନାମ ପଚାରିଲି। ବଡ଼ ଝିଅଟି ନଜମା, ସାନ ଝିଅଟି ନାଜନୀନ ଓ ପୁଅଟି ଅଫଜଲ ବୋଲି କହି ପିଲାମାନଙ୍କ ପରିଚୟ ଦେଲେ। ମୋ ଘର ଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ମୁସିଲିମ୍ ବସ୍ତିରେ ଏମାନେ ରୁହନ୍ତି ।

ମହିଳା ଜଣକ ଶିକ୍ଷିତ ପରି ନାରୀ ସୁଲଭ ସଲଜ୍ଜ ମର୍ଯ୍ୟାଦା ରଖି ମିଠା କଥା କହିଲେ । ବହୁତ ସମ୍ମାନର ସହିତ, ସେ ପୁଣି ଥରେ କହିବାକୁ ଲାଗିଲେ, 'ସା', ଦୟାକରି ମୋ ନଜମାକୁ ସ୍କୁଲରେ ଭର୍ତ୍ତି କରିଦିଅନ୍ତୁ । କୌଣସି କଥାରେ ମୋ ସ୍ୱାମୀ ରାଜି ହେବେ ନାହିଁ । ଭଗବାନ ତୁମର ମଙ୍ଗଳ କରିବେ । ବହୁତ ଆଶା ନେଇ ମୁଁ ଆପଣଙ୍କ ପାଖକୁ ଆସିଛି । ଆଶା କରୁଛି ଆପଣ କେବେ ମୋତେ ନିରାଶ କରିବେ ନାହିଁ ।' ଏହା କହିବା ସମୟରେ ତାଙ୍କ ଆଖିରେ ଟୋପାଟୋପା ଲୁହ ଝରି ଆସିଲା ।

କହିଲି, 'ଠିକ୍ ଅଛି, ପିଲାମାନଙ୍କୁ ଦିନ ତିନିଟାରେ ମୋ ଘରକୁ ପଢିବା ପାଇଁ ପଠା । ମୁଁ ନଜମାକୁ ସ୍କୁଲରେ ନାମ ଲେଖାଇଦେବି, କିନ୍ତୁ ତାକୁ ମୋ ପାଖକୁ ମଧ୍ୟ ଆସିବାକୁ ପଡିବ । ସେ ସ୍କୁଲରେ ଯାହା ବୁଝିପାରବ ନାହିଁ ସେସବୁ ତାକୁ ବୁଝାଇ ଦିଆଯିବ। ନାଜନୀନ ଓ ଅଫଜଲ ମୋ ଘରେ ପଢିବା ଜାରି ରଖିବେ । ଆସନ୍ତା ବର୍ଷ ସେମାନଙ୍କର ନାମ ସ୍କୁଲରେ ନାମ ଲେଖାଇବେ, ମୁଁ ସ୍କୁଲ ହେଡ୍ ସାରଙ୍କ ସହିତ କଥା ହୋଇଯିବି ।'

ନଜମାଙ୍କ ମାଆ ତିନି ପିଲାଙ୍କୁ ମୋ ପାଖରେ ଛାଡି ଚାଲିଗଲେ । ମୁଁ ନଜମା, ନାଜନୀନ ଓ ଅଫଜଲଙ୍କୁ ସେମାନଙ୍କର ପ୍ରାକ୍-ସ୍କୁଲ୍ ଶିକ୍ଷା ଅନୁସାରେ ଭିନ୍ନ ଭିନ୍ନ ଗୋଷ୍ଠୀରେ ପାଠପଢ଼ା ପାଇଁ ନିଯୁକ୍ତ କରିଥିଲି । ଅଫଜଲଙ୍କୁ ମମତାକୁ ଦିଆଯାଇଥିଲା। ଏହା ଥିଲା ସବୁଠାରୁ ଛୋଟ ପିଲାମାନଙ୍କର ଗୋଷ୍ଠୀ ଯେଉଁମାନଙ୍କୁ ବର୍ଣ୍ଣମାଳା ଶିଖିବାକୁ ପଡ଼ିଥିଲା । ନାଜନୀନଙ୍କୁ ବବିତାଙ୍କୁ ନିଯୁକ୍ତ କରାଇଥିଲି। ସେହି ପିଲାମାନେ କିଛି ଜାଣିଥିଲେ। ଜଣେ ମାଡାମକୁ ନଜମାର ଯତ୍ନ ଦେଇଥିଲି।

ଏକଥା ସତ ମୁଁ ଘରେ ଗରିବ ପିଲାମାନଙ୍କୁ ଶିକ୍ଷା ଦେବା ଆରମ୍ଭ କରିଥିଲି । ଯେଉଁମାନେ ସ୍କୁଲ ଯାଇ ନଥିବେ କିମ୍ବା ପଳାଇ ଆସିଥିବା ପିଲାମାନଙ୍କୁ ପାଠ ପଢ଼ାଇଥିଲି । ପୂର୍ବରୁ ଏକାକୀ ଅଭିଭାବକ ଥିଲି, କିନ୍ତୁ ଏବେ ମୁଁ ପନ୍ଦର ବର୍ଷ ଧରି ପାଠ ପଢ଼ାଉଛି । ଏହା ମୋର ଛୋଟ ଚାଟଶାଳୀ । ନିଜକୁ ପ୍ରତିପାଳନ କରିବା ପାଇଁ, ଆଖପାଖରେ ଥିବା ପ୍ରତିଭାବାନ, ଶିକ୍ଷିତ ପିଲାମାନଙ୍କୁ ଶିକ୍ଷକ ଭାବରେ ନିଯୁକ୍ତି ଦେଇଥିଲି। ସେମାନଙ୍କ ଶିକ୍ଷାଦାନ ପାଇଁ ଦୈନିକ ଫିସ କିଛି ଦେଇଥିଲି । ଏହା ସେମାନଙ୍କୁ ପ୍ରତିଦିନ ଯୋଗଦେବାକୁ ଉତ୍ସାହିତ କରିଥିଲା ଓ ସେମାନଙ୍କର ଆତ୍ମବିଶ୍ୱାସକୁ ବୃଦ୍ଧି କରିଥିଲି । ସେମାନଙ୍କ ଶିକ୍ଷା ପାଇଁ ପାଣ୍ଠି ମଧ୍ୟ ଉପଲବ୍ଧ ଥିଲା। ପିଲାମାନଙ୍କର ପ୍ରଗତି ଦେଖି, କିଛି ଶିକ୍ଷିତ ମହିଳା ସ୍ୱେଚ୍ଛାସେବୀ ଭାବେ ବିନା ପାରିଶ୍ରମିକରେ ମୋତେ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ ।

ଧୀରେ ଧୀରେ ଅନେକ ବ୍ୟକ୍ତି ପ୍ରତିଭାବାନ ପିଲାମାନଙ୍କୁ ସହାୟତା କରିବା ପାଇଁ ଆଗକୁ ଆସିଲେ, ଯେଉଁମାନଙ୍କର ପିତାମାତା ଆର୍ଥିକ ସଙ୍କଟ ଯୋଗୁଁ ଉଚ୍ଚଶିକ୍ଷା ଦେଇପାରୁ ନଥିଲେ । କୌଣସି ସରକାରୀ ପାଣ୍ଠି ବିନା, ମୋର ସଂଗଠନ ସ୍ଥିର ଭାବରେ ବୃଦ୍ଧି ପାଉଥିଲା । ଜଣେ ଅବସରପ୍ରାପ୍ତ ଫାଉଣ୍ଡେସନ୍ ଶିକ୍ଷୟିତ୍ରୀ ଶ୍ରୀମତୀ ଜୟଶ୍ରୀ ପିଲାମାନଙ୍କୁ ଗଣିତ ପଢ଼ାଇବାରେ ଧ୍ୟାନ ଦେଉଥିଲେ, ଏବଂ ଶ୍ରୀମତୀ ମମତା ଦେବୀ ବହୁତ ପ୍ରୟାସ ସହିତ ଇଂରାଜୀ ବ୍ୟାକରଣ ମୁଖସ୍ଥ କରି ସେମାନଙ୍କୁ ଇଂରାଜୀ ପଢ଼ାଉଥିଲେ । ଶ୍ରୀମତୀ ମିତାଲି ଦାସ ହିନ୍ଦୀର ଦାୟିତ୍ୱ ନେଇଥିଲେ । ଏହି ସମୟରେ, ଆଉ ଜଣେ ଶିକ୍ଷୟିତ୍ରୀ, ଶ୍ରୀମତୀ ରୂପାଶ୍ରୀ ନାୟକ ମଧ୍ୟ ଆସିବା ଆରମ୍ଭ କରିଥିଲେ।

ମୁଁ ନଜମା ପ୍ରତି ଏକ ବିଶେଷ ସହାନୁଭୂତି ଅନୁଭବ କରୁଥିଲି । ସେ ଜଣେ ଭଲ ଖେଳାଳୀ ଛାତ୍ରୀ ଥିଲେ, ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ତାଙ୍କୁ ପଢ଼ାଇବାକୁ ମନା କରିଥିଲେ । ମୁଁ ତାଙ୍କୁ ସ୍ୱପ୍ନା ଦାସଙ୍କୁ ପଢ଼ାଇବାକୁ ଦେଇଥିଲି।

ସେ ତାକୁ ପାଠ ଦେଇଦେଲେ କିନ୍ତୁ ସେ ମଧ୍ୟ କ୍ଷମା ମାଗିବାକୁ ଲାଗିଲେ । ପରାସ୍ତ ହୋଇ ମୁଁ ନିଜେ ନଜମାଙ୍କୁ ପଢ଼ାଇବା ଆରମ୍ଭ କଲି । ସେ ଜମାରୁ ପାଠ ଦେଲେ କରେ ନାହିଁ । କେତେବେଳେ ମୁଁ ନଜମାଙ୍କୁ ଜୋରରେ ଚାପୁଡ଼ା ମାରିବାକୁ କିମ୍ବା ଘରକୁ ପଠାଇବାକୁ ଇଚ୍ଛା କରୁଥିଲି, କିନ୍ତୁ ଏପରି ସମୟରେ ନଜମାଙ୍କ ମାଆଙ୍କ ଲୁହଭରା ଆଖିର ସ୍ମୃତି ମୋତେ ବାଧା ଦେଉଥିଲା । ମୁଁ ତାକୁ ପାଖକୁ ଡାକି ଜୋରରେ ବୁଝାଉଥିଲେ ମଧ୍ୟ ଯେ ସେ ଠିକ୍ ଭାବରେ ପାଠ ପଢ଼େନାହିଁ । ମୁଁ କାହାକୁ ପିଲାମାନଙ୍କୁ ମାଡ଼ ମାରିବାର ଅନୁମତି ଦେଇ ନଥିଲି, ଏପରିକି ନିଜକୁ ମଧ୍ୟ ନୁହେଁ । ତେଣୁ ନଜମାକୁ ମାଡ଼ ଗାଳି ଧମକ ଦେଇ ପଢ଼ାଇବା ଆମ କାହାପାଇଁ ସମ୍ଭ ନଥିଲା ।

ନଜମାଙ୍କୁ ପଞ୍ଚମ ଶ୍ରେଣୀରେ ସରକାରୀ ବାଳିକା ବିଦ୍ୟାଳୟରେ ଭର୍ତ୍ତି କରାଯାଇଥିଲା । ଏବେ ତାଙ୍କର ଖେଳକୁଦ କମିବାକୁ ଲାଗିଥିଲା। ମୁଁ ନଜମାର ଆଚରଣରେ ଏକ ପାର୍ଥକ୍ୟ ଦେଖିଲି ଯାହା ମୋ ବିବେକକୁ ଆନ୍ଦୋଳିତ କରୁଥିଲା । ନଜମାର ମୁହଁରେ ସ୍ୱାଭାବିକ ହସ ଓ ପ୍ରଫୁଲ୍ଲତା କମି ଯାଇଥିଲା । ତାର ଗମ୍ଭୀରତା ତାଙ୍କ ସ୍କୁଲରେ ଯୋଗଦାନ ଦ୍ୱାରା ବ୍ୟାଖ୍ୟା କରାଯାଇପାରେ । ତେଣୁ ଗମ୍ଭୀରତା ମଧ୍ୟ । କିଶୋର ଅବସ୍ଥାରେ ମୁହଁରେ ଏକ ନିଷ୍କ୍ରିୟ ଭାବନା ଉପଯୁକ୍ତ ନୁହେଁ । ମୁଁ ନିଜକୁ ନିୟନ୍ତ୍ରଣ କରିପାରିଲି ନାହିଁ, ତେଣୁ ମୁଁ ନଜମାକୁ ଏକାନ୍ତରେ ଡାକି ପଚାରିଲେ, 'ନଜମା, କଣ ହୋଇଛି ? ତୁମର ସ୍ୱାସ୍ଥ୍ୟ ଭଲ ଲାଗୁନାହିଁ ? ତୁମେ ଏତେ ନୀରବ ଓ ଦୁଃଖୀ କାହିଁକି ?'

'କିଛି ନାହିଁ, ମୁଁ ଠିକ୍ ଅଛି,' ନଜମା ଉତ୍ତର ଦେଲା। 'ଦେଖ, ନଜମା, ମୁଁ ତୁମକୁ ବହୁତ ଭଲ ପାଏ। ଯଦି ତୁମର କୌଣସି ସମସ୍ୟା ଅଛି, ତେବେ ମୋତେ ଜଣାଅ। ଯଦି ଘରେ କୌଣସି ସମସ୍ୟା ଅଛି।'।

ମୁଁ ତାର ବାକ୍ୟ ଶେଷ କରିବା ପୂର୍ବରୁ, ନଜମା ମୋତେ କୁଣ୍ଢେଇ ପକାଇ କାନ୍ଦିବାକୁ ଲାଗିଲା। ତାର ଲୁହ ପୋଛି ମୁଁ ପଚାରିଲେ, 'ନଜମା, ତୁ କାହିଁକି କଷ୍ଟ ପାଉଛ ?'

'ସାର, ତୁମେ ମୋ ବାପାଙ୍କୁ ଫୋନ୍ କରି ବୁଝାଇପାରିବ କି ?' 'କଣ କଥା ? ମୋତେ ସମ୍ପୂର୍ଣ୍ଣ କାହାଣୀ କୁହ,' ମୁଁ ଧୀରେ ପଚାରିଲି। 'ସାର', ମୋ ବାପା ପ୍ରତିଦିନ ମଦ୍ୟପାନ କରନ୍ତି। ମୋ ମାଆ ଏହାକୁ ବାରଣ କରନ୍ତି ।'

ସେ ରାଜି ହେଉନାହିଁ। କିଛି ଦିନ ପୂର୍ବେ, ଏହି ବିଷୟକୁ ନେଇ ମାଆ ଓ ବାପାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ବାପା ମାଆଙ୍କୁ ମାଡ଼ ମାରିଥିଲେ । ମାଆ କ୍ରୋଧିତ ହୋଇ ତାଙ୍କ ଜେଜେମାଙ୍କ ଘରକୁ ଚାଲିଗଲେ । ଏବେ ମାଆ ଏଠାକୁ ଆସିବାକୁ ମନା କଲେ । 'ମୁଁ ମାଆଙ୍କୁ ବହୁତ ମନେ ପକାଉଛି,' ନଜମା କାନ୍ଦି କାନ୍ଦି କହିଲେ। କିଶୋରର ଦୁଃଖରେ ମୋ ହୃଦୟ ତରଳିଗଲା। ତାକୁ ସାନ୍ତ୍ୱନା ଦେଇ କହିଲି, 'ମୋତେ ତୁମ ଜେଜେମାଙ୍କ ଠିକଣା ଓ ତୁମ ମାଆଙ୍କ ଫୋନ୍ ନମ୍ବର ଦିଅ।'

ଏହାକୁ ଲେଖି ରଖ । ତୁମ ବାପାଙ୍କୁ ଫୋନ୍ କରିବା ଠିକ୍ ହେବ ନାହିଁ। ନଜମା ଘରୁକୁ ବାହାରିବା ପରେ, ମୁଁ ଦେଖିଲି ଯେ କେବଳ ମମତା ଓ ଶ୍ରୀମତୀ ଜୟଶ୍ରୀ ଏପର୍ଯ୍ୟନ୍ତ ଯାଇ ନାହାଁନ୍ତି । ଜୟଶ୍ରୀ, ସେ ନଜମାଙ୍କ ଘର ପାଖରେ ରହେ। ମୁଁ ଜୟଶ୍ରୀଙ୍କୁ ପଚାରିଲି ନଜମାଙ୍କ ମାଆ ଘରେ ନାହାନ୍ତି କି ?

'ହଁ, ସାର। ନଜମାର ବାପା ବହୁତ ମଦ୍ୟପାନ କରନ୍ତି ଓ ପିଲାମାନଙ୍କ ଖର୍ଚ୍ଚ ପାଇଁ ତାଙ୍କୁ ଟଙ୍କା ମଧ୍ୟ ଦିଅନ୍ତି ନା ହିଁ। ଗୋଟିଏ ସପ୍ତାହ ପୂର୍ବରୁ ତାଙ୍କ ବାପାମାଆଙ୍କ ମଧ୍ୟରେ ଏକ ବଡ଼ ଝଗଡ଼ା ହୋଇଥିଲା, ଯେଉଁଥିରେ ତାଙ୍କ ବାପା ତାଙ୍କ ମାଙ୍କୁ ଚାପୁଡ଼ା ମାରିଥିଲେ । ନଜମାର ଜେଜେମା କଟକ ଷ୍ଟେସନ ରୋଡରେ ରୁହନ୍ତି, ତେଣୁ ତାଙ୍କ ମାଆ ରାଗିଯାଇ ତାଙ୍କ ବାପାମାଆଙ୍କ ଘରକୁ ଚାଲିଗଲେ ଓ ଘରକୁ ଆସିବାକୁ ମନା କରିଦେଲେ।'

ଶ୍ରୀମତୀ ମମତା କହିଲେ, 'ନଜମା ଓ ତାଙ୍କ ଭାଇଭଉଣୀଙ୍କ ପୋଷାକ ଦେଖି ଲାଗୁନାହିଁ ଯେ ସେମାନେ ଦାରିଦ୍ର୍ୟରେ ରହୁଛନ୍ତି।' ଜୟଶ୍ରୀ ଉତ୍ତର ଦେଲେ, 'ସେମାନେ ସେମାନଙ୍କ ଜେଜେମାଙ୍କ ସହିତ ରୁହନ୍ତି। ଅନ୍ୟ ସମ୍ପର୍କୀୟମାନେ ଭଲ ଅଛନ୍ତି, ତେଣୁ ସେମାନେ ପୋଷାକ ବ୍ୟବସ୍ଥା କରିପାରିବେ । ନଜମାଙ୍କ ମାଆ ମଧ୍ୟ ଏକ ଭଲ ପରିବାରରୁ ଆସିଥିଲେ । ତାଙ୍କ ପରିବାର କହୁଛନ୍ତି ଯେ ସେମାନେ ନଜମାଙ୍କ ମାଆଙ୍କୁ ଛାଡପତ୍ର ଦେବେ । ଯଦି ତା ବାପାଙ୍କ ମଦ ନଛାଡିଲେ , ତେବେ ସେ ଘରକୁ ଫେରିବେ ନାହିଁ ।'

ମୋ କହିବା ମୁତାବକ ଜୟଶ୍ରୀ ଓ ଶ୍ରୀମତୀ ମମତା ଫୋନ୍‌ରେ ନଜମାର ମାଆଙ୍କୁ ପରାମର୍ଶ ଦେଇଥିଲେ, ଓ ସେ ପିଲାମାନଙ୍କ ପାଇଁ ଫେରି ଆସିଥିଲେ । ନଜମା ଏବେ ଶାନ୍ତ ହୋଇଗଲେ ଓ ତାଙ୍କ ପାଠପଢ଼ାରେ ଧ୍ୟାନ ଦେବା ଆରମ୍ଭ କଲେ ।

ଧୀରେ ଧୀରେ ତାର ବିଶେଷ ଗୁଣଗୁଡ଼ିକ ପ୍ରକାଶ ପାଇବାକୁ ଲାଗିଲା । ତାର ସ୍ୱର ଏତେ ସୁମଧୁର ଥିଲା ଯେ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସେ ନୃତ୍ୟରେ ମଧ୍ୟ ପାରଙ୍ଗମ ହୋଇଗଲା । ସ୍ୱାଧୀନତା ଦିବସ ପାଳନ ସମୟରେ ତାର ପ୍ରତିଭା ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଥିଲା ।

ନଜମା ଏବେ ଦଶମ ଶ୍ରେଣୀ ପାସ୍ କରି ଏକାଦଶ ଶ୍ରେଣୀରେ ପଢ଼ିଥିଲା । ତାକୁ ଆଡମିଶନ କରାଯାଇଥିଲା, କିନ୍ତୁ କୌଣସି କାରଣରୁ, ସେ ଏଥର ମୋ ଘରକୁ ପଢ଼ିବା ପାଇଁ କିମ୍ବା କଲେଜକୁ ଆସୁ ନଥିଲା ।

ହଠାତ୍ ଦିନେ ସକାଳେ, ମୁଁ ବାହାରେ ବସିଥିବା ବେଳେ ସେ ବୁର୍ଖା ପିନ୍ଧିଥିବା ଜଣେ ମହିଳା ମୋ ପାଖକୁ ଆସୁଥିବାର ଦେଖିଲି । ଯେତେବେଳେ ସେ ପାଖକୁ ଆସିଲେ, ଚାରିପାଖକୁ ଚାହିଁଲେ ଓ ସତର୍କତାର ସହିତ ତାଙ୍କ ମୁହଁ ଖୋଲିଲେ, ସେତେବେଳେ ସେ ନଜମାଙ୍କ ମା, ରେଶମଙ୍କୁ ମୋ ସମ୍ମୁଖରେ ଠିଆ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲି ।

ନଜମାଙ୍କ ମାଆ ମୋ ପାଖରେ ବସି ଚୁପ୍ ଚାପ୍ କହିଲେ, 'ସାର, ମୁଁ ବହୁତ ସାହସର ସହିତ ଆପଣଙ୍କ ପାଖକୁ ଆସିଛି, ଗୁପ୍ତ ଭାବରେ। ଆପଣ ଜାଣନ୍ତି ଯେ ମୋ ସ୍ୱାମୀ ବହୁତ ମଦ୍ୟପାନ କରନ୍ତି । ମୁଁ ତାଙ୍କୁ ଛାଡ଼ି ଦେଇଥିଲି, କିନ୍ତୁ ଆପଣଙ୍କ ପ୍ରରୋଚନା ପରେ, ମୁଁ ପିଲାମାନଙ୍କ ପାଇଁ ଫେରି ଆସିଛି ଓ ଏପର୍ଯ୍ୟନ୍ତ ତାଙ୍କ ସହିତ ରହୁଛି । ମୁଁ ଜାଣିଛି ଯେ ସେ ପୁନଃବିବାହ କରିଛନ୍ତି । ସେ ସାତ ମାସ ଧରି ଘରକୁ ଆସିନାହାଁନ୍ତି । ମୁଁ ଏହାକୁ ସହ୍ୟ କରିଚାଲିଥିଲି। ଏବେ ସେ ନଜମାର ପାଠପଢ଼ା ବନ୍ଦ କରିଦେଇଛନ୍ତି ଓ ତାଙ୍କ ବିବାହ ସ୍ଥିର କରିଛନ୍ତି।'

'ତୁମେ ପୁଣି ଏବେ ମୋ ଠାରୁ କ'ଣ ଚାହୁଁଛ ?' ମୁଁ ପଚାରିଲି । ମୁଁ ଫିରିଙ୍ଗଠାରୁ ଜାଣିଛି ଯେ ପୁଅଟି ଅବିବାହିତା ନୁହେଁ ବରଂ ବିଧବା । ତା'ର ସ୍ତ୍ରୀ ମରିଯାଇଛି ଓ ତା'ର ଦୁଇଟି ପିଲା ଅଛି ।'

'ମୁଁ କହିବାକୁ ଲଜ୍ଜିତ ଯେ ମୋ ସ୍ୱାମୀ ସେହି ଲୋକଠାରୁ ଟଙ୍କା ଗ୍ରହଣ କରି ଏତେ ତଳକୁ ଖସି ଯାଇଛନ୍ତି। ସେ ନିଜ ଝିଅକୁ ବିକ୍ରୟ କରିବାକୁ ଲଜ୍ଜିତ ନୁହଁନ୍ତି।' ଏହା କହିବା ସମୟରେ ନଜମାର ମାଆ ରେଶମା ଅପରାଧ ଓ ଉତ୍ତେଜନାରେ ଲାଲ ହୋଇଗଲେ ।

ଏହା ଶୁଣି ମୁଁ କିଛି ମୁହୂର୍ତ୍ତ ପାଇଁ ସ୍ତବ୍ଧ ହୋଇଗଲି । ତା କାନରେ ଏକ ସିଟି ଶବ୍ଦ ଶୁଭିଲା, ଏବଂ ନଜମାର ନିରୀହ ମୁହଁ ତା ଆଖି ଆଗରେ ଝଲସି ଉଠିଲା । ଡାର୍ନ କଳ୍ପନା କରିନଥିଲା ଯେ ଏହି ପ୍ରତିଭାଶାଳୀ ଝିଅଟି ଏପରି ଶୋଷଣର ଶିକାର ହେବ । ସେ ନଜମାଙ୍କୁ ଜଣେ ଉଦୀୟମାନ କଳାକାର ଭାବରେ କଳ୍ପନା କରିଥିଲା।

କୌଣସି ପ୍ରକାରେ ସେ ସାହସ ସଂଗ୍ରହ କରି ତାଙ୍କ ବାପା ନଜମାଙ୍କ ମାଆଙ୍କୁ ପଚାରିଲେ, 'ତୁମର ନାମ କ'ଣ ?' 'ହଁ, ମୋ ନାମ ରେଶମା, ସେ ମୋତେ ଚାହିଁ କହିଲେ।

'ତୁମେ କ'ଣ ରେଶମା, ନାରୀ ରଅର୍ଥ ଜାଣ ? ନାରୀ ଅର୍ଥ ଅଗ୍ନି । ତୁମେ ଦେଖିଛ ଯେ ଯେପର୍ଯ୍ୟନ୍ତ ନିଆଁ ଶାନ୍ତ ଥାଏ, ସେପର୍ଯ୍ୟନ୍ତ ଏହା ଖାଦ୍ୟ ରାନ୍ଧେ ଓ ତାର ସ୍ୱାସ୍ଥ୍ୟ ବଜାୟ ରଖେ, କିନ୍ତୁ ଯେତେବେଳେ ଏହା ହିଂସ୍ର ହୁଏ, ସେପର୍ଯ୍ୟନ୍ତ ସବୁକିଛି ପୋଡ଼ି ପାଉଁଶ କରିଦିଏ 'ସାର, ତୁମେ କ'ଣ କହିବାକୁ ଚାହୁଁଛ ମୁଁ ବୁଝିପାରୁନାହିଁ। ତୁମର ଅର୍ଥ କ'ଣ ? ରେଶମା ଧୀରେ ପଚାରିଲା, ମୋତେ କିଛି ସମୟ ଆଶ୍ଚର୍ଯ୍ୟ ସହିତ ଚାହିଁଲା ।

'ଯେତେବେଳେ ତୁମେ ଏତେ ଅତ୍ୟାଚାରର ଶିକାର ହେଉଛ, ତୁମେ କାହିଁକି ସହ୍ୟ କରୁଛ ? ତୁମେ ନିଜ ଗୋଡ଼ରେ କାହିଁକି ଠିଆ ହେଉନାହଁ ? ତୁମେ ବଞ୍ଚିଥିବା ବେଳେ ତୁମର ସ୍ୱାମୀ ତୁମ ଝିଅକୁ ବିକ୍ରି କରିବାକୁ କିପରି ସାହସ କରିପାରିବ ? ସିଂହୀ ହୁଅ ଓ ତୁମ ଝିଅକୁ ବଞ୍ଚାଇବା ପାଇଁ ସାହସ ରଖ । ନଜମା ମଧ୍ୟ ଶିକ୍ଷିତ, ସେ ଏକ ଓଦା ଭିଜା ମାଟି ଜଙ୍ଗଲରେ ଥିବା ପରି କାହିଁକି ବସିଛି ? ତୁମେ ଲୋକମାନେ ସ୍ପଷ୍ଟ ଭାବରେ ନଜମାକୁ ଜଣେ ଅଯୋଗ୍ୟ ବ୍ୟକ୍ତିଙ୍କୁ ବିବାହ କରିବାକୁ ମନା କରିଦେଲ । ତୁମେ ରେଶମା, ଯିଏ ତୁମର ନିଆଁ ନେଇ ତୁମ ରାସ୍ତାରେ ଆସିଥିବା ସମସ୍ତଙ୍କୁ ଭୁଲ ବାଟରେ ନେଇଥିଲ। ଯେତେବେଳେ ଜଣେ ପିତା ତାଙ୍କ ଝିଅକୁ ପାଳନ କରନ୍ତି ନାହିଁ, ତାଙ୍କର ତାକୁ ବିବାହ ଦେବାବାର କୌଣସି ଅଧିକାର ନାହିଁ, ଏବଂ ନିଶ୍ଚିତ ଭାବରେ ତାକୁ ବିକ୍ରି କରିବାର ମଧ୍ୟ ନାହିଁ । ଆଗକୁ ବଢ଼ ଓ ଏହାର ସାମ୍ନା କର,' ମୁଁ ଗୋଟିଏ ନିଶ୍ୱାସରେ କହିବା ଜାରି ରଖିଲି।

'ସାର, ମୁଁ ଏକା କଣ କରିପାରିବି ?' ରେଶମି ହତାଶ ସ୍ୱରରେ ପଚାରିଲା।

'ତୁମର ସାହସ ରହିବା ଉଚିତ୍। ତୁମ ସ୍ୱାମୀ ଯେତେବେଳେ ତୁମକୁ ପରିତ୍ୟାଗ କରିଛନ୍ତି, ସେତେବେଳେ ତାଙ୍କ କଥା କାହିଁକି ଶୁଣିବ ? ତାଙ୍କଠାରୁ ଅଲଗା ହୋଇ ନିଜ ଗୋଡ଼ରେ ଠିଆ ହୁଅ, ଓ ତୁମର ଜ୍ଞାନ ଓ ସାହସ ବ୍ୟବହାର କର। ଲୋକମାନେ ସ୍ୱୟଂଚାଳିତ ଭାବରେ ତୁମ ସହିତ ମିଶିଯିବେ ।' 'ମୋତେ କିଏ ଚାକିରି ଦେବ ? ମୋ ଝିଅ ବିବାହ ପାଇଁ ମୁଁ କେଉଁଠାରୁ ଟଙ୍କା ଆଣିବି ?' ରେଶମା ଚିନ୍ତିତ ସ୍ୱରରେ ପଚାରିଲେ।


'ମୁଁ ନଜମାର ଉଚ୍ଚଶିକ୍ଷାର ଦାୟିତ୍ୱ ନେଇସାରିଛି। ମୁଁ ତାଙ୍କୁ ପ୍ରତିଷ୍ଠାନରେ ପିଲାମାନଙ୍କୁ ପଢ଼ାଇବା ପାଇଁ ଜଣେ ଶିକ୍ଷୟିତ୍ରୀ ଭାବରେ ନିଯୁକ୍ତ କରିବି। ନଜମା ମୋତେ କହିଥିଲା ଯେ ସେ ସିଲେଇ ଜାଣିଛନ୍ତି । ମୁଁ ତୁମକୁ ପିଲାମାନଙ୍କୁ ସିଲେଇ ଶିଖାଇବା ପାଇଁ ଜଣେ ଶିକ୍ଷୟିତ୍ରୀ ଭାବରେ ନିଯୁକ୍ତି ଦେବି । ମୁଁ ନଜନୀନ ଓ ଅଫଜଲଙ୍କ ପାଇଁ ଛାତ୍ରବୃତ୍ତି ମଧ୍ୟ ଚେଷ୍ଟା କରିବି, ଯାହା କିଛି ସହାୟତା ଯୋଗାଇବି,' ମୁଁ ବୁଝାଇଲି, ଓ ରେଶମାଙ୍କ ଆଖି ଉଜ୍ଜ୍ୱଳ ହୋଇଗଲା ।


'ସାର, ତୁମେ ମୋ ପାଖରେ ଥିଲେ, ମୁଁ ଆଉ କାହାକୁ ଚିନ୍ତା କରିବି ନାହିଁ । ମୁଁ ଦେଖିବି ନଜମାର ବନ୍ଧୁମାନେ କିପରି ତା'ର ବିବାହ ବ୍ୟବସ୍ଥା କରନ୍ତି । ମୁଁ ଆଜି ତାକୁ ସ୍କୁଲ ପଠାଇବି,'ସେ କହିଲା, ଶୀଘ୍ର ଉଠି ଚାଲିଗଲା। ମୁଁ ଦେଖିଲି ଯେ।।। ରେଶମା ଆଉ ଭୟଭୀତ, ମହିଳା ନଥିଲେ । ତାଙ୍କ ଆଖିରେ ଆତ୍ମବିଶ୍ୱାସର ଏକ ଝଲକ ଥିଲା । ତାଙ୍କ ଝିଅକୁ ସୁରକ୍ଷା ଦେବା ପାଇଁ ତାଙ୍କ ସାହସ ଥିଲା । ତାଙ୍କୁ ଦେଖିଲେ ଲାଗୁଥିଲା ଯେପରି ସେ ଏକ ଶକ୍ତିଶାଳୀ ମା ହୋଇଗଲାଣି । ସେ ତାଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ଦୃଢ଼ ସଂକଳ୍ପବଦ୍ଧ ଥିଲେ । ଯିଏ ତାଙ୍କ ରାସ୍ତାରେ ଛିଡ଼ା ହେବ ସେ ତାଙ୍କୁ ପରାସ୍ତ କରିଦେବ ନାହିଁ, ବରଂ ସେ ତାକୁ ଅଗ୍ନି ପରି ପାଉଁଶ କରିଦେବ।।।!

+ଅଧ୍ୟକ୍ଷ, ମହାନଦୀବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ:୯୦୪୦୧୫୧୪୭୫

ଅନେକରେ ଏକ ଚିଠି

ସୁନନ୍ଦା ମହାନ୍ତି





ମୁନା ବୋଲି ଛୋଟ ପିଲାଟିଏ। ସବୁଦିନ ଅପେକ୍ଷା କରି ଠିଆ ହୋଇଥାଏ ଡାକବାଲା ବା ଡାକିଆ ମଉସାଙ୍କୁ। ହାତରେ ଗୋଟିଏ ମାଟିଆ ଖୋଳର ଲଫାପା। ଡାକିଆ ମଉସା ଏଇ କେତେଦିନ ହେବ ଜାଣିସାରିଥିଲେ ପିଲାଟି ଯଦିଓ ତା ଫଉଜି ବାପାଙ୍କ ପାଇଁ କିଛି ସନ୍ଦେଶ ଦେବାକୁ ଚାହେଁ କିନ୍ତୁ ଜାଣିନଥାଏ ପୋଷ୍ଟ ଅଫିସ କୋଉଠି ବା କୋଉ ବକ୍ସରେ କେମିତି ଚିଠି ପକାଇବାକୁ ହୁଏ ତ ଭାବେ ଡାକ ବା ରେଷ୍ଟ୍ରି ଚିଠି ସବୁ ଦେଇଯାଉଥିବା ଡାକିଆ ମଉସା ନିଶ୍ଚୟ ଚିଠି ନେଇଯାଉଥିବେ ସମସ୍ତଙ୍କ ଘର ଘର ବୁଲି। ଆଜିକାଲି ସେ ଯୁଗ ନାହିଁ। ଆଜି ଜନ୍ମ ହେଲା ପିଲା କାଲି ମୋବାଇଲ ନଦେଖିଲେ ଖାଏନି କି ମୋବାଇଲ ଦେଖି ପାପା ପାପା କହି କଥା ହୁଏ ଦୂର ବିଦେଶରେ ଥିବା ପାପା ବା ବାପା ସଙ୍ଗେ ନୁହେଁ ବରଂ ଡ୍ରଇଁ ରୁମ କି ଗାଧୁଆ ଘରେ ଥିବା ବାପାଙ୍କ ସହିତ। ଏ ପିଲାଟିକୁ ନିଶ୍ଚୟ ମୋବାଇଲଠାରୁ ଦୂରରେ ରଖାଯାଇଛି। ଭଲ ସଂସ୍କୃତି ଶିକ୍ଷା ଦିଆଯାଇଛି ଭାବି ଡାକିଆ ମଉସା ଘଡିଏ ହେଉ ବା ଦଣ୍ଡେ ସାଇକେଲ ଠିଆ କରି ପଚାରନ୍ତି ତୋ ନାମ କଣ ପୁଅ ? ଏହି ଲଫାପାରେ କଣ ଅଛି ? ମୁନା କେବେ କହେ ମୋ ଫଉଜି ପାପା ପାଇଁ ଚିଠି ତ କେବେ କହେ ପିଜୁଳି ପୁଣି କେବେ ଆମ୍ବ ତ କେବେ କହେ ଚକୁଳି। ପାପା ଖାଇବା ସଙ୍ଗେ ସଙ୍ଗେ ମୋ ଦେଶ ଭାରତ ବର୍ଷକୁ ରକ୍ଷା କରୁଥିବା ତାଙ୍କ ସାଙ୍ଗ ସୈନିକ ବି ଖାଇବେ। ଡାକିଆ ଭାଇ ହୃଦୟ ଭିତରୁ ଦୀର୍ଘନିଶ୍ୱାସଟିଏ ବାହାରି ଆସେ। ପିଲାଟିକୁ ଦେଖି ମାୟା ଜାଗେ। ଅନ୍ତର ଭିତରେ ମୋହ ଜାଗେ ତ ସେ ଦେଇଥିବା ଲଫାପାଟିକୁ ନେଇ ଚାଲିଯାଏ ଡାକିଆ ଭାଇ। ଖାଦ୍ୟ ଜିନିଷ ସିନା ଫୋପାଡ଼ି ଦିଅନ୍ତି ଡାକିଆ ମଉସା କିନ୍ତୁ ପିଲାଟି ଲେଖିଥିବା ନିଜ ହସ୍ତାକ୍ଷର ଚିଠି ଗୁଡିକୁ ସାଇତି ଦେଇଥାନ୍ତି ।ତାଙ୍କ ନିଜ ପୁଅକୁ ପାଠ ପଢ଼େଇ ସେ ନିଜ ଗାଁ ସ୍କୁଲରେ ଗୁରୁଜୀ ହେବାକୁ ଭାବିବା ବେଳକୁ ପୁଅର ଏକା ଜିଦ ସେ ଦେଶ ରକ୍ଷକ ହେବ କହି ଫୌଜିରେ ଭର୍ତ୍ତି ହେଲା। ଗଲା ଯେ ଗଲା ଆଉ ଫେରିଲାନି। ଆଉ ଗୋଟିଏ ଟିକି ପୁଅ ମୁନା ତା ବାପା ଓ ବାପାର ସାଙ୍ଗ ଫଉଜି ବା ସୈନିକ ମାନଙ୍କ ପାଇଁ ପଠାଉଥିବା ଲଫାପାସବୁକୁ ନେବାକୁ ସେ କେମିତି ମନା କରନ୍ତେ ? ଦିନେ ପଚାରିଦେଇଥିଲେ ମୁନା ବାବୁ ତୁମେ ଚିଠିରେ କଣ ଲେଖିଛ ବାପାଙ୍କୁ ? ଏଥର ମୋ ପାଇଁ ନାଲି ରଙ୍ଗର ସୋଏଟର ଆଣିବାକୁ ଲେଖିଛି। ସେଦିନ ଡାକିଆ ଭାଇଙ୍କ ସାଇକେଲ ଘଣ୍ଟି ଟିନଟିନ ବାଜୁଥିଲା ତ ମୁନା ଦୌଡ଼ି ଆସିଲା। ଡାକିଆ ବାବୁ କହିଲେ ଏଇ ନିଅ ମୁନା ବାବୁ ତୁମ ପାପା ତୁମ ପାଇଁ ନାଲି ରଙ୍ଗର ସୋଏଟର ପାର୍ସଲ କରି ମୋ ହାତରେ ପଠାଇଛନ୍ତି। ପିଲାଟି ଡାକ ପକାଇଲା ବୋଉ ଏ ବୋଉ ଦେଖିବୁ ଆ ମୋ ପାଇଁ ପାପା ସୋଏଟର ପଠାଇଛନ୍ତି ଦେଖ। ତତେ କେତେ ଥର କହିଲିଣି ମୁନା ଯେ ବାପା ଆମ ଦେଶ ରକ୍ଷା କରିବାକୁ ବହୁ ଦୂର ବିଦେଶ ଯାଇଛନ୍ତି। ସେଠୁ ସେ ଫେରିବା ବେଳକୁ ତୁ ବଡ଼ ହୋଇଯାଇଥିବୁ। ଏତେ ଦୂରରୁ ତୋ ପାଇଁ ନାଲି ରଙ୍ଗର ସୋଏଟର ପଠାଇବା ସମ୍ଭବ ନୁହେଁ। ଏଇ ଦେଖୁନୁ ପାର୍ସଲ, ପାପା ପଠେଇଛନ୍ତି। ମୁନାର ବୋଉକୁ ଦେଖି ଚମକି ପଡିଲେ ଡାକିଆ ବାବୁ।ତା ବୋଉ ହାତରେ ଶଙ୍ଖା କି ଚୁଡ଼ି ନଥିଲା, ମଥାରେ ସିନ୍ଦୁର ବି ନଥିଲା। ପିନ୍ଧିଥିଲା ଧଳା ଶାଢ଼ୀ। କାନ୍ଦି ପକେଇଲେ ଡାକିଆ ବାବୁ।ସେ ଭାବିଥିଲେ ଛୋଟ ପୁଅ ମୁନାକୁ ସୋଏଟର ଦେଇ ସେ ଚମକେଇ ଦେବେ କିନ୍ତୁ ସେ ନିଜେ ବାଘ ଦେଖିଲା ଭଳି ଚମକି ପଡ଼ିଥିଲେ ଓ କହିଲେ ମୋ ପୁଅ ମଧ୍ୟ ଗଲା ଯେ ଆଉ ବାହୁଡ଼ିଲା ନାହିଁ। ତା ମାଆକୁ ଏଯାଏଁ ମୁଁ ବୁଝେଇ ପାରିନି ।ତୁମେ ମୁନାକୁ କେମିତି ବୁଝେଇଛ ଭଉଣୀ ?ମୁନା କହୁଥିଲା ତୁ କାନ୍ଦନା ବୋଉ ଡାକିଆ ମଉସା ମୋ ପାପାଙ୍କୁ କହେଦେବେ ଯେ ସେ ଶୀଘ୍ର ଫେରିଆସିବେ ଦୂର ବିଦେଶରୁ। ଡାକିଆ ଆଖିରେ ଆଖିଏ ଲୁହ ନେଇ ଫେରି ପଡୁ ପଡୁ କହୁଥିଲେ କାଲି ପାପାଙ୍କ ପାଖକୁ କଣ ଦେବ ରଖିଥିବ ମୁନାବାବୁ ମୁଁ ଆସି ନେଇଯିବି। ଡାକିଆବାବୁ କିନ୍ତୁ ତା ପରଠୁ ଆଉ ସେ ଗଳିରେ କେବେ ଆସିବାର କେହି ଦେଖିନାହାଁନ୍ତି। ମୁନା ଏ ଭିତରେ ବଡ଼ ହୋଇ ବୁଝିଯାଇଥିଲା ତା ପାପା ଶହୀଦ ହୋଇଯାଇଛନ୍ତି। ମୁନା ବୋଉ କାହାର ସାଇକେଲ ଘଣ୍ଟି ବାଜିବା ଶୁଣିଲେ ଦଉଡି ଆସନ୍ତି କାଳେ ଡାକିଆ ଆସିଥିବେ କିନ୍ତୁ ଡାକିଆ ମଉସା କାହିଁ ଆସୁନାହାଁନ୍ତି ବୋଲି ମୁନାର ପ୍ରଶ୍ନରେ ମୁନା ବୋଉଙ୍କ ଆଖିରୁ ଝରିପଡ଼େ ଦୁଇ ଟୋପା ଅଶ୍ରୁ ସେଦିନ ଫୌଜି ମୁନା କଫି ପିଉଥାଏ କାଫେରେ। ସୈନିକ ଜୀବନରେ ଟିକେ ଫୁରୁସତ ନଥିଲେ ମଧ୍ୟ ସମୟ କାଢି ବୋଉ ପାଖକୁ ନିଶ୍ଚୟ କଥା ହୁଏ ଦିନକୁ ଥରେ। ମାଆ ମନ କିନ୍ତୁ ବୁଝେନା ବୋଉର ।ସେ ଫୋନ କରୁଥାଏ ବେଳ ଅବେଳରେ। ସେଥିପାଇଁ ମୁନା ଯଦିଓ ଉପରକୁ ବିରକ୍ତ ହୁଏନାହିଁ,ଭିତରେ କିନ୍ତୁ ଖୁବ ରାଗିଯାଏ। ପୁଣି ନିଜେ ନିଜେ ନିଜ ମନକୁ ବୁଝାଏ ମାଆ ମନ ।କଥାରେ ଅଛି ଯାହା ପୁଅକୁ ସାପ କାମୁଡି ଥାଏ, ତା ମାଆ ପାଳ ଦଉଡି ଦେଖିଲେ ଡରେ। ଅର୍ଥାତ ଦଉଡି ମଧ୍ୟ ସେହି ମାଆଟିକୁ ସାପ ପରି ପ୍ରତୀୟମାନ ହୁଏ ।ମୁନା ମଧ୍ୟ ତା ବୋଉକୁ ଅନେକ ଥର କହିଲାଣି ତୁ ମୋ ପାଖକୁ ଯେମିତି ଚିଠି ଲେଖୁ ସେମିତି ଚିଠି ଲେଖେ ବୋଉ । ଫୋନ କଲେ ସବୁସମୟରେ ଫୋନ ଧରି ହେଉନି ବରଂ ଚିଠି ପଢିବା ସହ ସେଇ ଚିଠି ସ୍ପର୍ଶରେ ତୋ କୋଳରେ ଶୋଇଥିବାର ଅନୁଭବ ହେବ ମତେ। ପ୍ରେରଣା ମଧ୍ୟ ମିଳିଯିବ। ବୋଉ କିନ୍ତୁ ଏବେ ଲେଖିପାରୁନି। ତା ଦେହ ମଧ୍ୟ ଭଲ ରହୁନି ତେଣୁ ଫୋନ କରୁଛି ।ଏମିତି ସବୁ ଭାବିଲା ବେଳେ ବୋଉର ଫୋନ ଆସିଲା ତ କାଫେ ଭିତରୁ ବାହାରି ଟିକେ ନିରୋଳା ଜାଗାକୁ ଯାଇ ମୁନା ମାଆ ସଙ୍ଗେ କଥାବାର୍ତ୍ତା କରୁ କରୁ କାଫେ ଭିତରୁ ଢ଼ୋ କରି ଏକ ପ୍ରଚଣ୍ଡ ଶବ୍ଦ ସହ କାଫେ ଜଳୁଥିଲା। ତାରି ପରି ଅନେକ ସୈନିକ କଫି ପିଉ ପିଉ ଶତ୍ରୁପକ୍ଷଙ୍କ ଅତର୍କିତ ଆକ୍ରମଣରେ ଶହୀଦ ହୋଇଗଲେ ହେଲେ ବୋଉର ଫୋନ ଯୋଗୁଁ ସେ ବଞ୍ଚିଯାଇଥିଲା ସିନା ସେହି ଶବ୍ଦର ଆତଙ୍କରେ ମାଆ ଦୁନିଆଁ ଛାଡିଦେଇଥିଲା। ମୁନାକୁ ଛୁଟି ମିଳିନଥିଲା। ଦେଶ ମାଆ ତଥା ମାଟିମାଆ ପାଇଁ ପ୍ରାଣବଳୀ ଦେବାକୁ ଶପଥ କରିଥିବା ମୁନା କିନ୍ତୁ ନିଜ ମାଆ ବୋଉ ପାଇଁ ଚାକିରୀରୁ ଇସ୍ତଫା ନେଇ ଗାଁ ମାଟିକୁ ଫେରୁଥିଲା।

ବୋଉକୁ ମଶାଣୀରେ ଦାହ କରି କାନ୍ଦୁ କାନ୍ଦୁ ମୁନା ଦେଖିଲା ଟିକେ ଦୂରରେ ବୁଢାଲୋକ ଜଣେ ତଳକୁ ମୁଣ୍ଡ ପୋତି କାନ୍ଦୁଛନ୍ତି। ମୁନା ପାଖକୁ ଯାଇ ଦେଖିଲା ଓ ଚିହ୍ନିଲା ।ଏ ବ୍ୟକ୍ତି ସେଇ ଡାକିଆ ମଉସା ଯିଏ ତା ଲେଖା ଚିଠି ସବୁକୁ ନେଇଯାଉଥିଲେ ତା ଶହୀଦ ହୋଇଯାଇଥିବା ବାପାଙ୍କୁ ଦେବାକୁ। ପିଲାଦିନେ ସେ ବୁଝିନଥିଲା ଶହୀଦଙ୍କ ଅର୍ଥ। ମାଆ କହୁଥିଲେ ବାପା ତୋର ଦେଶର ସେବା କରିବାକୁ ବହୁ ଦୂର ଚାଲିଯାଇଛନ୍ତି। ତୁ ମନ ଦେଇ ପାଠ ପଢିଲେ ସେ ଫେରିଆସିବେ। ସେ ପାଠ ପଢିଲା ସତ ବାପା କିନ୍ତୁ ଆଉ ଫେରିନଥିଲେ। ବାପାଙ୍କ ପାଖକୁ ସବୁଦିନ ଲେଖୁଥିବା ଚିଠି ସବୁକୁ ଡାକିଆ ମଉସା ନେଇ ତାକୁ ଭରସା ଦେଉଥିଲେ। ବିଶ୍ୱାସରେ ଶତ କଦମ୍ବ ଫୁଟାଉଥିଲେ। କିନ୍ତୁ ଯୋଉଦିନ ଜାଣିଲେ ତା ବାପା ଠିକ ତାଙ୍କ ପୁଅ ପରି ଦେଶ ରକ୍ଷା କରିବାକୁ ଯାଇ ଶହୀଦ ହୋଇଯାଇଛନ୍ତି, ଭାଙ୍ଗିପଡ଼ିଥିଲେ ସେ। ତଳୁ ଉଠେଇଲା ମୁନା ତାଙ୍କୁ। ଏଣିକି ଡାକିଆ ମଉସାଙ୍କର ସବୁକିଛି ମୁନା। ମୁନା ଯେବେ ଦୁଃଖ କରୁଥିଲା ଦେଶ ସେବାରୁ ବଞ୍ଚିତ ହୋଇଛି ବୋଲି ଡାକିଆ ମଉସା କହନ୍ତି ଜନ୍ମଭୂମି ତଥା ଜନ୍ମମାଟିରେ ପିତା ମାତାଙ୍କ ସ୍ମୃତିରେ ଗାଁରେ ରହି ପିତା ମାତାଙ୍କ ସ୍ୱପ୍ନ ପୂରଣ କରିବା ମଧ୍ୟ ଦେଶ ସେବା। ମୁନା ବୁଝିଯାଏ ଯେ ତା ପିଲାଦିନର ଡାକିଆ ମଉସାଙ୍କୁ ସାହାରା ଦେଇ ସେ ଠିକ କରିଛି। ପୁତ୍ର ଶୋକ ତଥା ପୁତ୍ର ବିୟୋଗ ପରେ ପତ୍ନୀ ଶୋକରେ ମ୍ରିୟମାଣ ଡାକିଆ ମଉସା ଆଜି ମୁନାର ଡାକିଆ ଅଜା ପାଲଟି ଯାଇଛନ୍ତି। ପ୍ରାରବ୍ଧ କର୍ମଫଳ ଭୋଗୁଛି କହି ଦୁଃଖରେ ଭାଙ୍ଗି ପଡୁଥିବା ଡାକିଆ ଅଜା ଆଜି ମୁନା ପାଇଁ ପୁଣି ବଞ୍ଚିବାର ଇଚ୍ଛାଶକ୍ତି ଫେରିପାଇଛନ୍ତି।

ଡାକିଆ ଅଜା କହୁଥିଲେ ଏ ଜନ୍ମର କର୍ମ ଫଳ ଏଇ ଜନ୍ମରେ ହିଁ ଭୋଗ ହୁଏ ମୁନା। ମୋ ବାପା ତାଙ୍କ ସମସ୍ତ ପେନସନ ଟଙ୍କା ମୃତ ସାନଭାଇ ସ୍ତ୍ରୀ ଓ ପିଲାଙ୍କ ପାଇଁ ଖର୍ଚ୍ଚ କରିଦେଉଥିବାରୁ ମୁଁ ତାଙ୍କ ଶବ ସଂସ୍କାର ବେଳେ ଉପସ୍ଥିତ ହେବାକୁ କୁଣ୍ଠାବୋଧ କରିଥିଲି। ତେଣୁ ଏ ଜନ୍ମରେ ମତେ ପୁତ୍ର କଷ୍ଟ ଭୋଗିବାର ଥିଲା ।ପଛରେ ଅନୁତାପ କରି ମାଆକୁ ପାଖରେ ରଖି ତାର ଯାବତୀୟ ମନୋସ୍କାମନା ପୂରଣ କରିଥିଲି ବୋଲି ତୋ ପରି ପୁଅ ତଥା ନାତି ପାଇଛି। ମୁନା କହୁଥିଲା ତେବେ ମୋର କୋଉ ପାପ କର୍ମ ପାଇଁ ମୁଁ ମୋ ପିତା ମାତାଙ୍କୁ ହରେଇଲି ଅଜା ?ଅଜା କହିଲେ ସେଇଟା ତୋର ପାପ ନୁହେଁ। ପୁତ୍ରକୁ ବସେଇ ପିତା ମାତା ଆଗ ଚାଲିଯିବା ଏକ ସୁକୃତ ସ୍ୱରୂପ ଫଳ। ଏହା କହି ନିଜ ମାଆଙ୍କର ଶେଷ ଚିଠି କାଢି ଡାକିଆ ଅଜା ମୁନା ହାତକୁ ବଢ଼େଇ ଥିଲେ ଯୋଉ ଚିଠିରେ ଲେଖାଥିଲା ପିତା ମାତାଙ୍କ ସୁକୃତରୁ ପୁତ୍ର ହୁଏ ସୁଖୀ।। ପୁତ୍ର ଯଦି ସୁଖୀ ହୁଏ କୂଳ ଧର୍ମ ରଖି। ସେ ଚିଠି ସହିତ ମୁନା ପିଲାଦିନେ ତା ଶହୀଦ ବାପାଙ୍କ ପାଖକୁ ଲେଖିଥିବା ସମସ୍ତ ଚିଠି ମଧ୍ୟ ଥିଲା ଏବଂ ତା ସହିତ ଡାକିଆ ଅଜାଙ୍କ ଫୌଜି ପୁଅର ଶେଷ ଚିଠି ମଧ୍ୟ ଥିଲା।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

ଇଚ୍ଛାପୁରରେ ଓରିଏଂଟାଲ ଇନସୁରାନ୍ସର ଏଜେଂଟ ଏକ୍ସପ୍ରେସ ଡିଜିଟାଲ କର୍ନର ଉଦ୍ଘାଟିତ

କେନ୍ଦ୍ରାପଡ଼ା,୧/୧୧ (ନି.ପ୍ର): ସ୍ଥାନୀୟ ଇଚ୍ଛାପୁର ଅଂଚଳରେ ଶୁକ୍ରବାର ପୂର୍ବାହ୍ନ ୧୨ଟା ସମୟରେ ଓରିଏଣ୍ଟାଲ ଇନସୁରାନ୍ସ କମ୍ପାନୀ ପକ୍ଷରୁ ଏକ ନୂତନ 'ଏଜେଂଟ ଏକ୍ସପ୍ରେସ ଡିଜିଟାଲ କର୍ନର' ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। କମ୍ପାନୀର ନିୟମ ଅନୁସାରେ ଏହି ଡିଜିଟାଲ ସେବା କେନ୍ଦ୍ର ପରିଚାଳନା ପାଇଁ ସ୍ଥାନୀୟ ଅଧିବାସୀ କମଳ ଲୋଚନ ଦାସଙ୍କୁ ମନୋନୀତ କରାଯାଇଛି। ଏହି କେନ୍ଦ୍ର ପ୍ରତିଷ୍ଠା ହେବା ଫଳରେ ସାଧାରଣ ଲୋକଙ୍କୁ ବୀମା ସମ୍ପର୍କିତ ସେବା ପାଇବା ନିମନ୍ତେ ଆଉ ବାରମ୍ବାର ଦୂରଦୂରାନ୍ତକୁ ଯିବାକୁ ପଡ଼ିବ ନାହିଁ। ଏହି ଡିଜିଟାଲ କର୍ନର ମାଧମରେ ସ୍ଥାନୀୟ ଜନସାଧାରଣ ନିଜ ନିଜର ମୋଟରସାଇକେଲ, କାର, ବସ୍, ଟ୍ରକ୍ ଭଳି ସମସ୍ତ ଯାନବାହନ ବୀମା ସହିତ ବ୍ୟକ୍ତିଗତ ଦୁର୍ଘଟଣା ବୀମା (ପର୍ସନାଲ ଆକ୍ସିଡେଣ୍ଟ) ଏବଂ ସ୍ୱାସ୍ଥ୍ୟ ବୀମା (ହେଲଥ ଇନସୁରାନ୍ସ) ଭଳି ଗୁରୁତ୍ୱପୂର୍ଣ୍ଣ ସୁବିଧା ତୁରନ୍ତ ତଥା ସହଜରେ ପାଇପାରିବେ ବୋଲି ସୂଚନା ଦିଆଯାଇଛି। ଏହି ଉଦ୍ଘାଟନୀ ସମାରୋହରେ କମ୍ପାନୀର ଡେପୁଟି ଜେନେରାଲ ମ୍ୟାନେଜର ଯଦୁନାଥ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରକୁ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଜିଓନାଲ ମ୍ୟାନେଜର ମୀନାକ୍ଷୀ ବ୍ରହ୍ମା, ମ୍ୟାନେଜର ମାଥୁରାମ ହାଁସଦା, ଅମରେଶ ରାଉତ ଏବଂ କେନ୍ଦ୍ରାପଡ଼ା ଶାଖା ପରିଚାଳକ ତାପସ ରଞ୍ଜନ ରାଉତ ଉପସ୍ଥିତ ରହି ଡିଜିଟାଲ ବୀମା ବ୍ୟବସ୍ଥାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରପାଳିକାର ୧ ନମ୍ବର ୱାର୍ଡ କାଉନ୍ସିଲର ପୁଷ୍ପଲତା ବେହେରା, ୨ ନମ୍ବର ୱାର୍ଡ କାଉନ୍ସିଲର କାଳୀପ୍ରସାଦ ମିଶ୍ର ଏବଂ ଆଦର୍ଶ ସୋସାଇଟି, ହାଡ଼ିବନ୍ଧୁ ବିହାରର ପୂର୍ବତନ ସଭାପତି ବ୍ରଜକିଶୋର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହିତ ଓରିଏଂଟାଲ ଇନସୁରାନ୍ସର ବହୁ ଏଜେଂଟ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ସୁବାସ ମେକପ, ଅଞ୍ଜନ ପଣ୍ଡା, କମଳ ଲୋଚନ ଦାଶ (କାର୍ତିକ ନନା) ମନୋରଞ୍ଜନ ମହାନ୍ତି ଏବଂ ଗଣେଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଙ୍କୁର ସ୍କୁଲଠାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭିଜିଲାନ୍ସ ସଚେତନତା ସପ୍ତାହ ଉପଲକ୍ଷେ ଏକ ସ୍ୱତନ୍ତ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେତା ଓ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ନୂତନ ଡିଜିଟାଲ କେନ୍ଦ୍ର ସ୍ଥାପନ ଦ୍ୱାରା ଇଚ୍ଛାପୁର ତଥା ଏହାର ଆଖପାଖ ଅଂଚଳରେ ଡିଜିଟାଲ ସଚେତନତା ଏବଂ ସୁରକ୍ଷିତ ଆର୍ଥିକ ଭବିଷ୍ୟତ ପାଇଁ ବୀମା ସେବା ଆହୁରି ସୁଦୃଢ଼ ହେବ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି।

ମହିମା ଛକରେ ମୃତ୍ୟୁକୁ ଆମନ୍ତ୍ରଣ ଦେଉଛି ଖାଲଖମା ଓ ବେଆଇନ ପାର୍କିଂ

ଝାରସୁଗୁଡା,୧/୧୧ (ନି.ପ୍ର): ରାସ୍ତାରେ ଗାଡ଼ି ଚଳାଇବା ବେଳେ କେତେବେଳେ କେଉଁଠି ଦୁର୍ଘଟଣା ଘଟିବ, ତାହାର କୌଣସି ଠିକଣା ନାହିଁ। ରାସ୍ତା ଉପରେ ବଡ଼ ବଡ଼ ଖାଲ, ତା' ସାଙ୍ଗକୁ ରାସ୍ତାକଡ଼ରେ ଅବ୍ୟବସ୍ଥିତ ଭାବେ ଗାଡ଼ି ପାର୍କିଂ। ଏଭଳି ବିପଦପୂର୍ଣ୍ଣ ସ୍ଥିତି ଦେଇ ପ୍ରତିଦିନ ଯାତାୟାତ କରୁଛନ୍ତି ହଜାର ହଜାର ଲୋକ। ଏହା କୌଣସି ସାଧାରଣ ରାସ୍ତାର ଚିତ୍ର ନୁହେଁ, ଜାତୀୟ ରାଜପଥ ନମ୍ବର ୪୯ର ବେଲପାହାଡ଼ ମହିମା ଛକର ବାସ୍ତବ ସ୍ଥିତି। ଝାରସୁଗୁଡ଼ାରୁ କନକତୋରାକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥର ମହିମା ଛକ ଏବେ ସାଧାରଣ ଯାତ୍ରୀଙ୍କ ପାଇଁ ଭୟର କାରଣ ପାଲଟିଛି। ପ୍ରତିଦିନ ଏହି ରାସ୍ତା ଦେଇ ଅନେକ ଭାରୀଯାନ, ଚାରିଚକିଆ ଓ ଦୁଇଚକିଆ ଯାନ ଚଳାଚଳ କରୁଛି। ହେଲେ ରାସ୍ତାର ଅବସ୍ଥା ଏବଂ ଅବ୍ୟବସ୍ଥିତ ପାର୍କିଂ ଯୋଗୁଁ ଯାତ୍ରୀଙ୍କ ଯାତ୍ରା ଏବେ ସୁରକ୍ଷିତ ରହିନାହିଁ। ବିଶେଷକରି ଦୁଇଚକିଆ ଯାନ ଚାଳକଙ୍କ ପାଇଁ ଏହି ରାସ୍ତା ଅଧିକ ବିପଜ୍ଜନକ ହୋଇପଡ଼ିଛି। ରାସ୍ତାରେ ଥିବା ବଡ଼ ବଡ଼ ଖାଲ ଯୋଗୁଁ ଗାଡ଼ି ଚାଳକମାନେ ହଠାତ୍ ନିୟନ୍ତ୍ରଣ ହରାଇବାର ଆଶଙ୍କା ରହୁଛି। ଅନ୍ୟପଟେ ରାସ୍ତାର ଉଭୟ ପାର୍ଶ୍ୱରେ ମନଇଚ୍ଛା ଗାଡ଼ି ପାର୍କିଂ ହେଉଥିବାରୁ ଯାତାୟାତ ପାଇଁ ରାସ୍ତା ସଙ୍କୁଚିତ ହୋଇଯାଉଛି। ରାତି ହେଲେ ସମସ୍ୟା ଆହୁରି ଗମ୍ଭୀର ହେଉଛି। ଅନ୍ଧାରରେ ଖାଲଖମା ଠିକ୍ ଭାବେ ଦେଖାଯାଉନଥିବାରୁ ଯାତ୍ରୀଙ୍କ ଜୀବନ ବିପଦରେ ପଡୁଛି। ସବୁଠାରୁ ଚିନ୍ତାର ବିଷୟ ହେଉଛି, ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକଙ୍କ ମନରେ ଏବେ ଦୁର୍ଘଟଣାର ଭୟ ଘର କରିଛି । ନିଜ କର୍ମସ୍ଥଳୀକୁ ଯାଉଥିବା ଶ୍ରମିକ, ଦୈନନ୍ଦିନ କାମରେ ବାହାରୁଥିବା ସାଧାରଣ ଲୋକ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଏହି ରାସ୍ତାରେ ଯାତ୍ରା କରିବା ଏକ ଆଶଙ୍କାପୂର୍ଣ୍ଣ ଅନୁଭୂତି ପାଲଟିଛି। କୌଣସି ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ଏହାର ସମାଧାନ ହେବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଜାତୀୟ ରାଜପଥ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଏଭଳି ଅବ୍ୟବସ୍ଥା ଦୀର୍ଘଦିନ ଧରି ଲାଗି ରହିଥିବା ସତ୍ତ୍ୱେ ସ୍ଥାୟୀ ସମାଧାନ ନହେବାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ବିଭାଗର ନିଷ୍କ୍ରିୟତା ଉପରେ ମଧ ପ୍ରଶ୍ନ ଉଠୁଛି। ଏବେ ବେଲପାହାଡ଼ବାସୀଙ୍କ ଗୋଟିଏ ଦାବି, ମହିମା ଛକର ରାସ୍ତା ଖାଲଖମାକୁ ତୁରନ୍ତ ମରାମତି କରାଯାଉ, ବେଆଇନ ପାର୍କିଂ ହଟାଯାଉ ଏବଂ ନିୟମିତ ଯାଂଚ୍ ବ୍ୟବସ୍ଥା କରାଯାଉ। କାରଣ ଲୋକଙ୍କ ଜୀବନ ଅପେକ୍ଷା ଅଧିକ ମୂଲ୍ୟବାନ ଆଉ କିଛି ନୁହେଁ। ପ୍ରଶାସନ ତୁରନ୍ତ ଏହି ସମସ୍ୟାକୁ ଗୁରୁତ୍ୱ ଦେବ, ନା କୌଣସି ବଡ଼ ଅଘଟଣ ପରେ ହିଁ ଚେତିବ ? ଏହି ପ୍ରଶ୍ନ ଏବେ ପ୍ରତ୍ୟେକ ବେଲପାହାଡ଼ବାସୀଙ୍କ ମନରେ।

କଷାଫଳ ମେରାଇନ ଥାନା ପକ୍ଷରୁ ଜାତୀୟ ଏକତା ଦିବସ ପାଳିତ



ବସ୍ତା, ୩୧/୧୦(ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଦୁବଲାଗଡ଼ି ୟୁନିୟନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କଷାଫଳ ମେରାଇନ ପୋଲିସ ପକ୍ଷରୁ ଜାତୀୟ ଏକତା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ, ଦେଶ ପ୍ରତି ତାଙ୍କର ଅବଦାନ ଏବଂ ଜାତୀୟ ଏକତାର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଶ୍ରୀ ରାଜେନ୍ଦ୍ର କୁମାର ନାଥ ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସ ମୁଖ୍ୟ ଅତିଥି ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶିକାନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ମତ୍ସଜୀବୀ ଓ ମତ୍ସ ବ୍ୟବସାୟୀ ସଂଘର ସଭାପତି ବିକାଶ ଚନ୍ଦ୍ର ଦାସ, ସମ୍ପାଦକ ଗୋରାଚାନ୍ଦ ଜେନା, ଦୁବଲାଗଡ଼ି ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରବୀର କୁମାର ସାହୁ, ସହ ମାସ୍ତ ଅଧିକାରୀ କୁଞ୍ଜ ବିହାରୀ ଦାସ ପ୍ରମୁଖ ଯୋଗ ଦେଇ ଏକତାର ଆଭିମୁଖ୍ୟ ବକ୍ତବ୍ୟ ରଖିଥିବା ବେଳେ କଷାଫଳ ମେରାଇନ ଥାନାର ଆଇ ଆଇ ସି ରଶ୍ମୀରେଖା ମହାଳିକ କାର୍ଯ୍ୟକ୍ରମର ସୂଚନା ସରଳ ଭାବରେ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ବିଜୟାନନ୍ଦ ସ୍ୱାଇଁ ଏବଂ ସମାଜସେବୀ ଗୋବିନ୍ଦ ପ୍ରସାଦ ଦାସ ଯୋଗଦେଇଥିଲେ। ଏଥିସହିତ ପୋଲିସ ବିଭାଗର ଅଧିକାରୀ ଓ କର୍ମଚାରୀବୃନ୍ଦ ଏବଂ ମିଡିଆ, ସାମ୍ବାଦିକ ବନ୍ଧୁ, ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଓ ଦେଶ ପ୍ରତି ତାଙ୍କର ଅବଦାନକୁ ନେଇ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିନକୁ ଜାତୀୟ ଏକତା ଦିବସ ଭାବେ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ଅଖଣ୍ଡତା, ଏକତା ଓ ସଂହତିକୁ ମଜବୁତ କରିବା ବୋଲି ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ପରିଶେଷରେ କଷାଫଳ ମେରାଇନ ଥାନାର ଏ ଏସ ଆଇ ପ୍ରଦ୍ୟୁମ୍ନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

'ସୁନ୍ଦର ସକାଳ'ଓ 'ସ୍ନେହ ପରିଧି'ର ପାଠକାର୍ପଣ ଉତ୍ସବ



ନୀଳଗିରି ,୧/୧୧ (ନି.ପ୍ର): କବିତୀର୍ଥ ଶାନ୍ତିକାନନରେ ଡ. ମନୋରଞ୍ଜନ ନାୟକଙ୍କ ଦୁଇଖଣ୍ଡ କବିତା ଗ୍ରନ୍ଥ'ସୁନ୍ଦର ସକାଳ'ଓ ସ୍ନେହ ପରିଧି'ମୁଖ୍ୟଅତିଥି ତଥା ପୁସ୍ତକ ଦ୍ୱୟର ଉନ୍ମୋଚକ ଉତ୍ତର ଓଡ଼ିଶା ସମ୍ବାଦର ମୁଖ୍ୟ ଚିତ୍ତରଞ୍ଜନ ଚିରଞ୍ଜିତଙ୍କ କରକମଳରେ ପାଠକାର୍ପଣ ହୋଇଯାଇଛି।ଉକ୍ତ ବୈଠକରେ ସଭାପତିତ୍ୱ କରିଥିଲେ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର।ଓଡ଼ିଶାର ସ୍ୱନାମଧନ୍ୟ ସାହିତ୍ୟିକ ଭାଷାବିକାଶ ଆନ୍ଦୋଳନର ସମ୍ପାଦକ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ ସମୀକ୍ଷକ ରୂପେ ଯୋଗଦେଇ ପୁସ୍ତକ ଦୁଇଟିର ଭାବଗତ ଓ ସାରସ୍ୱତ ଦିଗଉପରେ ମତ ରଖିଥିଲେ । ସାରସ୍ୱତ ଜୀବନରେ ପ୍ରାପ୍ତିର ଆଶା ନଥାଏ।ଏହା ଏକ ପ୍ରକ୍ରିୟାବୋଲି ଚିତ୍ତରଞ୍ଜନ ଚିରଞ୍ଜିତ ମତ ଦେଇଥିଲେ। ନୂତନ ଜୀବନ, ନୂତନ ସକାଳ, ନୂଆ ଆରମ୍ଭ, ନବ ଚେତନା, ପୂର୍ଣ୍ଣ ବିଶ୍ୱାସ, ନୂତନ ଆଶା, ଓ ନବ ସମ୍ଭାବନା ଡ. ନାୟକଙ୍କ ପୁସ୍ତକର ସାରମର୍ମ ବୋଲି ଡ. ତ୍ରିପାଠୀ ମତ ଦେଇଥିଲେ ।କବି ପ୍ରଶାନ୍ତ ଦାସ ଡ. ନାୟକଙ୍କ ପୁସ୍ତକ ଉପରେ ମତରଖି କହିଲେ ଯେ ତାଙ୍କର ରଚନାରେ ସ୍ନେହର ପରିଧି ଜମାଟ ବାନ୍ଧି ରହିଛି ଏବଂ ସେହିଠାରୁ ଯେପରି ନୂଆ ସକାଳ ଉଦିତ ହେଉଛି ସେଇ ସମ୍ଭାବନା ସେ ଦେଖୁଛନ୍ତି। ଡ. ରତ୍ନାକର ସିଂହ ପ୍ରାକଭାଷ ଉପସ୍ଥାପନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜେଶ ଗିରି ଅତିଥି ମାନଙ୍କୁ ମଞ୍ଚଆହ୍ୱାନ କରିଥିଲେ। ଏବଂ କଲ୍ୟାଣୀ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଡ. ଭାଗବତ ପ୍ରସାଦ ଦାସ, ଦୀନବନ୍ଧୁ ଲେଙ୍କା, ସାରଂଗଧର ତ୍ରିପାଠୀ, ବିଜୟ ଦେ, ଅରୁଣା ରାୟ ଜ୍ୟୋସ୍ନା ରାୟ ,ସୁବ୍ରତା ମହାନ୍ତି, ତୃପ୍ତିଲତା ଦାସ, ଶାନ୍ତି ବିଶି, କୃଷ୍ଣା ପ୍ରଧାନ, କୁମରନାଥ ପାତ୍ର, ପର୍ଶୁରାମ ପଣ୍ଡା ପ୍ରମୁଖ ସଭାରେ ଉପସ୍ଥିତ ରହିଥିଲେ।

ନିମାପଡ଼ା ମହାବିଦ୍ୟାଳୟରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ

ପୁରୀ,୧/୧୧ (ନି.ପ୍ର): ପୁରୀ ଜିଲ୍ଲା ନିମାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଆଭ୍ୟନ୍ତରିଣ ଗୁଣବତ୍ତା ସେଲ୍ ଓ ଜାତୀୟ ସେବା ଯୋଜନା ତଥା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ସହଯୋଗରେ ୨୬ ତାରିଖରୁ ଭିଜିଲାନ୍ସ ସପ୍ତାହ ପାଳିତ ହୋଇଯାଇଛି। ଶନିବାର ଶପଥ ପାଠ ସହ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏକ ରାଲି, କୁଇଜ୍ ତଥା ଅଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ମାନଙ୍କ ସହ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରି ସାଧୁତାରୁ ସମୃଦ୍ଧି ସଂମ୍ବନ୍ଧରେ ଆଲୋକ ପାତ କରିଥିଲେ।

ବଳିଦାନ ଦିବସରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସେବାଦଳ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ



ବାଲେଶ୍ୱର,୧/୧୧ (ନି.ପ୍ର): ଦେଶର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଆତ୍ମ ବଳିଦାନ ତିଥି କୁ ସାରା ଭାରତ ବର୍ଷ ଆଜି ବଳିଦାନ ଦିବସ ଭାବେ ପାଳନ କରିଛି। ଏହି ଅବସରରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସେବା ଦଳ ର ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି ଙ୍କ ନେତୃତ୍ୱରେ ଆଜି ପୂର୍ବାହ୍ନ ଦଶ ଟା ରେ ଜିଲ୍ଲା ରକ୍ତ ଭଣ୍ଡାର ରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ତଥା କାଉନସିଲର ପଦ୍ମଲୋଚନ ଲେଙ୍କା ଶିବିର କୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି /କରିଥିଲେ। କାର୍ଯ୍ୟକ୍ରମ ରେ ବରିଷ୍ଠ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ସଦର କଂଗ୍ରେସ ନେତା ତଥା ଜିଲ୍ଲା ଉପସଭାପତି ସରୋଜ କୁମାର ଲେଙ୍କା, ଜିଲ୍ଲା ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଜୋସ୍ନା ସେନାପତି,ଟାଉନ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ,ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡକ୍ଟର ବସନ୍ତ କୁମାର ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଏ ସମସ୍ତ କାର୍ଯ୍ୟ ଟାଉନ ସେବା ଦଳ ସଭାପତି ଆରଫାନଉଦ୍ଦିନ ଆରୟନ ରେମୁଣା ବ୍ଲକ ସେବା ଦଳ ସଭାପତି ରାଜକିଶୋର ମନ୍ତ୍ରୀ ହର୍ଷ ଖଣ୍ଡେଲୱାଲ ସନ୍ତୋଷ ଦାସ ଶେଖ କାଲାମ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ମୋଟ ଷାଠିଏ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

ସତ୍ୟସାଇ ପେଟ୍ରୋଲ ପମ୍ପରେ ଟାଙ୍କି ଫାଟିବା ଘଟଣା: ମିଳିତ ପ୍ରଶାସନିକ ଅଧିକାରୀଙ୍କ ତଦନ୍ତ



ନୀଳଗିରି,୧/୧୧ (ନି.ପ୍ର): ଗତ ଅକ୍ଟୋବର ୨୮ତାରିଖ ନୀଳଗିରି ବାଲିଗୋହିରୀ ସ୍ଥିତ ଶ୍ରୀ ସତ୍ୟସାଇ ପେଟ୍ରୋଲ ପମ୍ପରେ ଟାଙ୍କି ଫାଟି ଜୈନିକ କର୍ମଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଘଟଣାକୁ ଗୁରୁତ୍ୱଦେଇ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ତୁରନ୍ତ ପେଟ୍ରୋଲ ପମ୍ପକୁ ସିଲକରିବା ପାଇଁ ନିର୍ଦ୍ଦେଶ ଦେବାପରେ ସ୍ଥାନୀୟ ପ୍ରଶାସନ ସିଲ୍ କରିଥିଲେ। ଶନିବାର ଦିନ ପୁଣି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ନୀଳଗିରି ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଶୁଭଶ୍ରୀ ଜେନା, ନୀଳଗିରି ଫାୟାର ଅଫିସର ହରିଶ୍ ନାଥ, ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ, ସି.ଏସ୍.ଓ. ଓ ବିଦ୍ୟୁତ ବିଭାଗର ଏସ.ଡି.ଓ. ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ ପ୍ରମୁଖ ପେଟ୍ରୋଲ ପମ୍ପରେ ପହଞ୍ଚି ତଦନ୍ତ କରିଛନ୍ତି। ପ୍ରାଥମିକ ତଦନ୍ତରେ ପେଟ୍ରୋଲ ପମ୍ପର ନିରାପତ୍ତା ବ୍ୟବସ୍ଥା ଥିଲା କି ନାହିଁ, କଣ କଣ କ୍ଷୟକ୍ଷତି ହୋଇଛି ଉପରେ ଦତନ୍ତ କରିଥିବାର ତହସିଲଦାର ଦାୟିତ୍ୱରେ ଥିବା ଶୁଭଶ୍ରୀ ଜେନା ପ୍ରକାଶ କରିବା ସହ ବିଦ୍ୟୁତ୍ ବିଭାଗ ମଧ ସଠିକ୍ ଭାବରେ ବିଦ୍ୟୁତ୍ ସଂଯୋଗୀ କରଣ ଉପରେ ତଦନ୍ତ କରିଥିଲେ। ଏସବୁ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

ବନ୍ୟା ପ୍ରଭାବିତ ଲୋକମାନେ ଘରକୁ ଫେରୁଛନ୍ତି: ସ୍ୱାଭାବିକ୍ ହେଉଛି ସ୍ଥିତି

ଗଞ୍ଜାମ,୧/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ପାଗସୁଖିଲା ହୋଇ ଖରା ହୋଇଛି। ବନ୍ୟା ପାଣି କମିଛି। ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇଥିବା ବ୍ୟକ୍ତିମାନେ ଘର ବାହୁଡ଼ା ହୋଇ ଘରଭିତରୁ କାଦୁଅ ପାଣି ବାହାର କରି ସଫା କରୁଛନ୍ତି। ସମସ୍ତ ଅଂଚଳକୁ ଗମନାଗମନ ପାଇଁ ରାସ୍ତା ଖୋଲି ଯାଇଛି। ଯାନବାହାନ କ୍ରମଶଃ ଆଜି ଚଳାଚଳ ଆରମ୍ଭ ହୋଇଛି। ଗଞ୍ଜାମ ଜିଲ୍ଲାରେ ୧ ଲକ୍ଷ ୫ ହଜାର ୬୬୨ ଜଣ ପ୍ରଭାବିତ ହୋଇଛନ୍ତି । ଜିଲ୍ଲାରେ ଏବେ ୩୬୭ ରିଲିଫ କେନ୍ଦ୍ର ଚାଲିଛି। ବାତ୍ୟା ପରଠାରୁ ଭଞ୍ଜନଗର ଗଡିପାବାଲି ଗାଁ ର୧୨ଜଣ ବ୍ୟକ୍ତି ନିଖୋଜ ଅଛନ୍ତି।

ହେଲଦି ଲାଇଫ୍ ଦ୍ୱାରା ରକ୍ତଦାନ ଶିବିର



ବାଲେଶ୍ୱର,୧/୧୧ (ନି.ପ୍ର): ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନ୍?ଷ୍ଟିଚ୍ୟୁଟ ଅଫ୍ ନେଚର କିୟର ଏଣ୍ଡ ଯୋଗିକ୍ ସାଇନ୍ସ ଚିଡ଼ିଆ ପୋଲ ବିବେକାନନ୍ଦ ମାର୍ଗ ବାଲେଶ୍ୱର ପୋଷ୍ୟ ଗ୍ରାମ ବେଗମପୁର ଉପ୍ରା ସ୍କୁଲର ମେଗା ରକ୍ତଦାନ ଶିବିର ଜାତୀୟ ସେବା ଯୋଗିନ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଅଛି, ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ସୁଖୀର ପରିଡ଼ା, ଏନ୍ଏସିର କାଉନସିଲର ଲକ୍ଷ୍ମୀକାନ୍ତ ଦାସ, ଭାଇସ୍ ଚେୟାରମେନ, ଆୟୁସ୍ମାନ୍ ଖାଁ, ତଥା ଅନୁଷ୍ଠାନର ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ, ନିର୍ଦ୍ଦେଶକ ତଥା ଜାତୀୟ ସେବା ଯୋଜନର କାର୍ଯ୍ୟକୟମ ଅଧିକାରୀ ଡା. ଚିତ୍ତରଂଜନ ସାହୁ ଯୋଗ ଦେଇ ରକ୍ତର ବିକଳ୍ପ ନାହିଁ ତେଣୁ ଜଣେ ରକ୍ତ ଦାନ କେନ୍ଦ୍ର ଜଣକ ଜୀବନ ବଞ୍ଚି ପାରିବ, ଆଜିର ଯୁବ ସମାଜ ଜେନ ଜି ମାନେ ରକ୍ତଦାନ କରି ମଣିଷ ଜୀବନ ଓ ହସ ଦେଇ ପାରିବେ, ବେଗମପୁରର ପୁରୁଷତ୍ତମ ନାଥ, ରବିନାରାୟଣ ନାୟକ, କାଳୀଚରଣ ବିନ୍ଧାଣୀ, ମୁଖ୍ୟ ଡାକ୍ତରଖାନାର ଡାକ୍ତରମାନେ ରକ୍ତ କଲେକ୍ସନ କରିଥିଲେ। ସକାଳ ୯ଟାରୁ ୨ଟା ପର୍ଯ୍ୟନ୍ତ ଭିତରେ ୪୫ ବୋତଲ ରକ୍ତ ସଂଗ୍ରହ ହୋଇପାରିଥିଲା। ଏନ୍ଏସ୍ଏସ୍ର ଛାତ୍ରଛାତ୍ରୀ ଅଧାପିକା ଅନୀତା ମିଶ୍ର, ଅଧାପିକା କାନ୍ତିକୀଷ୍ଣା ପାଣିଗ୍ରାହୀ ଯୋଗ ଶିବିରକୁ ପରିଚାଳନା କରିଥିଲେ ।

ସ୍ୱାତୀ ଅନୁଷ୍ଠାନ ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ ପାଳିତ

କନ୍ଧମାଳ,୧/୧୧ (ନି.ପ୍ର): ଭାରତର "ଲୌହ ମାନବ" ସର୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଜୟନ୍ତୀରେ ସାରା ଦେଶ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଉଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ବିଭିନ୍ନ ସ୍ଥାନରେ ଏହି ଦିବସଟିକୁ ଶ୍ରଦ୍ଧା ଓ ସମତାର ସହିତ ପାଳନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ଫୁଲବାଣୀ ସ୍ଥିତ କାର୍ଯ୍ୟାଳୟ ଠାରେ ସମ୍ପାଦକ ହରି ଶଙ୍କର ରାଉତଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି ଏକତା ଦିବସ । କାର୍ଯ୍ୟକ୍ରମ ଗୁଡିକରେ ସର୍ଦାର ବଲ୍ଲଭଭାଇ ପଟେଲ ଯେପରି ଆମ ଦେଶକୁ ଏକତାର ସୂତ୍ରରେ ବାନ୍ଧିଥିଲେ ଏବଂ ଏକ ଶ୍ରେଷ୍ଠ ଭାରତ ଗଠନର ଆହ୍ୱାନ ଦେଇଥିଲେ ତାକୁ ମନେ ପକାଇ ଆମେମାନେ ପ୍ରତିଜ୍ଞାର ସହିତ ଏକତାରେ ଶକ୍ତି ଓ ସେବାରେ ମାନବତା ବ୍ରତକୁ ପାଳନ କରି ଏକ ଭାରତ-ବଳିଷ୍ଠ ଭାରତ ଗଠନ ଆଡକୁ ଆଗେଇବା ତାହା ଆଲୋକପାତ କରାଯାଇଥିଲା । ଏହି ମହାନ ବ୍ୟକ୍ତିତ୍ୱ ଙ୍କର ଦେଶ ଗଠନରେ ଥିବା ଅବଦାନକୁ ସ୍ମରଣ କରି ବା ପାଇଁ ଆଜିର ଏହି ରାଷ୍ଟ୍ରୀୟ ଏକତା ଦିବସ ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁମାନ କରିହେଉଛି । ଏକତା ହେଉଛି ମନୁଷ୍ୟ ସମାଜର ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ଯାହା ସମାନତା ଓ ପ୍ରତିବଦ୍ଧତାକୁ ସୂଚାଇ ଆଗକୁ ବଢିବାର ଦିଗ ଦେଖାଇଥାଏ । ଏଥିସହିତ ଉପସ୍ଥିତ ଅନୁଷ୍ଠାନର କୋଷାଧକ୍ଷ ସାନ୍ତନୁ କୁମାର ମିଶ୍ର ଓ ଅନ୍ୟ ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର, ସନ୍ତୋଷ କୁମାର ମିଶ୍ର, ସ୍ୱଧର୍ମ ରାଉତ, ସୀତା ରଣା, ବିଷ୍ଣୁପ୍ରିୟା ପ୍ରଧାନ ପ୍ରମୁଖ ଏହି ମହାପୁରୁଷଙ୍କ ଅତ୍ମକାହାଣୀକୁ ଉପସ୍ଥାପନା କରି ମହାନତାର ଉଦାହରଣ ସାଜିଥିବା ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ । ଏଥି ସହିତ ଉପସ୍ଥିତ ସମସ୍ତ କର୍ମକର୍ତା ଦେଶର ଶ୍ରେଷ୍ଠତ୍ୱ ନିମନ୍ତେ ଏକତା ବଜାୟ ରଖିବା ପାଇଁ ବଦ୍ଧପରିକର ବୋଲି ଏକ ଶପଥ ପାଠ କରି ସୂଚାଇଥିଲେ ।

ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ଆଲୋଚନାଚକ୍ର



ବାରିପଦା, ୦୧/୧୧ (ନି.ପ୍ର): ସ୍ଥାନୀୟ ମୁର୍ଗାବାଡିସ୍ଥିତ ମୟୂରଭଞ୍ଜ ସିଭିଲ ସର୍ଭିସ ଏକାଡେମୀ ପରିସରରେ ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ତରଫରୁ 'ଓଡ଼ିଆ ସାହିତ୍ୟ ଓ ପର୍ବପର୍ବାଣି' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଆଲୋଚକ ଭାବେ ଅଧ୍ୟାପକ ଅଶୋକ ପୁଷ୍ଟି, ବରିଷ୍ଠ ସାହିତ୍ୟିକ ଅମିତାଭ ମିଶ୍ର, ଇଂ ସୌରଭ ତ୍ରିପାଠୀ, ବିଜୟ କୁମାର ମହାନ୍ତ ଯୋଗଦେଇ ଓଡିଶାର ବିଭିନ୍ନ ପର୍ବପର୍ବାଣି ଓଡ଼ିଆ ସାହିତ୍ୟରେ କିଭଳି ସୁନ୍ଦର ସ୍ଥାନିତ ହୋଇଛି ସେବିଷୟରେ ସବିଶେଷ ଆଲୋଚନା କରିଥିଲେ । ଏସ ପି ଜ୍ୟୋତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ ରାମକୃଷ୍ଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ଜାନୁଆରୀ ମାସରେ ଏକାଡେମୀ ତରଫରୁ ଏକ ଜାତୀୟ ଆଲୋଚନା ବାରିପଦାରେ ଆୟୋଜନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

ଇଣ୍ଡିଆ ବ୍ଲକର ଦିଲ୍ଲୀ ଚଲୋ ଆନ୍ଦୋଳନକୁ ସମର୍ଥନ ଜଣାଇ ନଳଗୋହିରା ବଜାରରେ ତ୍ରିରଙ୍ଗା ଶୋଭାଯାତ୍ରା

ଭଦ୍ରକ, ୦୧/୧୧ (ନି.ପ୍ର): ଭୋଟଚୋର ଜ୍ଞାନେଶ କୁମାରଙ୍କୁ ବହିଷ୍କାର ଓ ଦେଶଦ୍ରୋହ ଅପରାଧରେ ଗିରଫ କର, ଜନବିରୋଧି ଏସ୍ ଆଇ ଆର ବାତିଲ କର, ଦେଶବାସୀଙ୍କ ଭୋଟ ଦେବାର ଅଧିକାରର ସୁରକ୍ଷା କର, ଇଭିଏମ ହଟାଇ ବାଲାଟ ପେପରରେ ଭୋଟ କର, ବ୍ୟାପକ ନିର୍ବାଚନୀ ସଂସ୍କାର ଆଣ ଆଦି ଦାବିରେ ଦେଶବ୍ୟାପୀ ଚାଲିଥିବା ଐତିହାସିକ ଜନ ଆନ୍ଦୋଳନ ଓ ଦିଲ୍ଲୀ ସ୍ଥିତ ରାମଲୀଳା ମୈଦାନରେ ଅନୁଷ୍ଠିତ ' ଭୋଟ ବଞ୍ଚାଅ- ଦେଶ ବଞ୍ଚାଅ' ମହାସମାବେଶ କୁ ସମର୍ଥନ କରି ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ନଳଗୋହିରା ବଜାରରେ ସିପିଆଇ(ଏମ) ନଳଗୋହିରା ଶାଖା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ମଳୟ ଭୋଇ, ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ନଳଗୋହିରା ସିପିଆଇ(ଏମ) ଶାଖା ସଂପାଦକ ଗଣେଶ ଜେନା, ସିପିଆଇ(ଏମ) ନେତା ଅଶୋକ ଭୋଇ, ବାଇଧର ସେଠୀ,ସନାତନ ଜେନା,ସନ୍ତୋଷ କୁମାର ସେଠୀ, ବଳରାମ ବେହେରା, ଖଗେଶ୍ୱର ବେହେରା ପ୍ରମୁଖ ସାମିଲ ହୋଇ ଭୋଟ ଚୋର ଜ୍ଞାନେଶ କୁମାର ଗିରଫ ହେବା ପର୍ଯ୍ୟନ୍ତ ନଳଗୋହିରା ପଞ୍ଚାୟତରେ ଜନଆନ୍ଦୋଳନ ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ ।

ପାରାଦୀପ ବନ୍ଦର ପଣ୍ୟ ପରିବହନରେ ରେକର୍ଡ ୭.୯୫% ଅଭିବୃଦ୍ଧି

ପାରାଦୀପ, ୦୧/୧୧ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ଅକ୍ଟୋବର ୨୦୨୬ରେ ପଣ୍ୟ ପରିଚାଳନାରେ ଏକ ଦୃଢ଼ ପ୍ରଦର୍ଶନ ପଞ୍ଜିକୃତ କରିଛି, ଯାହା ଅକ୍ଟୋବର ୨୦୨୫ରେ ୧୨.୧୯ ନିୟୁତ ଟନ୍ ତୁଳନାରେ ୧୩.୧୬ ନିୟୁତ ଟନ୍ ପ୍ରଭାବଶାଳୀ ପଣ୍ୟ ପରିବହନ ରେକର୍ଡ ହାସଲ କରିଛି । ବନ୍ଦରରେ ୯,୬୯,୫୨୮ ମେଟ୍ରିକ ଟନ୍ ବୃଦ୍ଧି ରେକର୍ଡ କରିଛି, ଯାହା ପୂର୍ବ ବର୍ଷର ସମାନ ମାସ ତୁଳନାରେ ୭.୯୫% ଅଭିବୃଦ୍ଧି ହାସଲ କରିଛି, ଯାହା ଭାରତର ପ୍ରମୁଖ ପ୍ରମୁଖ ବନ୍ଦରମାନଙ୍କ ମଧ୍ୟରୁ ଗୋଟିଏ ଏବଂ ଦେଶର ସାମୁଦ୍ରିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଅବଦାନକାରୀ ଭାବରେ ଏହାର ସ୍ଥିତିକୁ ପୁନଃନିର୍ଦ୍ଦିଷ୍ଟ କରିଛି । ଏହି ସଫଳତା ପାରାଦୀପ ବନ୍ଦରର ନିରନ୍ତର କାର୍ଯ୍ୟକ୍ଷମ ଦକ୍ଷତା, ଦୃଢ଼ ପଣ୍ୟ ପରିଚାଳନା କ୍ଷମତା, ବର୍ଦ୍ଧିତ ଲଜିଷ୍ଟିକ୍ସ ସମନ୍ୱୟ ଏବଂ ବନ୍ଦର କାର୍ଯ୍ୟକୁ ସୁଗମ ଏବଂ ଦକ୍ଷ କରିବା ପାଇଁ ଏହାର କର୍ମଚାରୀଙ୍କ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି । ଏହି ଉଲ୍ଲେଖନୀୟ ସଫଳତା ପାଇଁ ପାରାଦୀପ ବନ୍ଦର ଅଧକ୍ଷ ଶ୍ରୀ ଏସ.କେ.ପୁରୋହିତ ସମସ୍ତ କର୍ମଚାରୀ ଏବଂ ଅଂଶୀଦାର ମାନଙ୍କର ସମର୍ପଣ, ଦଳଗତ କାର୍ଯ୍ୟ ଏବଂ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ସେ ସମସ୍ତଙ୍କୁ ଅଧିକ କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ନିରନ୍ତର ଅଭିବୃଦ୍ଧି ପାଇଁ ପ୍ରୟାସ ଜାରି ରଖିବାକୁ ଉତ୍ସାହିତ କରିଥିଲେ, ଯାହା ଦ୍ୱାରା ବିକାଶ ଭାରତର ଦୃଷ୍ଟିକୋଣ ପ୍ରତି ଅବଦାନ ଏବଂ ଭାରତର ସାମୁଦ୍ରିକ କ୍ଷେତ୍ରକୁ ସୁଦୃଢ଼ କରାଯାଇପାରିବ ।

ଭାଲୁ ଆକ୍ରମଣରେ ବୃଦ୍ଧ ଆହତ

ନୀଳଗିରି, ୦୧/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ଅନ୍ତର୍ଗତ ଧୋବଶିଳା ଗ୍ରାମର ଗୋବିନ୍ଦ ମଲ୍ଲିକ୍ (୮୦) ରବିବାର ସକାଳେ ବିଲକୁ ଯିବାସମୟରେ ଖାଦ୍ୟ ଅନ୍ୱେଷଣରେ ସ୍ୱର୍ଣ୍ଣଚୁଡ ପାହାଡରୁ ଖସିଆସିଥିବା ଏକଭାଲୁ ସକାଳ ହେବାରୁ ଫେରିନପାରି ଗ୍ରାମ ପାଖ ବିଲରେ ଘୁରିବୁଲୁଥିଲା । ତେବେ ଏହି ଭାଲୁ ହାବୁଡ଼ରେ ଗୋବିନ୍ଦ ପଡିଯିବାରୁ ଭାଲୁଟି ଆକ୍ରମଣ କରିଥିଲା । ଭାଲୁ ଆକ୍ରମଣରେ ତାଙ୍କ ପଛପଟ ପିଚାରେ ଗଭୀର ଆଘାତ ଲାଗିଥିବା ବେଳେ ଆହତ ଶ୍ରୀ ମଲ୍ଲିକ ଙ୍କୁ ତାଙ୍କ ପରିବାରଲୋକେ ନୀଳଗିରି ମେଡିକାଲରେ ଭର୍ତ୍ତି କରିଛନ୍ତି ।

କଳିଙ୍ଗ ମଡେଲ ଆବାସିକ ବିଦ୍ୟାଳୟକୁ ବର୍ଷେ ନପୁରୁଣୁ ଛାତରୁ ଖସିଲା ପ୍ଲାଷ୍ଟର: ସ୍ଥାୟିତ୍ୱକୁ ନେଇ ଉଠିଲା ପ୍ରଶ୍ନବାଚୀ



ନୀଳଗିରି , ୦୧/୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ପିଠାହତା ପଞ୍ଚାୟତ ଝରଣାଘାଟି ଠାରେ ୨୦୨୫ ମସିହା ନଭେମ୍ବର ୨୩ତାରିଖରେ କଳିଙ୍ଗମଡେଲ ନାମରେ ଏକ ନୂତନ ଆବାସିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ହୋଇଥିଲା । ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ୨ଶହ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ମାତ୍ର ଏହି ନବନିର୍ମିତ ବିଦ୍ୟାଳୟକୁ ଏକବର୍ଷ ନପୁରୁଣୁ ବିଲ୍ଡିଙ୍ଗର ବିଭିନ୍ନ ସ୍ଥାନରେ କଂକ୍ରିଟ ଖସିଥିବା ଦେଖିବାକୁ ମିଳିଛି । ଉପରମହଲାର କ୍ଲାସ ରୁମ୍ ନଂ ୭ ଓ ୧୪ ନିକଟସ୍ଥ ଛାତରେ ପ୍ଲାଷ୍ଟର ଖସି ରଡ ଦେଖାଯାଉଥିବା ବେଳେ ବିଲ୍ଡିଙ୍ଗର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏପରିକି ଏକାଡେମିକ ବିଲ୍ଡିଙ୍ଗରେ ମଧ ବିଭିନ୍ନ ସ୍ଥାନରେ କଂକ୍ରିଟ ଖସିବାସହିତ ପାଣିସକ୍ କରି ରଙ୍ଗଛାଡ଼ି ବେରଙ୍ଗି ହୋଇଥିବା ପରିଲକ୍ଷିତ ହୋଇଛି । ବିଲ୍ଡିଙ୍ଗର ଏପରି ଅବସ୍ଥାକୁ ଦେଖି ଉକ୍ତ ଆବାସିକ ବିଦ୍ୟାଳୟରେ ପଢୁଥିବା ଅନ୍ତେବାସୀଙ୍କ ପିତାମାତା ଏବେ ଦ୍ୱନ୍ଦରେ । ସେମାନଙ୍କର ପିଲାମାନଙ୍କର ଜୀବନପ୍ରତି ବିପଦକୁ ଆଖିଆଗରେ ରଖି, ପିଲାଙ୍କୁ ଉକ୍ତ ଅନୁଷ୍ଠାନରେ ପଢ଼ାଇବା ପାଇଁ ଉଚିତ୍ ମଣୁନଥିବା କିଛି ଅଭିଭାବକ ନାମ ଗୋପନରଖି ଅଭିଯୋଗକରିଥିବା ଜଣାଯାଇଛି । ଏନେଇ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କର ଏଥିରେ କୌଣସି ଭୂମିକା ନଥିବା ଦର୍ଶାଇଥିଲେ । ଏଥିସହ ପ୍ରାୟ ଏକବର୍ଷ ବିତିବାକୁ ଯାଉଥିଲେ ହେଁ ଏପର୍ଯ୍ୟନ୍ତ ମଧ୍ୟାହ୍ନଭୋଜନ ମିଳିନଥିବା ଶୁଣିବାକୁ ମିଳିଛି । ଲକ୍ଷଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ଯେଉଁ ଉଦ୍ଦେଶ୍ୟରେ ଏହି ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା ତାହା କେତେଦୂର ସଫଳ ହୋଇଛି, ଏହି ବିଲ୍ଡିଙ୍ଗକୁ ଲକ୍ଷ୍ୟକଲେ ଜଣାପଡ଼ିବ । ପିଲାଙ୍କ ଭବିଷ୍ୟତ ସହ ଖେଳଖେଳୁଥିବା ନିର୍ମାଣକାରୀ ସଂସ୍ଥା ଏବଂ ଠିକାଦାରଙ୍କୁ ତୁରନ୍ତ କଳାତାଲିକା ଭୁକ୍ତ କରିବାସହିତ ତଦନ୍ତ ପୂର୍ବକ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

ଲୋକଙ୍କ ଅଭିଯୋଗ ଶୁଣିଲେ ସ୍ୱାସ୍ଥ୍ୟମନ୍ତ୍ରୀ


ଭୁବନେଶ୍ୱର, ୦୧/୧୧ (ନି.ପ୍ର): ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ଆଜି ନଅଗାଁ(ଖ) ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ଲୋଇସିଂହା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ଆସିଥିବା ଜନସାଧାରଣଙ୍କ ଅଭିଯୋଗ ଶୁଣିଛି । ସେମାନଙ୍କ ଅଭିଯୋଗର ଯଥାଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛି ।

ଖୋର୍ଦ୍ଧାରେ ୪୦ ହଜାର ଟଙ୍କା ସାଇବର ଠକେଇ: ପୋଲିସର କାର୍ଯ୍ୟାନୁଷ୍ଠାନ ଦାବି

ଖୋର୍ଦ୍ଧା , ୦୧/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଖୋରଧା ଆଦର୍ଶ ଥାନା ଗାନ୍ଧୀନଗର, ଓ୍ୱାର୍ଡ ନମ୍ବର ୫ ଖୋର୍ଦ୍ଧା ପୌରପରିଷଦ ଅଞ୍ଚଳର ପୂର୍ବତନ ନାଭାଲ ଅଧିକାରୀ ଶ୍ରୀଯୁକ୍ତ ସରୋଜ କୁମାର ମଙ୍ଗରାଜ, ପିତା ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ମଙ୍ଗରାଜ, ବରିଷ୍ଠ ସାମ୍ବାଦିକଙ୍କ ପୁଅ ର ଆକାଉଣ୍ଟ ରୁ କେହି ଦୃବୃତ ଅତି ଚତୁରତା ଦୁଇଟି ପରଜ୍ୟାୟକ୍ରମେ ରେ ୪୦ ହଜାର ନେ୍ଇ ଯାଇଛନ୍ତି । ଅଭିଯୋଗ ଅନୁଯାୟୀ ଗାନ୍ଧୀନଗର ର ସରୋଜଙ୍କ ଏଚ .ଡି .ବି .ଏସ. ବାଙ୍କ ଖୋର୍ଦ୍ଧା ଶାଖାରୁ ଗତ ଅକ୍ଟୋବର ୨୬,୧୦, ୨୦୨୬ ଅପରାହ୍ନ ପ୍ରଥମେ ୧୦ ହଜାର ଟଙ୍କା ତାପରେ ତା ପରେ ୩୦ ହଜାର ଲୁଟି ନେଉଛନ୍ତି । ସାଇବର୍ କେସ ଜାଣିବା ପରେ ଫୋନ୍ କରି ଖୋର୍ଦ୍ଧା ଟାଉନ ଖୋଲା ଯାଇଥିବା ସାଇବର ଥାନା କୁ ଫୋନ୍ ରେ ଜଣାଇ ଦିଆ ଯିବା ସହ ଏକ ଲିଖିତ ଅଭିଯୋଗ ସାଇବର ଥାନା ଅଧିକାରୀ ଶ୍ରୀଯୁକ୍ତ ରବିନାରାୟଣ ଭଞ୍ଜ (ଓ. ପି .ଏସ.) ଙ୍କୁ ଦେଖା କରି ଦେଇଥିଲେ । ବାଙ୍କ ରୁ ଏକ ଷ୍ଟେ ମେଣ୍ଟ ବାହାରକରି ଯୋଗାଇ ଦେଇଥିଲେ, ଉକ୍ତ ବାଙ୍କ ରିପୋର୍ଟ ରେ ଟଙ୍କା କିଏ କେଉଁ ରାଜ୍ୟର ନେଇଛି ଜଣା ଯାଇଥିଲା । ଘଟଣା ବିହିତ ତଦନ୍ତ କରି ଦୋଷୀକୁ ଧରି ତା ଠାରୁ ୪୦ ହଜାର ଟଙ୍କା ଆଦାୟ କରିବା କୁ ଅନୁରୋଧ କରି ଥିଲେ । ଯାହାକି ଖୋର୍ଦ୍ଧା ସାଇବର ଥାନା ଓ ଟାଉନ ଥାନା ଧନ୍ୟ ବାଦ ପାତ୍ର ହେବେ । ତାଙ୍କ କହିବନୁଯାୟୀ ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ଶ୍ରୀଯୁକ୍ତ ରମେଶ ଦେବତା ଙ୍କୁ ଦେଖା କରି ଅବିକଳ ନକଲ ଦିଆ ଯାଇ ଅନୁରୋଧ କରି ଯାଇ ଥିଲା । ସେ ମହାଶୟ ଦେଖିବା ଓ ଧରିବା ପ୍ରତିଶ୍ରୁତି ଦେଇଥିଲେ । ଜେନେରାଲ ପୋଲିସ ଓ ଡିଫେନ୍ସ ଷ୍ଟାଫ ପରଶ୍ପର୍ ପରିପୂରକ । ଆଶା ଉକ୍ତ ସାଇବର ଠକେଇ ଅଭିଯୋଗ କାର୍ଯ୍ୟ କାରି ହେଲେ ଉକ୍ତ ଅବସର ପ୍ରାପ୍ତ ନାଭାଲ ଅଧିକାରୀ ଉପକୃତ ହେବେ ।

ଜଳେଶ୍ୱର ଦୁଷ୍କର୍ମ ଓ ହତ୍ୟା ଘଟଣା: ପୀଡ଼ିତା ପରିବାରକୁ ଭେଟି ସମବେଦନା ଜଣାଇଲେ ବିଜେଡି ପ୍ରତିନିଧି ଦଳ

ନବୀନ ପଟ୍ଟନାୟକଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କାର ସହାୟତା ପ୍ରଦାନ



ଜଳେଶ୍ୱର, ୦୧/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ ଘଟିଥିବା ଚାଞ୍ଚଲ୍ୟକର ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ସାରା ରାଜ୍ୟରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି । ଏହି ମର୍ମନ୍ତୁଦ ଘଟଣାରେ ଶୋକସନ୍ତପ୍ତ ପୀଡ଼ିତା ପରିବାର ପ୍ରତି ସମବେଦନା ଜଣାଇବା ସହ ସେମାନଙ୍କ ପାଖରେ ଛିଡ଼ା ହୋଇଛି ବିଜୁ ଜନତା ଦଳ । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ଏକ ଉଚ୍ଚସ୍ତରୀୟ ବିଜେଡି ପ୍ରତିନିଧି ଦଳ ପୀଡ଼ିତାଙ୍କ ବାସଭବନରେ ପହଞ୍ଚିଥିଲେ । ଏଥିରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର,ରାଜ୍ୟ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ବାଲେଶ୍ୱର ଜିଲ୍ଲା ମହିଳା ସଭାପତି ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ପରିଷଦ ଉପ ସଭାପତି ଅନୁସୟା ପ୍ରଧାନ, ବ୍ଲକ ଅଧକ୍ଷ ମାନସ କୁମାର ଜେନା, ମ୍ୟୁନିସିପାଲଟି ଅଧକ୍ଷ ପ୍ରତୀପ କୁମାର ପ୍ରଧାନଙ୍କ ସମେତ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ସାମିଲ ଥିଲେ ।ନେତୃବୃନ୍ଦ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା ସହିତ ଶ୍ରୀ ପଟ୍ଟନାୟକଙ୍କ ପକ୍ଷରୁ ପରିବାରକୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି । ଏହି ଅବସରରେ ବିଧାୟକ ଅଶ୍ୱିନୀ ପାତ୍ର ଓ କାର୍ଯ୍ୟକାରୀ ସଭାପତି ଶ୍ରୀ ମଙ୍ଗରାଜ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏହି ବର୍ବରୋଚିତ କାଣ୍ଡ ଅତ୍ୟନ୍ତ ନିନ୍ଦନୀୟ ତଥା ଅମାନବୀୟ ।ଦୋଷୀମାନଙ୍କୁ କଠୋରରୁ କଠୋର ଦଣ୍ଡ ନମିଳିବା ଏବଂ ପୀଡ଼ିତା ପରିବାରକୁ ପୂର୍ଣ୍ଣ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିଜେଡି ଚୁପ୍ ବସିବ ନାହିଁ । ଉଭୟ ରାଜରାସ୍ତାରୁ ଆରମ୍ଭ କରି ଆଇନଗତ ସ୍ତର ପର୍ଯ୍ୟନ୍ତ ଦଳ ଲଢ଼େଇ ଜାରି ରଖିବ । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ତୁରନ୍ତ ତଦନ୍ତ ପ୍ରକ୍ରିୟା ଶେଷ କରି ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ଜୋର ଧରିଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ସିଇସି ଜ୍ଞାନେଶ...

ସବୁଠୁ ଅଧିକ ଚର୍ଚ୍ଚାରେ ରହିଥିଲା ମମତା ବାନାର୍ଜୀଙ୍କ ଭାଷଣ । ମଞ୍ଚରୁ ସିଧାସଳଖ ଝଓଜ ପ୍ରକ୍ରିୟାକୁ ନିଶାନା କରିଥିଲେ ମମତା । ତାଙ୍କ କହିବା ଅନୁଯାୟୀ, ବଙ୍ଗାଳ ଝଓଜର ଶିକାର ହୋଇଛି । ଏଭଳି ପ୍ରକ୍ରିୟାକୁ ପଶ୍ଚିମବଙ୍ଗବାସୀ ଚୁପ୍‌ଚାପ୍ ସହିବେ ନାହିଁ । ଗଣତନ୍ତ୍ରର ସୁରକ୍ଷା ଏବଂ ଲୋକଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରହିବ ବୋଲି ସେ ଦୃଢ଼ ଭାବେ କହିଥିଲେ । ଏହାସହ ବିଜେପିକୁ ମଧ କଡ଼ା ଭାଷାରେ ସମାଲୋଚନା କରିଥିଲେ ମମତା । ବିଜେପି ସହ ରହିଲେ ସମସ୍ତଙ୍କ ବିନାଶ ହେବ ବୋଲି କହି ବିରୋଧୀଙ୍କ ଏକତାର ବାର୍ତ୍ତା ଦେଇଥିଲେ ମମତା । ତାଙ୍କ ଭାଷଣରେ ଭୋଟରଙ୍କ ଅଧିକାର, ଗଣତନ୍ତ୍ରର ସୁରକ୍ଷା ଏବଂ ରାଜନୈତିକ ଲଢ଼େଇର ସ୍ୱର ସ୍ପଷ୍ଟ ସ୍ପଷ୍ଟ ବାରି ହେଉଥିଲା । କେବଳ ଝଓଜ ବିରୋଧ ନୁହେଁ, ଏହି ମଞ୍ଚରୁ ନିର୍ବାଚନ କମିଶନଙ୍କ ଭୂମିକାକୁ ନେଇ ମଧ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି ସେମାନେ । ନିର୍ବାଚନୀ ପ୍ରକ୍ରିୟାରେ ନିରପେକ୍ଷତା ଏବଂ ସ୍ୱଚ୍ଛତା ରକ୍ଷା କରିବା ନିର୍ବାଚନ କମିଶନଙ୍କ ଦାୟିତ୍ୱ ବୋଲି ଯୁକ୍ତି ରଖିଛନ୍ତି ବିରୋଧୀ ନେତା । ଅନ୍ୟପଟେ, ରାଲିରେ ନେହା ବୁରାଙ୍କ ବିରୋଧ ପ୍ରଦର୍ଶନର ଅନ୍ଦାଜ ମଧ ଚର୍ଚ୍ଚାର ବିଷୟ ପାଲଟିଥିଲା । ତେବେ ଝଓଜକୁ ନେଇ ଏହି ରାଜନୈତିକ ଲଢ଼େଇ ଆଗକୁ କେଉଁ ମୋଡ଼ ନେବ, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ । ଗୋଟିଏ ପଟେ ବିରୋଧୀଙ୍କ ଭୋଟର ଅଧିକାର ଓ ନିର୍ବାଚନୀ ସ୍ୱଚ୍ଛତାର ଦାବି, ଅନ୍ୟପଟେ ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟା । ଏହାରି ଭିତରେ ଦେଶର ରାଜନୈତିକ ମାହୋଲ ହୋଇଛି ଉଷ୍ମ । ତେବେ ଏହି ବିବାଦର ଅନ୍ତ କେବେ ଓ କେମିତି ହେବ, ତାହା ଉପରେ ଏବେ ସମସ୍ତଙ୍କ ନଜର । କାରଣ ଗଣତନ୍ତ୍ରରେ ଭୋଟ୍ କେବଳ ଏକ ଅଧିକାର ନୁହେଁ, ଏହା ହେଉଛି ଜନସାଧାରଣଙ୍କ ସ୍ୱର ।

ବାତ୍ୟା ଅର୍ଣ୍ଣବ ଓ ବନ୍ୟା ...

ଗଜପତି ଓ କନ୍ଧମାଳର ପରିସ୍ଥିତି ଜାଣିବା ପାଇଁ ଏକ କେନ୍ଦ୍ରୀୟ ଇଣ୍ଟର-ମିନିଷ୍ଟରିଆଲ୍ କମିଟି ଓଡିଶା ଗସ୍ତ କରିବେ । ୩୩% ଓ ତା'ଠାରୁ ଅଧିକ ଫସଲ ହାନି ହୋଇଥିବା ସମସ୍ତ ଚାଷୀଙ୍କୁ ସର୍ବାଧିକ ୨ ହେକ୍ଟର ପର୍ଯ୍ୟନ୍ତ ଇନ୍‌ପୁଟ୍ ସବସିଡି ପ୍ରଦାନ କରାଯିବ । ଅଣ-ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଅଞ୍ଚଳରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ସହାୟତା ଦିଆଯିବ । ବାରମାସୀ ଫସଲ ପାଇଁ ସର୍ବନିମ୍ନ ଇନ୍‌ପୁଟ ସହାୟତା ୨୫୦୦ଟଙ୍କା, ଜଳସେଚିତ ଅଞ୍ଚଳ ପାଇଁ ୨୦୦୦ ଟଙ୍କା ଏବଂ ଅଣ-ଜଳସେଚିତ ଅଞ୍ଚଳ ପାଇଁ ସବନିମ୍ନ ୧୦୦୦ ଟଙ୍କା ଦିଆଯିବ । ଜମିରୁ ବାଲି କିମ୍ବା ପଟୁ ମାଟି ହଟାଇବା ପାଇଁ ହେକ୍ଟର ପିଛା ୧୮,୦୦୦ ଟଙ୍କା ହାରରେ ସହାୟତା ପ୍ରଦାନ କରାଯିବ ଏବଂ ପ୍ରତ୍ୟେକ ଚାଷୀଙ୍କୁ ସର୍ବନିମ୍ନ ସହାୟତା ରାଶି ୨,୨୦୦ ଟଙ୍କା ଦିଆଯିବ । ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ଚାଷୀମାନଙ୍କୁ ୧,୨୦,୦୦୦ ସଂଖ୍ୟକ ଡାଲି ଜାତୀୟ ମିନିକିଟ୍, ୫,୦୦୦ ତୈଳବୀଜ ଏବଂ ୫୦,୦୦୦ ପନିପରିବା ମଞ୍ଜି କିଟ୍ ଦିଆଯିବ । ସର୍ବମୋଟ ୧,୭୫,୦୦୦ ସ୍ୱତନ୍ତ୍ର ମିନିକିଟ୍ ଯୋଗାଇ ଦିଆଯିବ । ଆଖୁ ଚାଷ ହେଉଥିବା ୨,୦୦୦ ହେକ୍ଟର ପ୍ରଭାବିତ ଅଞ୍ଚଳରେ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ସ୍ପେସ୍ ଟ୍ରାନ୍ସପ୍ଲାଣ୍ଟିଂ ପଦ୍ଧତି ପ୍ରଦର୍ଶନ ପାଇଁ ହେକ୍ଟର ପିଛା ୨୭,୫୦୦ ଟଙ୍କା କିମ୍ବା ରେଟୁନ୍ ଫସଲ ପରିଚାଳନା ପାଇଁ ହେକ୍ଟର ପିଛା ୧୨,୫୦୦ ଟଙ୍କା ହାରରେ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ । ରବି ଋତୁ ୨୦୨୬-୨୭ ସମୟରେ କୀଟନାଶକ ଏବଂ ଜୈବ-କୀଟନାଶକ ଉପରେ ୭୫% ସବସିଡିର ବ୍ୟବସ୍ଥା କରାଯିବ । ଯେଉଁଠାରେ ୩୩% କିମ୍ବା ତା'ଠାରୁ ଅଧିକ ଫସଲ ହାନି ହୋଇଛି, ସେଠାରେ ଇଚ୍ଛୁକ ଚାଷୀମାନଙ୍କ ପାଇଁ ସ୍ୱଳ୍ପମିଆଦୀ ଖରିଫ ଋଣକୁ ମଧ୍ୟମ ମିଆଦି ଋଣରେ ପରିଣତ କରାଯିବ । ଚଳିତ ରବି ଋତୁରେ ସର୍ବାଧିକ ସଂଖ୍ୟକ ଭାଗଚାଷୀ,ଭୂମିହୀନ ଚାଷୀ କିମ୍ବା ମୌଖିକ ଚୁକ୍ତିରେ ଚାଷ କରୁଥିବା ଚାଷୀଙ୍କୁ ଋଣ ପ୍ରଦାନ କରିବା ପାଇଁ ଜଏଣ୍ଟ ଲାଏବିଲିଟି ଗ୍ରୁପ୍ ଗଠନ କରାଯିବ । ଯେଉଁ ଘର ଗୁଡିକ ସମ୍ପୂର୍ଣ୍ଣ କିମ୍ବା ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି, ସେଠାରେ ସମତଳ ଅଞ୍ଚଳ ପାଇଁ ୧,୨୦,୦୦୦ ଟଙ୍କା ଏବଂ ପାର୍ବତ୍ୟ ଅଞ୍ଚଳ ପାଇଁ ୧,୩୦,୦୦୦ ଟଙ୍କା ହିସାବରେ ସହାୟତା ମିଳିବ । ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬୫୦୦ ଟଙ୍କା ଏବଂ ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪୦୦୦ ଟଙ୍କା ସହାୟତା ଦିଆଯିବ । କ୍ଷତିଗ୍ରସ୍ତ କୁଡ଼ିଆ ଘର ପାଇଁ ୮୦୦୦ଟଙ୍କା ଓ ଗୁହାଳ ପାଇଁ ୩,୦୦୦ ଟଙ୍କା ସହାୟତା ମିଳିବ । ଯେଉଁ ପରିବାରଗୁଡ଼ିକର ଘର ଭାସି ଯାଇଛି କିମ୍ବା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି କିମ୍ବା ଦୁଇ ଦିନରୁ ଅଧିକ ସମୟ ଧରି ଜଳମଗ୍ନ ହୋଇ ରହିଛି, ସେହି ପରିବାରଗୁଡ଼ିକୁ ପୋଷାକ ପତ୍ର ପାଇଁ ୨,୫୦୦ ଟଙ୍କା ଏବଂ ବାସନକୁସନ ପାଇଁ ୨,୫୦୦ ଟଙ୍କା ସହାୟତା ପ୍ରଦାନ କରାଯିବ । ଗୃହପାଳିତ ପ୍ରାଣୀ ହରାଇଥିବା ଚାଷୀଙ୍କୁ ଦୁଧିଆଳି ଗାଈ ମଇଁଷି ଆଦି ପ୍ରାଣୀର ମୃତ୍ୟୁ ପାଇଁ ୩୭,୫୦୦ ଟଙ୍କା ଏବଂ ମେଣ୍ଢା, ଛେଳି, ଘୁଷୁରି ପାଇଁ ୪,୦୦୦ ଟଙ୍କା ପ୍ରଦାନ କରାଯିବ । ସେହିପରି ଭାରବାହୀ ପଶୁ ଯଥା ଓଟ,ଘୋଡ଼ା,ବଳଦ ଇତ୍ୟାଦି ପାଇଁ ୩୨,୦୦୦ ଟଙ୍କା ଏବଂ ଛୋଟ ଭାରବାହୀ ପଶୁ ଯଥା ବାଛୁରୀ,ଗଧ, ଟଟୁ ଘୋଡ଼ା,ଖଚର ଆଦି ପାଇଁ ୨୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ । କୁକୁଡ଼ା ପିଛା ୧୦୦ ଟଙ୍କା ଭାବରେ ସର୍ବାଧିକ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ । ୧,୦୦୦ ଜଣ ଚାଷୀଙ୍କୁ ଛେଳି କିମ୍ବା ବଳଦ ଆଦି ଯୋଗାଇ ଦେବାରେ ସହାୟତା କରିବା ପାଇଁ ସବସିଡି ପ୍ରଦାନ କରାଯିବ । ପ୍ରଭାବିତ ଅଞ୍ଚଳର ୫,୦୦୦ ଜଣ ଦୁଗ୍ଧ ଚାଷୀଙ୍କୁ ସହାୟତା କରିବା ପାଇଁ ପ୍ରାଣୀ ପିଛା ୧୦୦ କିଲୋଗ୍ରାମ ହିସାବରେ ସର୍ବାଧିକ ୫୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଗୋ-ଖାଦ୍ୟ ଯୋଗାଇ ଦିଆଯିବ । ୭୦ ପ୍ରତିଶତରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ୨୦୦ କୁକୁଡ଼ା ଫାର୍ମକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ପୁନରୁଦ୍ଧାର ପାଇଁ ସହାୟତା ପ୍ରଦାନ କରାଯିବ । ପ୍ରଭାବିତ ରେଶମ ଚାଷୀମାନଙ୍କ ମଧ୍ୟରୁ ଏରି, ମଲବେରୀ, ଟସର ଚାଷୀଙ୍କୁ ହେକ୍ଟର ପିଛା ୬,୦୦୦ ଟଙ୍କା ଏବଂ ମୁଗା ଚାଷୀଙ୍କୁ ହେକ୍ଟର ପିଛା ୭୫୦୦ ଟଙ୍କା ଇନପୁଟ ସହାୟତା ଦିଆଯିବ । ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ପାଳନ ଗୃହଗୁଡ଼ିକ ପାଇଁ ପ୍ରଭାବିତ ରେଶମ ଚାଷୀମାନଙ୍କୁ ୧,୭୫,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହା ସହିତ ଓଡ଼ିଶା ଉଠା ଜଳସେଚନ ନିଗମ, ସମସ୍ତ ପ୍ରଭାବିତ ଗ୍ରାମଗୁଡ଼ିକରେ ପ୍ରାଥମିକତା ଭିତ୍ତିରେ ଉଠା ଜଳସେଚନ ପଏଣ୍ଟଗୁଡ଼ିକର ମରାମତି ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ । ରବି ଋତୁ ପୂର୍ବରୁ ସମସ୍ତ ଉଠା ଜଳସେଚନ ପଏଣ୍ଟଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ତୁରନ୍ତ ମରାମତି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଜେଲ୍ ଡିଜି ସୁଶାନ୍ତ ନାଥଙ୍କ...

ଆସନ୍ତା ନଭେମ୍ବର ୩ ତାରିଖରେ ଉଭୟ ଅଧିକାରୀ କମିଟି ଆଗରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ରାଜ୍ୟର ବିଭିନ୍ନ ଜେଲ୍‌ରେ କଏଦୀମାନଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ଅଭିଯୋଗ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବାଲିଅନ୍ତା ସୌମ୍ୟ...

ସୂଚନା ଅନୁସାରେ, ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଅଞ୍ଚଳରେ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ଆକ୍ରମଣ କରାଯାଇଥିଲା । ତାଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ଘଟଣାର ଗମ୍ଭୀରତାକୁ ଦେଖି ତଦନ୍ତ ଭାର ନେଇଥିବା କ୍ରାଇମବ୍ରାଞ୍ଚ ଏହାର ଛାନଭିନ୍ ଜାରି ରଖିଛି । ଏବେ ଚିନ୍ମୟ ମହାନ୍ତିଙ୍କ ଗିରଫଦାରୀ ପରେ ମାମଲାର ତଦନ୍ତ କେଉଁ ଦିଗକୁ ଯାଉଛି ଏବଂ ଆଗକୁ ଆଉ କେଉଁ ତଥ୍ୟ ସାମ୍ନାକୁ ଆସୁଛି, ତାହା ଉପରେ ନଜର ରହିଛି ।

ଇରାନକୁ ନେଇ...

ଯଦି ଇରାନ ଉପରେ ପୁଣି କୌଣସି ସାମରିକ କିମ୍ବା ଆତଙ୍କବାଦୀ ଆକ୍ରମଣ ହୁଏ, ତେବେ ତୁରନ୍ତ, ପ୍ରଭାବଶାଳୀ ଓ ଭୌଗୋଳିକ ସୀମାରେ ସୀମିତ ନ ଥିବା ପ୍ରତିକ୍ରିୟା ଦେବାକୁ ସେ ଇରାନୀ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଆମେରିକା ଓ ଇସ୍ରାଏଲର ସମସ୍ତ ପ୍ରମୁଖ ଟାର୍ଗେଟକୁ ନୂଆ ଟାର୍ଗେଟ୍ ତାଲିକାରେ ସାମିଲ କରିବାକୁ ମଧ କହିଛନ୍ତି । ଖାମେନେଇ ଇରାନର ସଶସ୍ତ୍ର ବାହିନୀକୁ ଅଧିକ ଗୋଳାବାରୁଦ ଓ ଅସ୍ତ୍ର ଉତ୍ପାଦନ ବଢ଼ାଇବା, ସାମରିକ ଗୁପ୍ତଚର ବ୍ୟବସ୍ଥା ସୁଦୃଢ଼ କରିବା ଏବଂ ସ୍ୱଦେଶୀ ପ୍ରତିରକ୍ଷା କ୍ଷମତା ବଢ଼ାଇବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ଉଭୟ ପକ୍ଷରୁ ଚାଲିଥିବା ଏହି ଶବ୍ଦଯୁଦ୍ଧ ପଶ୍ଚିମ ଏସିଆରେ ତିବ୍ର ଉତ୍ତେଜନା ସୃଷ୍ଟି କରିଛି । ଏପରି ସମୟରେ ଏକ ରିପୋର୍ଟରେ ଦାବି କରାଯାଇଛି ଯେ ନଭେମ୍ବର ୩ର ଆମେରିକୀୟ ମଧ୍ୟାବଧି ନିର୍ବାଚନ ପରେ ଇରାନ ଉପରେ ପୁଣି ଆକ୍ରମଣ ଆରମ୍ଭ ହୋଇପାରେ । କିନ୍ତୁ ଆମେରିକାର ବିଦେଶମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି ଯେ ନୂଆ ଆକ୍ରମଣ ନେଇ ଟ୍ରମ୍ପ ଏପର୍ଯ୍ୟନ୍ତ କୌଣସି ଅନ୍ତିମ ନିଷ୍ପତ୍ତି ନେଇନାହାନ୍ତି ଏବଂ କୂଟନୈତିକ ସମାଧାନର ଦ୍ୱାର ଖୋଲା ଅଛି । ଟ୍ରମ୍ପ ମଧ କହିଛନ୍ତି ଯେ ଇରାନ ସହ ଆଲୋଚନା ଚାଲିଛି, ଯଦିଓ ତେହରାନ୍ ?ର ବିଶ୍ୱସନୀୟତାକୁ ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି । ଏହାସହ ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି , ଏହି ଚେତାବନୀ କେବଳ ରାଜନୈତିକ ଚାପ ସୃଷ୍ଟି ପାଇଁ, ନାକି ଆଗାମୀ ଦିନରେ ଇରାନ ଉପରେ ଆମେରିକା ପୁଣିଥରେ ସାମରିକ କାର୍ଯ୍ୟାନୁଷ୍ଠାନ ନେବ ? ଏହାର ଉତ୍ତର ଉପରେ ପଶ୍ଚିମ ଏସିଆର ଆଗାମୀ ସୁରକ୍ଷା ପରିସ୍ଥିତି ବହୁ ଅଂଶରେ ନିର୍ଭର କରିବ ।

ରୁଷର ତୈଳ ବିଶୋଧନାଗାର ...

ଟାର୍ଗେଟ୍ କରିଛି । ଏହା ପୂର୍ବରୁ ମଧ ୟୁକ୍ରେନ୍ ରୁଷର ତିନୋଟି ତୈଳ ବିଶୋଧନାଗାର ଏବଂ ଗୋଟିଏ ଗ୍ୟାସ୍-କେମିକାଲ୍ କମ୍ପ୍ଲେକ୍ସ ଉପରେ ଆକ୍ରମଣ କରିଥିବା ସେ ଦାବି କରିଛନ୍ତି । ୨୦୨୨ ଫେବୃଆରୀରୁ ଚାଲିଥିବା ରୁଷ-ୟୁକ୍ରେନ୍ ଯୁଦ୍ଧରେ ଶକ୍ତି ଭିତ୍ତିଭୂମି ଏବେ ଉଭୟ ପକ୍ଷର ମୁଖ୍ୟ ଟାର୍ଗେଟ୍ ପାଲଟିଛି । ରୁଷର ତୈଳ ବିଶୋଧନାଗାର ଓ ଶକ୍ତି ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ୍ କରି ୟୁକ୍ରେନ୍ ରୁଷର ଆର୍ଥିକ ଓ ଶକ୍ତି କ୍ଷମତାକୁ ଦୁର୍ବଳ କରିବାକୁ ରଣନୀତି ଆପଣାଇଛି । ଅନ୍ୟପଟେ, ଏହି ଆକ୍ରମଣଗୁଡ଼ିକ ଯୋଗୁଁ ବିଶ୍ୱ ବଜାରରେ ଡିଜେଲ୍ ଦର ବୃଦ୍ଧି ପାଉଥିବା ନେଇ ଚିନ୍ତା ପ୍ରକାଶ କରିଛି ଆମେରିକା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ କିଛି ସପ୍ତାହ ଧରି ଏପରି ଆକ୍ରମଣ ବନ୍ଦ କରିବାକୁ କିଭ୍ ଉପରେ ଚାପ ପକାଇ ଆସୁଛନ୍ତି । ତେବେ ରୁଷର ଶକ୍ତି ଭିତ୍ତିଭୂମି ଉପରେ ୟୁକ୍ରେନର ଏହି ଆକ୍ରମଣ ଯୁଦ୍ଧର ଗତି କେଉଁ ଦିଗକୁ ନେବ, ତାହା ଏବେ ଦେଖିବାକୁ ବାକି ରହିଲା ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ନିରାପଦ ପ୍ରତିଷ୍ଠାନର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଭଦ୍ରକ , ୦୧/୧୧ (ନି.ପ୍ର): ଗୁଜରାଟୀ ଭବନ ପରିସରରେ 'ନିରାପଦ ପ୍ରତିଷ୍ଠାନ'ର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି, ଏହି ଅବସରରେ ଭଦ୍ରକ ବିଧାୟକ ସିତାଂସୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟବୃନ୍ଦଙ୍କୁ ଶୁଭେଚ୍ଛା ଜଣାଇବା ସହ ଆର୍ଥିକ ଅନଗ୍ରସର ଓ ଆଦିବାସୀ ବର୍ଗର ଯୁବକ-ଯୁବତୀଙ୍କୁ ଶିକ୍ଷା, ଶାରୀରିକ ପ୍ରଶିକ୍ଷଣ ଏବଂ ଅଗ୍ନିବୀର ଭାବେ ଦେଶର ସେନାବାହିନୀରେ ଯୋଗଦେବା ପାଇଁ ପ୍ରସ୍ତୁତ କରିବାର ଏହି ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ,ଯୁବଶକ୍ତିର ସଶକ୍ତୀକରଣ ହିଁ ରାଷ୍ଟ୍ରର ସଶକ୍ତୀକରଣ ।ନିରାପଦ ପ୍ରତିଷ୍ଠାନର ଏହି ସେବା ଓ ସମର୍ପଣର ଯାତ୍ରା ଆଗାମୀ ଦିନରେ ଆହୁରି ସଫଳ ହେଉ ବୋଲି ପ୍ରକାଶ କରିଥିଲେ। ଏହି ଉତ୍ସବ ରେ ଭଦ୍ରକ ଏସ୍‌ପିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇଥିଲେ।



ବିଶାଳ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ପଞ୍ଚ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ



ବୈଶିଙ୍ଗା , ୦୧/୧୧ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଐତିହାସିକ ହାତିପତୁକା ଯଜ୍ଞ ପଡ଼ିଆରେ ବିଶାଳ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱ ଶାନ୍ତି ପଞ୍ଚମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଅଛି । ଶତାଧିକ କର୍ମୀଙ୍କ ଉପସ୍ଥିତିରେ ସଂଜୀବ କୁମାର ପଣ୍ଡା ଯଜ୍ଞର ମାର୍ଗଦର୍ଶନ ଦେଇଥିଲେ , ରାଜେନ୍ଦ୍ର ପ୍ରସାଦ ବିନ୍ଧାଣୀ ମଞ୍ଚ ପରିଚାଳନା କରିଥିଲେ । ଆଗାମୀ ଜାନୁୟାରୀ ୨୪ ରୁ ୨୬ ରିଖ ତିନିଦିନ ଧରି ଘୃତ୍ ଯଜ୍ଞ , ଦୀପ ଯଜ୍ଞ , ଅନ୍ନ ଯଜ୍ଞ , ଜ୍ଞାନ ଯଜ୍ଞ , କଳସ ଯାତ୍ରା , ସଂସ୍କୃତି ସୁରକ୍ଷା , ସ୍ୱାସ୍ଥ୍ୟଶିବିର , ସ୍ୱାବଲମ୍ବୀ , ସ୍ୱଦେଶୀ ଆଧାର ଓ ପରିବେଶ ସୁରକ୍ଷା ଆଦି କାର୍ଯ୍ୟକ୍ରମ କରାଯିବା ପାଇଁ ପ୍ରସ୍ତୁତି କରାଗଲା । ଏହାକୁ ପରିଚାଳନା କରିବା ପାଇଁ ଏକ କମିଟି ଗଠନ କରାଗଲା । ସଭାପତି ସଞ୍ଜୟ କୁମାର ସାହୁ , ଉପସଭାପତି ରାମଜିତ ମୁର୍ମୁ , ଅର୍ଜୁନ ପାଣି ସମ୍ପାଦକ ଅଶୋକ କୁମାର ବେହେରା , କୋଷାଧ୍ୟକ୍ଷ ବିଶ୍ୱଜିତ୍ ନନ୍ଦୀ ଓ ଅନ୍ୟମାନଙ୍କୁ ମନୋନୀତ କରାଗଲା । ଆଗାମୀ ତା - ୨୨ -୧୧-୨୬ ରିଖ ସକାଳ ୯ ଘଣ୍ଟା ସମୟରେ ଯଜ୍ଞ ପଡ଼ିଆରେ ଭୂମି ପୂଜନ କରିବା ସହିତ ବୈଠକ କରାଯିବା ପାଇଁ ସ୍ଥିର କରାଗଲା । ଅଶୋକ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ଭୂମିପୂଜନ ରେ ଉପସ୍ଥିତ ହେବା ପାଇଁ ଅନୁରୋଧ କରିଥିଲେ। ସର୍ବଶେଷ ରେ ସୁରଜ କୁମାର ସାହୁ ଶାନ୍ତିପାଠ କରିଥିଲେ ।

ରେଡକ୍ରସ୍ ପାଣ୍ଠି ହଡ଼ପ ଅଭିଯୋଗ: ଭିଜିଲାନ୍ସ ଜାଲରେ ପୂର୍ବତନ ବରିଷ୍ଠ ସହାୟକ

ଭୁବନେଶ୍ୱର, ୦୧/୧୧ (ନି.ପ୍ର):ସରକାରୀ ରେଡକ୍ରସ୍ ପାଣ୍ଠି ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସର ବଡ଼ ଆକ୍ସନ । ୮ ଲକ୍ଷ ୬୩ ହଜାର ୨୦୦ ଟଙ୍କା ହଡ଼ପ ଅଭିଯୋଗରେ ପୂର୍ବତନ ବରିଷ୍ଠ ରାଜସ୍ୱ ସହାୟକ ଶଶିବ ପ୍ରଧାନଙ୍କୁ ଗିରଫ କରିଛି ଭିଜିଲାନ୍ସ। ସେ ବର୍ତ୍ତମାନ ସୁରଡ଼ା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ସୂଚନା ଅନୁସାରେ, ୨୦୨୩ ଡିସେମ୍ବରରୁ ୨୦୨୫ ଅଗଷ୍ଟ ମଧ୍ୟରେ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନିଜାରତ ବିଭାଗରେ ରସିଦ୍ ମାଧ୍ୟମରେ ରେଡକ୍ରସ୍ ପାଣ୍ଠି ପାଇଁ ଅର୍ଥ ଆଦାୟ ହୋଇଥିଲା। ତେବେ ଏହି ଟଙ୍କାକୁ ଛତ୍ରପୁର ଏସବିଆଇ ବ୍ୟାଙ୍କର ନିର୍ଦ୍ଦିଷ୍ଟ ଆକାଉଣ୍ଟରେ ଜମା ନକରି ବ୍ୟକ୍ତିଗତ କାମରେ ଖର୍ଚ୍ଚ କରାଯାଇଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି । ଏନେଇ ଅକ୍ଟୋବର ୩୧, ୨୦୨୬ରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୧୩ରେ ମାମଲା ରୁଜୁ ହୋଇଛି।

ହୋଟେଲ ଓ ଜଳଖିଆ ଦୋକାନରେ ଘରୋଇ ଗ୍ୟାସର ବହୁଳ ବ୍ୟବହାର

ଉପଭୋକ୍ତା ହଇରାଣ ହେଉଥିବା ବେଳେ ଏମାନଙ୍କୁ ଦେଉଛି କିଏ ?

ଉଜ୍ଜ୍ୱଳା ଗ୍ୟାସ ହେରଫେର: ହିତାଧିକାରୀଙ୍କ ଗ୍ୟାସ ଉଠାଇ ନେଉଛି ଦଲାଲ

ବାଲିଆପାଳ, ୦୧/୧୧ (ନି.ପ୍ର): ବାଲିଆପାଳ ବ୍ଲକ ରେ ଏବେ ରନ୍ଧନ ଗ୍ୟାସ ଉପଭୋକ୍ତା ବେଶ ହଇରାଣ ହେଉଛନ୍ତି । ଗତ କିଛିଦିନ ହେବ ଉପଭୋକ୍ତାମାନେ ନିଜର ଗ୍ୟାସ ସିଲିଣ୍ଡର ବୁକିଂ କରିଥିବା ବେଳେ ସେମାନଙ୍କୁ ସିଲିଣ୍ଡର ମିଳୁଛି। ଅନେକ ଜାଗାରେ ଉପଭୋକ୍ତାମାନେ ଗ୍ୟାସ ବିତରକ କେନ୍ଦ୍ର ଆଗରେ ଲାଇନ ଦେଇ ଛିଡା ହେଉଥିବା ଦେଖିବାକୁ ମିଳିଛି । ପ୍ରଶାସନ ରାଜ୍ୟରେ ଗ୍ୟାସ ସିଲିଣ୍ଡର ମହଜୁତ ଥିବା ପ୍ରକାଶ କରୁଥିବା ବେଳେ କେବଳ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ପୁନଃଭରଣ ବନ୍ଦ ଥିବା ଅବଗତ କରାଇଛନ୍ତି ଛି। । କିନ୍ତୁ ଅନେକ ହୋଟେଲ ଓ ଜଳଖିଆ ଦୋକାନରେ ବ୍ୟବସାୟିକ ସିଲିଣ୍ଡର ବ୍ୟବହାର କରିବାର ନିୟମ ଥିବାବେଳେ ସେମାନେ ଘରୋଇ ଗ୍ୟାସ ସିଲିଣ୍ଡର ଖୋଲାଖୋଲି ବ୍ୟବହାର କରୁଛନ୍ତି। ପ୍ରଶ୍ନ ଉଠୁଛି ସେମାନଙ୍କୁ ଏହି ଗ୍ୟାସ ସିଲିଣ୍ଡର ଯୋଗାଇ ଦେଉଛି କିଏ। ସେମାନେ କେଉଁ ଉପଭୋକ୍ତା ନାମରେ ଏହି ଗ୍ୟାସ ସିଲିଣ୍ଡର ବୁକିଂ କରୁଛନ୍ତି । ଅନେକ ହୋଟେଲ ଓ ମିଠା ଦୋକାନରେ ଦିନକୁ ୨ଟି ଗ୍ୟାସ ଓ ମାସକୁ ହାରାହାରି ୬୦ରୁ ଊର୍ଦ୍ଧ୍ୱ ଗ୍ୟାସ ସିଲିଣ୍ଡର ଲାଗୁଥିବା ବେଳେ ବାଲିଆପାଳ ବ୍ଲକରେ ଦୈନିକ ହଜାର ହଜାର ଘରୋଇ ଗ୍ୟାସ ସିଲିଣ୍ଡର ଏମାନଙ୍କୁ ଦେଉଛି କିଏ ବୋଲି ଏବେ ପ୍ରଶ୍ନ ଉଠିଛି। କାର୍ତ୍ତିକ ଇଣ୍ଡିଆନ ଗ୍ୟାସ ଅଫିସ ରେ ଆବେଦନ କରିଥିଲେ। ହେଲେ ଅଫିସ ତରଫରୁ ମହିଳାଙ୍କ କେୱାଇସି ଏବଂ ତାଙ୍କୁ ଗ୍ୟାସ ଦିଆଯାଇଛି ବୋଲି ଫୋଟୋ ଉଠାଗଲା ପରେ ବି ମହିଳାମାନେ ଗ୍ୟାସ, ଚୁଲା ଓ ପାଇପ ପାଇବାରୁ ବଞ୍ଚିତ ଥିଲେ। ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ ନଥିବା ପରିବାରକୁ ସରକାରଙ୍କ ତରଫରୁ ମାଗଣାରେ ଗ୍ୟାସ ସଂଯୋଗ ପ୍ରଦାନ କରାଯାଉଅଛି। ମାତ୍ର ତୃଣମୂଳ ସ୍ତରରେ ମହିଳା ମାନଙ୍କୁ ବର୍ତ୍ତମାନ ଏହି ଯୋଜନାରେ ଗ୍ୟାସ ସଂଯୋଗ ଏବଂ ଗ୍ୟାସ ପୁନର୍ବାର ଭରିବା ପାଇଁ ନାକେଦମ ହେବାକୁ ପଡୁଛି।



ହିତାଧିକାରୀଙ୍କ ଗ୍ୟାସ ସଂଯୋଗ ନମ୍ବର ଅନଲାଇନରେ ଚେକ କରିବାରୁ ଜାଣିବାକୁ ମିଳିଥିଲା ୩୦ଦିନ ପୂର୍ବରୁ ଏହି ମହିଳାଙ୍କ ନାମରେ ଗ୍ୟାସ ଉଠାଯାଇଛି । ବାଲିଆପାଳ, କାଳିପଦା, ଲଙ୍ଗଳେଶ୍ୱର, ସିମୁଳିଆ, ଜାମୁକୁଣ୍ଡା, ମଧୁପୁରା, ଅଂଚଳରେ ବାହାର ରାଜ୍ୟରୁବିଭିନ୍ନ କମ୍ପାନୀରେ କାମ ସେମାନେ କରିବାକୁ ଆସୁଥିବା ଶ୍ରମିକମାନେ ଭଡାରେ ରହି ଜୀବିକା ନିର୍ବାହ କରୁଥିବା ବେଳେ ସେମାନେ ବ୍ୟବହାର କରୁଥିବା ଗ୍ୟାସ ସିଲିଣ୍ଡର ସେମାନଙ୍କୁ ଆଣି ଯୋଗାଉଛି କିଏ ବୋଲି ମଧ୍ୟ ପ୍ରଶ୍ନ ଉଠିଛି । କିଛି ଅସାଧୁ ବ୍ୟବସାୟୀ ଘରୋଇ ଗ୍ୟାସ ସିଲିଣ୍ଡର ଚୋରାରେ ବିକ୍ରି କରି ବେଶ ଭଲ ମୁନାଫା କମାଉଛନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ବ୍ଲକରେ ଘରୋଇ ଗ୍ୟାସ ସିଲିଣ୍ଡର ଯୋଗାଣରେ କିଛି ଦଲାଲ ଜାଣିଶୁଣି ଅଭାବ ସୃଷ୍ଟି କରାଇ ସିଲିଣ୍ଡର ପିଛା ୨୫୦୦ ଟଙ୍କାରେ ବିକ୍ରି କରୁଥିବା ବେଳେ ପ୍ରଶାସନ ଆଖି ବୁଜି ଶୋଇଛି ଏମାନଙ୍କ ପ୍ରତି ଦୃଷ୍ଟି ଦେବା ସାଧାରଣରେ ଦାବି ହେଉଛି ।

ବାରବାଟୀ ମ୍ୟାଚ୍ ପରେ ଓସିଏ ନିର୍ବାଚନ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ଡିସେମ୍ବର ୨୪ରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ମ୍ୟାଚ୍ ଶେଷ ହେବା ପରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ନିର୍ବାଚନ ହେବ । ଏନେଇ ଓସିଏର ସାଧାରଣ ପରିଷଦ ବୈଠକରେ ଆଲୋଚନା ହୋଇଛି । ତେବେ ନିର୍ବାଚନ ପାଇଁ ଏଯାଏଁ ନିର୍ଦ୍ଦିଷ୍ଟ ମାସ କିମ୍ବା ତାରିଖ ଚୂଡ଼ାନ୍ତ ହୋଇନାହିଁ। ଲୋଧା କମିଟିର ନିର୍ଦ୍ଦେଶାବଳୀ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟା ଆଗକୁ ବଢ଼ାଇବା ନେଇ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ନିର୍ବାଚନର ରୂପରେଖ ଏବଂ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ନିୟମାବଳୀକୁ ଧ୍ୟାନରେ ରଖି ନିଷ୍ପତ୍ତି ନିଆଯିବ । ଅନ୍ୟପଟେ, ଓସିଏ ସଦସ୍ୟମାନଙ୍କ ବୈଧତାକୁ ନେଇ ହାଇକୋର୍ଟରେ ଏକ ମାମଲା ବିଚାରାଧୀନ ରହିଛି । ଏହି ଆଇନଗତ ପ୍ରସଙ୍ଗ ମଧ୍ୟ ନିର୍ବାଚନ ପ୍ରକ୍ରିୟାରେ ଗୁରୁତ୍ୱ ରଖୁଛି । ତେଣୁ ସଦସ୍ୟତା ସମ୍ପର୍କିତ ମାମଲାର ସ୍ଥିତି ଏବଂ ଲୋଧା କମିଟିର ନିର୍ଦ୍ଦେଶାବଳୀକୁ ଆଧାର କରି ଆଗାମୀ ନିଷ୍ପତ୍ତି ନିଆଯିବା ନେଇ ଆଲୋଚନା ହୋଇଛି । ବାରବାଟୀ ମ୍ୟାଚ୍ ପରେ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହେବାର ସଙ୍କେତ ମିଳିଥିଲେ ମଧ୍ୟ ତାରିଖ ଘୋଷଣା ହୋଇନାହିଁ ।

ଆଜିଠୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ଶିମିଳିପାଳ : ଦୈନିକ ୬୦ଟି ଗାଡ଼ିକୁ ମିଳିବ ପ୍ରବେଶ ଅନୁମତି

ବାରିପଦା , ୦୧/୧୧ (ନି.ପ୍ର): ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ପାଇଁ ଆଜି ଠାରୁ ବିଶ୍ୱପ୍ରସିଦ୍ଧ ଶିମିଳିପାଳ ଅଭୟା ରଣ୍ୟ ଖୋଲା ଯାଇଛି। ପର୍ଯ୍ୟଟନ ଋତୁ ଆରମ୍ଭ ହେବା ସହ ଶିମିଳିପାଳର ମନୋରମ ପ୍ରାକୃତିକ ପରିବେଶ, ସବୁଜିମା, ଜଳପ୍ରପାତ ଓ ବନ୍ୟପ୍ରାଣୀଙ୍କ ଆକର୍ଷଣକୁ ଉପଭୋଗ କରିବାର ସୁଯୋଗ ପାଇବେ ପର୍ଯ୍ୟଟକ। ପର୍ଯ୍ୟଟକଙ୍କ ସୁବିଧା ଓ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶିମିଳିପାଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରବେଶ ନିୟମାବଳୀ ଜାରି କରାଯାଇଛି। ଦୈନିକ ସର୍ବାଧିକ ୬୦ଟି ଚାରିଚକିଆ ଯାନକୁ ଶିମିଳିପାଳ ଭିତରକୁ ପ୍ରବେଶ ଅନୁମତି ମିଳିବ। ୧୮୦ ମିଲିମିଟର ବା ତାଠାରୁ ଅଧିକ ଗ୍ରାଉଣ୍ଡ କ୍ଲିୟରାନ୍ସ ଥିବା ଗାଡ଼ିକୁ ହିଁ ଏଥିପାଇଁ ପ୍ରବେଶ ଅନୁମତି ଦିଆଯିବ। ଯଶିପୁର କାଳିଆମ୍ପୀ ପ୍ରବେଶ ପଥ ଦେଇ ୩୫ଟି ଏବଂ ବାରିପଦା ପଟୁ ପିଠାବଟା (ଲୁଲୁଙ୍ଗ) ତନଖି ଫାଟକ ଦେଇ ୨୫ଟି ଗାଡ଼ି ପ୍ରବେଶ କରିପାରିବ। ପିଠାବଟା ଫାଟକରେ ସକାଳ ୮ଟାରୁ ୯ଟା ଏବଂ ଯଶିପୁର ଫାଟକରେ ସକାଳ ୫ଟାରୁ ୯ଟା ମଧ୍ୟରେ ପ୍ରବେଶ କରିବାକୁ ହେବ। ସମସ୍ତ ପର୍ଯ୍ୟଟକଙ୍କୁ ସନ୍ଧ୍ୟା ୬ଟା ପୂର୍ବରୁ ପ୍ରସ୍ଥାନ ଫାଟକ ଛାଡ଼ିବା ବାଧ୍ୟତାମୂଳକ। ସେହିପରି



ଶିମିଳିପାଳର ପ୍ରମୁଖ ଆକର୍ଷଣ ଜୋରନ୍ଦା ଓ ବରେହିପାଣି ଜଳପ୍ରପାତ ପରିଦର୍ଶନ କରୁଥିବା ପର୍ଯ୍ୟଟକଙ୍କୁ ଅପରାହ୍ନ ୪ଟା ସୁଦ୍ଧା ସେଠାରୁ ବାହାରିବାକୁ ପଡ଼ିବ। ଅନ୍ୟପକ୍ଷରେ ଶିମିଳିପାଳର ଜଙ୍ଗଲୀ ପରିବେଶକୁ ନିକଟରୁ ଅନୁଭବ କରିବା ପାଇଁ ବିଭାଗ ପକ୍ଷରୁ ଖୋଲା ଜିପ ୱାଇଲ୍ଡଲାଇଫ ସଫାରି ଭ୍ରମଣ ସହ ରାତ୍ରିଯାପନର ସୁବିଧା ମଧ୍ୟ ରହିଛି। କୁମାରୀ, ଗୁଡ଼ଗୁଡ଼ିଆ, ତାଳବନ୍ଧ, ବରେହିପାଣି ଓ ଜାମୁଆଣିଠାରେ କଟେଜ ଗୁଡିକରେ ରାତ୍ରିଯାପନ ପାଇଁ ୱେବସାଇଟ ମାଧ୍ୟମରେ ଆଗୁଆ ଅନଲାଇନ ବୁକିଂ କରିବାକୁ ହେବ । ସେହିପରି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଏଥର ପ୍ରବେଶ ଗେଟ ନିକଟରେ ଏକ ଶିମିଳିପାଳ କାଫେ ଖୋଲାଯାଇଛି। ଏଠାରେ ସ୍ଥାନୀୟ ଖାଦ୍ୟର ସ୍ୱାଦ ସାଙ୍ଗକୁ ବିଭିନ୍ନ ସୁବିଧା ଉପଲବ୍ଧ ହେବ। ଏହାଛଡ଼ା, ପର୍ଯ୍ୟଟକଙ୍କ ସୁବିଧା ପାଇଁ ନିଯୁକ୍ତ ନେଚର ଗାଇଡ ମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି। ସୁପ୍ରିମକୋର୍ଟ ଏବଂ ଏନଟିସିଏ ର ମାର୍ଗଦର୍ଶୀ ନିର୍ଦ୍ଦେଶାବଳୀ ଅନୁଯାୟୀ, ଟାଇଗର ରିଜର୍ଭର କୋର ଏରିଆ ଭିତରେ ମୋବାଇଲ ଫୋନ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ତେବେ ବଫର ଏବଂ ପେରିଫେରୀ ଏରିଆରେ ଏହା ବ୍ୟବହାର କରାଯାଇପାରିବ। କୋର ଏରିଆରେ କେବଳ ଡି।ଏସ।ଏଲ।ଆର, ବ୍ରିଜ କ୍ୟାମେରା କିମ୍ବା ମିରରଲେସ କ୍ୟାମେରା ବ୍ୟବହାର କରିହେବ, କିନ୍ତୁ ମୋବାଇଲ କ୍ୟାମେରା ବ୍ୟବହାର ନିଷେଧ। ଏହାଛଡ଼ା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଏବଂ ଶବ୍ଦ ପ୍ରଦୂଷଣ ଉପରେ କଡ଼ା କଟକଣା ଜାରି କରାଯାଇଛି ବୋଲି ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନର ଉପନିର୍ଦ୍ଦେଶକ ସୁମିତ କୁମାର କର କହିଛନ୍ତି। ତେବେ ଆଜି ପ୍ରଥମ ଦିନରେ ଶିମିଳିପାଳ ଭ୍ରମଣରେ ଆସିଥିବା ପର୍ଯ୍ୟଟକମାନଙ୍କ ମହଲରେ ଅନେକ ଉତ୍ସାହ ରହିଛି ବୋଲି ପର୍ଯ୍ୟଟକ ସୁମିତ ପଟନାୟକ, ଡକ୍ଟର ସୋନାଲୀ ମୁଖାର୍ଜୀ, ଦୀପାୟନ ମୁଖାର୍ଜୀ ପ୍ରମୁଖ କହିଛନ୍ତି।

ବାଲେଶ୍ୱରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ବାଲେଶ୍ୱର, ୦୧/୧୧ (ନି.ପ୍ର): ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ (ରାଷ୍ଟ୍ରୀୟ ଏକତା ଦିବସ) ଅବସରରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏକ ବିଶାଳ 'ଏକତା ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଏହି ପ୍ରାତଃକାଳୀନ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରବୋଧ କୁମାର ମଲ୍ଲିକ ଯୋଗ ଦେଇଥିଲେ। ଆଜି ସକାଳ ୭:୦୦ ଟାରେ ନୂତନ



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ପଦଯାତ୍ରା ବାହାରି ଏଡିଏମ୍ ଛକ, ଷ୍ଟେସନ ଛକ, ଫକୀର ମୋହନ ଗୋଲେଇ ଏବଂ ଫାଣ୍ଡିଛକ ଦେଇ ପୁନର୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଫେରିଥିଲା। ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଏହି ପଦଯାତ୍ରା ମାଧ୍ୟମରେ ସହରବାସୀଙ୍କୁ ବାର୍ତ୍ତା ଦିଆଯାଇଛି। ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମଗ୍ର କାର୍ଯ୍ୟକ୍ରମଟି ଅତି ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ପଦଯାତ୍ରାରେ ବିଭିନ୍ନ ବର୍ଗର ଜନସାଧାରଣ, ଯୁବକ ଓ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଏବଂ ନୀଳଗିରି ପୋଲିସର ମିଳିତ ଚଢ଼ାଉ: ବାଇକ ଆରୋହୀଙ୍କୁ ୮୯ହଜାର ଟଙ୍କା ଚାଲାଣ

ନୀଳଗିରି , ୦୧/୧୧ (ନି.ପ୍ର): ରବିବାର ଅପରାହ୍ନ ପ୍ରାୟ ୪.୩୦ମିନିଟ୍ ସମୟରେ ନୀଳଗିରି ସହରସ୍ଥ ପାନବରଜ ନିକଟରେ ଜିଲ୍ଲା ପରିବହନ ବିଭାଗ ଓ ନୀଳଗିରି ପୋଲିସର ମିଳିତ ଚଢ଼ାଉରେ ବାଇକ ଚାଳକଙ୍କ ଠାରୁ ୮୯ହଜାର ଟଙ୍କାର ଚାଲାଣ କଟାଯାଇଥିବା ଜଣାପଡିଛି। ବାଇକ୍ ଚାଳକଙ୍କ ହେଲମେଟ୍ ,ଲାଇସେନ୍ସ ଏବଂ ଗାଡ଼ିର ସମସ୍ତ କାଗଜପତ୍ର ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି। ଗାଡ଼ି ଚାଳକମାନେ ବିନା ହେଲମେଟରେ ଗାଡି ଚଳାଉଥିବା ବେଳେ ଅଧିକାଂଶଦିନ ଏକ୍ସିଡେଣ୍ଟର ଶିକାରହୋଇ ଲୋକଙ୍କର ପ୍ରାଣହାନୀ ହେଉଛି।ଏହାକୁ ଦୃଷ୍ଟିରେ ରଖି ଆଜି ପାନବରଜ ଛକ ନିକଟରେ ମିଳିତ ଚେକିଙ୍ଗ୍ ହେଉଥିଲା। ଏହି ଚେକିଙ୍ଗ୍ ରେ ଅତିରିକ୍ତ ଆଞ୍ଚଳିକ ପରିବହନ ବିଭାଗର ଅଧିକାରିଣୀ ସାବିତ୍ରୀ ହେମ୍ବ୍ରମ୍, ନୀଳଗିରି ଥାନା ଏସ୍ ଆଇ ବିଶ୍ୱଜିତ ସାହୁ , କନେଷ୍ଟବଳ ଧନେଶ୍ୱର କିସ୍କୁ, ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଚେକିଙ୍ଗ ସମୟରେ ମୋଟ୍ ୨୦ଟି ବାଇକରୁ ୮୯ହଜାର ଟଙ୍କା ଚାଲାଣ କଟାଯାଇଥିବା ସୂଚନା ମିଳିଛି।

ମୟୂରଭଞ୍ଜ ଜିଲ୍ଲାର କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ

ବାରିପଦା, ୦୧/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପାଇଁ ଆଉ ଏକ ଖୁସି ଖବର। ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରାଳୟ ରେ କାର୍ଯ୍ୟରତ ବରିଷ୍ଠ ମିଡିଆ କୋର୍ଡିନେଟର ଡକ୍ଟର ସୁପ୍ରଭା ଦାଶ ଙ୍କୁ ଉଉଉଓ (ଦିବ୍ୟାଙ୍ଗ କ୍ରିକେଟ ଆସୋସିଏସନ୍ ଅଫ ଇଣ୍ଡିଆ)ର ଉପଦେଷ୍ଟା ଭାବେ ଆଗାମୀ ୩ ବର୍ଷ ପାଇଁ ନିଯୁକ୍ତି ମିଳିଛି। ଦିବ୍ୟାଙ୍ଗ କ୍ରିକେଟ ଖେଳାଳି ମାନଙ୍କ ପାଇଁ ଆବଶ୍ୟକ ହେଉଥିବା ଭିତ୍ତିଭୂମି ର ବିକାଶ ସହିତ କ୍ରିକେଟର ବିକାଶ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ସହିତ ଯୋଗସୂତ୍ର ରକ୍ଷା କରିବା ଉପଦେଷ୍ଟାଙ୍କ ଦାୟିତ୍ୱ ବୋଲି DCCI ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ଡକ୍ଟର ସୁପ୍ରଭା ଦାଶ ଗଣଯୋଗାଯୋଗ ବିଭାଗରେ ଉଚ୍ଚଶିକ୍ଷା ଲାଭ କରିବା ପରେ ଦେଶର ବହୁ ପ୍ରମୁଖ ଗଣମାଧ୍ୟମ ସଂସ୍ଥା ରେ ନିଜର କ୍ୟାରିୟର ଆରମ୍ଭ କରି କେନ୍ଦ୍ର ସରକାର ଙ୍କ ବିଭିନ୍ନ ମନ୍ତ୍ରାଳୟ ରେ ସିନିୟର୍ ମିଡିଆ କୋର୍ଡିନେଟର ଭାବରେ ନିଜର ଦକ୍ଷତା ର ପରିଚୟ ସୃଷ୍ଟି କରିପାରିଛନ୍ତି। ବର୍ତ୍ତମାନ DCCIର ଏହି ନିଷ୍ପତ୍ତି ପରେ ମୟୂରଭଞ୍ଜ ଜିଲ୍ଲାର କ୍ରିଡ଼ାପ୍ରେମୀଙ୍କ ମଧ୍ୟରେ ଅଧିକ ଉତ୍ସାହ ବୃଦ୍ଧି ପାଇଥିବା ବେଳେ ସୁପ୍ରଭା ଦାଶଙ୍କ ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରିଛନ୍ତି।

ଖଡ଼ିଆ ଜନଜାତିର ଦିନଚର୍ଯ୍ୟା: ସ୍ୱାଭିମାନ ସହ ଜୀବନ ବଂଚିବା, ସଂକୀର୍ଣ୍ଣତାଠାରୁ ଦୂରେଇ ଯିବା

ଉଦଳା , ୦୧/୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ ବସବାସ କରୁଥିବା ଖଡ଼ିଆ ଜନଜାତି ଲୋକଙ୍କର ଆଚାର, ବ୍ୟବହାର, ଚଳଣି ଓ ଦିନଚର୍ଯ୍ୟା ଉପରେ ନଜର ପକାଇଲେ ବହୁକିଛି କଥା ଶିଖିବାକୁ ମିଳେ । ଯାହାକି ଅନ୍ୟ ଜନଜାତିଙ୍କ ପାଇଁ ଆଜି ଉଦାହରଣ ପାଲଟିଛି । କେବଳ ଜନଜାତିର ଲୋକ ନୁହେଁ ସବର୍ଣ୍ଣ ଲୋକେ ମଧ୍ୟ ଖଡ଼ିଆ ଜନଜାତିର ଲୋକଙ୍କ ଠାରୁ ଶିକ୍ଷା କରିବା ଦରକାର ବୋଲି ବହୁ ଜ୍ଞାନିଗୁଣି ଲୋକେ ମତ ଦେଇଛନ୍ତି । ମୟୂରଭଂଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଜନଜାତିର ଲୋକେ ବସବାସ କରୁଥିବା ବେଳେ ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ଶାଳବଣି, ଗୋଠସାହି ଓ ନାଏକ ସାହି ଠାରେ ଖଡ଼ିଆ ବସ୍ତି ରହିଛି । ଜାତିକୁ ନେଇ ସମାଜରେ ଦେଖାଯାଉଥିବା ସଂକିର୍ଣ୍ଣତା ଖଡ଼ିଆ ଜନଜାତିର ଲୋକଙ୍କ ଠାରେ ଆଦୌ ଦେଖିବାକୁ ମିଳେ ନାହିଁ । ଖଡ଼ିଆ ଜନଜାତିର ପୁଅ ଅନ୍ୟ ଯେ କୌଣସି ଜାତିର ଝିଅକୁ ଭଲପାଇ ବିବାହ କଲେ ଏଥିରେ କୌଣସି ପ୍ରତିକ୍ରିୟା ଦେଖିବାକୁ ମିଳେ ନାହିଁ । ସମ୍ମାନର ସହ ଘରର ବହୁ ଭାବରେ ତାଙ୍କୁ ଗ୍ରହଣ କରିନିଆଯାଇଥାଏ । ସେହିପରି ଖଡ଼ିଆ ଜାତିର ଝିଅ ଅନ୍ୟ ଜାତିର ପୁଅକୁ ଭଲପାଇ ବିବାହ କଲେ ଏଥିରେ ମଧ୍ୟ ପ୍ରତିକ୍ରିୟା ଦେଖାଯାଏ ନାହିଁ। ଘରର ଜ୍ୱାଇଁ ଭାବରେ ତାଙ୍କୁ ମଧ୍ୟ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ଯେଉଁଥି ପାଇଁ ଖଡ଼ିଆ ଜନଜାତିର ଲୋକଙ୍କୁ ସଂକିର୍ଣ୍ଣତା ଠାରୁ ଉର୍ଦ୍ଧରେ ଥିବା ମଣିଷ ଭାବରେ ଗଣାଯାଇଥାଏ । ଏକ୍ଷେତ୍ରରେ ଉଦାହରଣଟିଏ ଦେଲେ କଥାଟି ସ୍ପଷ୍ଟ ହୋଇଯିବ । ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ଶାଳବଣି ଗ୍ରାମରେ ଥିବା ଖଡ଼ିଆ ବସ୍ତିରେ ଏକ ପରିବାରରେ ୩ଜଣ ବୋହୂ ଅନିତା, ମୀନତି ଓ ମିରା ଭିନ୍ନଭିନ୍ନ ଜାତିର ଅଟନ୍ତି । ଅନିତା ଦାଶ ଜାତିରେ ବ୍ରାହ୍ମଣ ହୋଇଥିବା ବେଳେ ମିନତି ଦେହୁରୀ ଭୂମିଜ ଓ ମିରା ଦେହୁରୀ ସାଉଁତି ଜାତିର ଅଟନ୍ତି । ଶାଶୁ ରମା ଦେହୁରୀ ୩ଜଣ ଯାକ ବୋହୁଙ୍କୁ ସାଙ୍ଗରେ ନେଇ ବେଶ ଖୁସିରେ ଅଛନ୍ତି । ସେହିପରି ଏହି ବସ୍ତିରେ ବସବାସ କରୁଥିବା ସାବିତ୍ରି ଶିଅଳଙ୍କ ପୁତ୍ର ବଧୂ ଜଳି ସେଠୀ ଜାତିରେ ଧୋବା ଅଟନ୍ତି । ଏମାନେ ସମସ୍ତେ ମିଳିମିଶି ସାଙ୍ଗରେ ରହିବା ସହ ହସଖୁସିରେ ଦିନ ବିତାଉଛନ୍ତି । ଖଡ଼ିଆ ବସ୍ତିରେ ଏପରି ଦୃଶ୍ୟ ଏବେ ସମସ୍ତଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛି । ସେହିପରି କୌଣସି ପ୍ରଲୋଭନର ଶିକାର ହୋଇ ଖଡ଼ିଆ ଜନଜାତିର ଲୋକେ ନିଜର ଧର୍ମ ପରିବର୍ତନ କରି ନାହାଁନ୍ତି । ଯେଉଁଥିପାଇଁକି ଖଡ଼ିଆ ଜନଜାତିର ଲୋକଙ୍କୁ ସ୍ୱାଭିମାନି ଜାତି ବୋଲି କୁହାଯାଉଛି । ଖଡ଼ିଆ ଜାତିର ଲୋକଙ୍କର ଦିନଚର୍ଯ୍ୟା ଓ ଜୀବନ ବଂଚିବାର ରଣକୌଶଳ ଆଜି ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛି । ଆଗାମି ଦିନରେ ଖଡ଼ିଆ ଜନଜାତିର ଲୋକେ ସମାଜର ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେବେ ବୋଲି ଜନଜାଗୃତି ମଂଚର ସ୍ୱେଚ୍ଛାସେବି ମାନେ ମତ ଦେଇଛନ୍ତି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida